আଜି -ବୁଧବାର
ତାରିଖ - ୨୪ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୧୦
ତିଥି - ଦଶମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଚିତ୍ରା, ତୁଳା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୩: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ସଂକଟ ଓ ଅଚଳାବସ୍ଥା ମଧ୍ୟ କିଛି ଶିକ୍ଷା ଦେଇଥାଏ, ଆଉ ତାହା ହେଉଛି- ସେଗୁଡ଼ିକ ଆମକୁ ଚିନ୍ତା କରିବାକୁ ବାଧ କରିଥାନ୍ତି ।"

- ଜବାହାରଲାଲ୍ ନେହରୁ


E-News : www.Ajikali epaper.com

Vol.- 41 ISSUE- 71 R.N.I. REGD. No. 44026/86 ବାଲେଶ୍ୱର ୨୪ ଜୁନ୍ ୨୦୨୬ ବୁଧବାର BALASORE 24 JUNE 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

### ଓଡ଼ିଶାରୁ ସାନ୍ତାଳି ଶିକ୍ଷାବିତ୍ ଚରଣ ହେମ୍ବ୍ରମ, ଖ୍ୟାତନାମା ବୁଣାକାର ଶରତ କୁମାର ପାତ୍ର, ବର୍ଷୀୟାନ ପ୍ରହ୍ଲାଦ ନାଟକ କଳାକାର ସୀମାଂଚଳ ପାତ୍ର ପାଇଲେ ପଦ୍ମଶ୍ରୀ

ନୂଆଦିଲ୍ଲୀ : ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ବେସାମରିକ ସମ୍ବର୍ଦ୍ଧନା





ସମାରୋହ ଅନୁଷ୍ଠିତ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପଦ୍ମ ବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି । ପୁରସ୍କାର ସମାରୋହରେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଦୁଇ ଜଣଙ୍କୁ ପଦ୍ମ ବିଭୂଷଣ, ୭ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୫୭ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି । ଓଡ଼ିଶାରୁ ବିଶିଷ୍ଟ ସାନ୍ତାଳି ଶିକ୍ଷାବିତ୍ ଚରଣ ହେମ୍ବ୍ରମ, ଖ୍ୟାତନାମା ବୁଣାକାର ଶରତ କୁମାର ପାତ୍ର, ବର୍ଷୀୟାନ ପ୍ରହ୍ଲାଦ ନାଟକ କଳାକାର ସୀମାଂଚଳ ପାତ୍ର ରାଷ୍ଟ୍ରପତିଙ୍କ ଦ୍ୱାରା ପଦ୍ମଶ୍ରୀରେ ସମ୍ମାନିତ ହୋଇଛନ୍ତି । ବିଶିଷ୍ଟ ଆଇନଜ୍ଞ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି କେ.ଟି ଥୋମାସ ଏବଂ ଜାତୀୟତାବାଦୀ ସାମ୍ବାଦିକ ରୂପେ ପରିଚିତ ପି. ନାରାୟଣନଙ୍କୁ ପଦ୍ମବିଭୂଷଣ ପ୍ରଦାନ କରାଯାଇଛି । ଏହାବ୍ୟତୀତ ଟେନିସ୍ ଜଗତର ଅନ୍ୟତମ କିମ୍ବଦନ୍ତୀ ଖେଳାଳୀ ଡକ୍ଟର ବିଜୟ ଅମୃତ ରାଜ, ବିଭିନ୍ନ ଅଭିନେତା ମାମୁଟ୍ଟି, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ, ବିଶିଷ୍ଟ ଗାୟିକା ଅଲକା ୟାଗ୍ନିକ ପ୍ରମୁଖ ପଦ୍ମ ଭୂଷଣ ପୁରସ୍କାର ପାଇଛନ୍ତି ।

ଓଡ଼ିଶାରୁ ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିତ୍ୱଙ୍କ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା: ଶ୍ରୀ ଚରଣ ହେମ୍ବ୍ରମ୍ ୯ ଫେବୃଆରୀ ୧୯୫୨ ମସିହାରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଂଚଳରେ ଜନ୍ମିତ ଶ୍ରୀ ଚରଣ ହେମ୍ବ୍ରମ ଜଣେ ସାନ୍ତାଳି (ଅଲ ଚିକି) ଶିକ୍ଷାବିତ୍ ତଥା ସାଂସ୍କୃତିକ କର୍ମୀ, ଯିଏ ଓଡ଼ିଶାରେ ସାନ୍ତାଳି ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର ସହିତ ଏହାକୁ ସଂସ୍ଥାଗତ ରୂପ ଦେବାରେ ଉଲ୍ଲେଖନୀୟ ଅବଦାନ ଦେଇଛନ୍ତି । ଶ୍ରୀ ହେମ୍ବ୍ରମ ୧୯୯୨ ରୁ ୨୦୦୪ ପର୍ଯ୍ୟନ୍ତ ଏଏସଇସିଏ (ଓ), ରାଇରଙ୍ଗପୁର ଅଧୀନରେ ଓଡ଼ିଶାର ସାନ୍ତାଳୀ ଶିକ୍ଷା ବୋର୍ଡର ସଚିବ ଭାବରେ କାର୍ଯ୍ୟ କରିଛନ୍ତି । ନିଜର କାର୍ଯ୍ୟକାଳ ମଧ୍ୟରେ ସେ ସାନ୍ତାଳି ଶିକ୍ଷାରେ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିଛନ୍ତି । ଜଣେ ଶିକ୍ଷାବିତ୍ ତଥା ସାଂସ୍କୃତିକ କର୍ମୀ ଭାବେ ସେ ବିଭିନ୍ନ ଅଲ ଇତୁନ ଅସ୍ରା, ସାନ୍ତାଳ ଆଖଡ଼ା ଆଦି ପ୍ରତିଷ୍ଠା କରିଛନ୍ତି । ସର୍ବୋପରି, ସାନ୍ତାଳି ସାହିତ୍ୟ, ସଂଗୀତ, ନୃତ୍ୟ, ନାଟକ ଏବଂ ସାମାଜିକ ସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଛି ।

## ୨୦୨୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କ ସହିତ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ସେବା ତୀର୍ଥରେ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ସହକାରୀ ସଚିବ ଭାବରେ ନିଯୁକ୍ତ ହୋଇଥିବା ୨୦୨୪ ବ୍ୟାଚ୍ ର ୧୮୩ ଆଇଏଏସ୍ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କ ସହିତ ଆଲୋଚନା କରିଛନ୍ତି । ଯୁବ ଅଧିକାରୀମାନେ ସେମାନଙ୍କର କ୍ଷେତ୍ର ତାଲିମ୍ ସମୟରେ ଏବଂ ମନ୍ତ୍ରଣାଳୟ ମଧ୍ୟରେ ସେମାନଙ୍କର ପୋଷ୍ଟିଂ ଅବଧିରେ କାମକୁ ନେଇ ସେମାନଙ୍କର ଅଭିଜ୍ଞତା ସମ୍ପର୍କରେ କହିଥିଲେ । ଅଧିକାରୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଦୁଇ ବର୍ଷ କ୍ଷେତ୍ର ସ୍ତରରେ କାର୍ଯ୍ୟ ଏବଂ ପ୍ରଶାସନିକ ପ୍ରକ୍ରିୟା ଶିଖିବା ପରେ, ସେମାନେ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଠିଆ ହୋଇଛନ୍ତି । ଏବେ ସେମାନଙ୍କର ନିଷ୍ପତି କେବଳ ସେମାନଙ୍କ କ୍ୟାରିଅର ନୁହେଁ ବରଂ ଲକ୍ଷ ଲକ୍ଷ ନାଗରିକଙ୍କ ଭବିଷ୍ୟତକୁ ମଧ୍ୟ ଗଢ଼ି ତୋଳିବ । ସାର୍ବଜନୀନ ସେବାର ପ୍ରକୃତ ପରୀକ୍ଷା ସାଧୁତା, ସମ୍ବେଦନଶୀଳତା ଏବଂ ପ୍ରତିବଦ୍ଧତାର ସହିତ ବାସ୍ତବ ଜୀବନ ପରିସ୍ଥିତିକୁ ପରିଚାଳନା କରିବା ସହିତ ଆରମ୍ଭ ହୁଏ । ପ୍ରଧାନମନ୍ତ୍ରୀ ଯୁବ ପ୍ରଶାସନିକ ଅଧିକାରୀମାନଙ୍କୁ ଉଦ୍ଦେଶ୍ୟ, ନବସୃଜନ ଏବଂ ନାଗରିକ - କେନ୍ଦ୍ରିକ ଶାସନର ଏକ ଦୃଢ଼ ଭାବନା ସହିତ ରାଷ୍ଟ୍ର ନିର୍ମାଣରେ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ



କରିଥିଲେ । ପ୍ରତ୍ୟେକ ପ୍ରଶାସନିକ ଫାଇଲ ପଛରେ ଥିବା ମାନବୀୟ ପ୍ରଭାବକୁ ସବୁବେଳେ ମନେ ରଖିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଉଲ୍ଲେଖ କରିଥିଲେ ଯେ ପ୍ରତ୍ୟେକ ଫାଇଲ ଅଗଣିତ ନାଗରିକଙ୍କ ଆଶା, ଚିନ୍ତା ଏବଂ ଜୀବନକୁ ପ୍ରତିନିଧିତ୍ୱ କରେ । 'ନାଗରିକ ଦେବୋ ଭବ' ମନ୍ତ୍ର ଉପରେ ଗୁରୁତ୍ୱାରୋପ କରି, ସେ ଅଧିକାରୀମାନଙ୍କୁ ପ୍ରତ୍ୟେକ ନିଷ୍ପତିର ମୂଳରେ ନାଗରିକମାନଙ୍କୁ ସ୍ଥାନିତ କରିବାକୁ ଏବଂ ପ୍ରଶାସନ ଯେପରି ସମ୍ବେଦନଶୀଳ, ଉତରଦାୟୀ ଏବଂ ଅନ୍ତର୍ଭୁକ୍ତ ରହିବ, ତାହା ନିର୍ଣ୍ଣିତ କରିବାକୁ ଆହ୍ୱାନ କରିଥିଲେ । 'ସମ୍ପୂର୍ଣ୍ଣ - ସରକାର' ଆଭିମୁଖ୍ୟର ଆବଶ୍ୟକତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପ୍ରମୁଖ ବିକାଶ ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକୁ ବିଭିନ୍ନ ବିଭାଗଗୁଡ଼ିକ ପୃଥକ ଭାବରେ କାମ କରିବା ଦ୍ୱାରା ସମାଧାନ କରାଯାଇପାରିବ ନାହିଁ । ଅର୍ଥପୂର୍ଣ୍ଣ ଏବଂ ଦୀର୍ଘସ୍ଥାୟୀ ଫଳାଫଳ ହାସଲ କରିବା ପାଇଁ ବିଭାଗଗୁଡ଼ିକ ମଧ୍ୟରେ ଉତମ ସମନ୍ୱୟ ଜରୁରୀ । 'ବିକଶିତ ଭାରତ ୨୦୪୭' ର ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଗାମୀ ଦଶନ୍ଧି ଗୁଡ଼ିକରେ, ପ୍ରତ୍ୟେକ ନୀତି ଏବଂ ପ୍ରଶାସନିକ ନିଷ୍ପତିର ଉଦ୍ଦେଶ୍ୟ ଏକ ବିକଶିତ ଭାରତ ନିର୍ମାଣରେ ଯୋଗଦାନ ଦେବା ଉଚିତ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତର ବର୍ତମାନର ପ୍ରାଥମିକତାରେ 'ଆତ୍ମନିର୍ଭର ଭାରତ', 'ମେକ୍ ଇନ୍ ଇଣ୍ଡିଆ', ଉତ୍ପାଦନ ବୃଦ୍ଧି, ଶକ୍ତି ସୁରକ୍ଷା ଏବଂ ଯୁବପିଢ଼ିଙ୍କ ପାଇଁ ସୁଯୋଗ ସୃଷ୍ଟି ଅନ୍ତର୍ଭୁକ୍ତ । ଗତ ଦଶନ୍ଧିରେ ଶାସନରେ ପରିବର୍ତ୍ତନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ପ୍ରଶାସନ ଏକ ପ୍ରକ୍ରିୟା - କେନ୍ଦ୍ରିକ ମଡେଲରୁ ଫଳାଫଳ - କେନ୍ଦ୍ରିକ ଆଭିମୁଖ୍ୟକୁ ରୂପାନ୍ତରିତ ହୋଇଛି । ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ନାଗରିକମାନଙ୍କୁ ସହଜ ଏବଂ ସ୍ୱଚ୍ଛତା ସହିତ ସେବା ପ୍ରଦାନ କରିବାରେ ଡିଜିଟାଲ୍ ଶାସନ, କୃତ୍ରିମ ବୁଦ୍ଧିମତା ଏବଂ ପ୍ରଯୁକ୍ତିର ବର୍ଦ୍ଧିତ ଭୂମିକା ବିଷୟରେ ସେ ଉଲ୍ଲେଖ କରିଥିଲେ । ତଥ୍ୟ - ଚାଳିତ ଶାସନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ତଥ୍ୟକୁ କେବଳ ସଂଖ୍ୟା ଭାବରେ ଦେଖାଯିବା ଉଚିତ ନୁହେଁ, ବରଂ ଲକ୍ଷ ଲକ୍ଷ ଲୋକଙ୍କ ସାମୂହିକ ଜୀବନ, ଆହ୍ୱାନ ଏବଂ ଆକାଂକ୍ଷାର ପ୍ରତିଫଳନ ଭାବରେ ଦେଖାଯିବା ଉଚିତ ।

## ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଭାରତ ମାତାର ମହାନ ସୁପୁତ୍ର ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ 'ରାଷ୍ଟ୍ର ପ୍ରଥମ' ନୀତିରେ ଅନୁପ୍ରାଣିତ ହୋଇ ପବିତ୍ର ଓଡ଼ିଶା ମାଟି ତଥା ସମଗ୍ର ଭାରତବର୍ଷକୁ ସଶକ୍ତ, ସମୃଦ୍ଧ ଓ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ କାର୍ଯ୍ୟ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି । ଆଜି ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ଏହି ଆହ୍ୱାନ ଦେଇଛନ୍ତି । ଡଃ ମୁଖାର୍ଜୀଙ୍କ ଅତୁଳନୀୟ ତ୍ୟାଗ ଓ ଶିକ୍ଷା ସଂସ୍କାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାତ୍ର ୩୩ ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ । ଦେଶର ଏକତା ଓ ଅଖଣ୍ଡତା ପାଇଁ ଜାମ୍ମୁ-କାଶ୍ମୀର ଆନ୍ଦୋଳନରେ ସେ ଦେଇଥିବା ଐତିହାସିକ ସ୍ଲୋଗାନ



'ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ ନେହିଁ ଚଲେଙ୍ଗେ' ସମଗ୍ର ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧିଥିଲା । ସେ ଆହୁରି କହିଥିଲେ ଯେ କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଏବଂ ଭୁଲ୍ ନୀତି ଯୋଗୁଁ କାଶ୍ମୀର ଉପରେ ଲଦି ଦିଆଯାଇଥିବା ଧାରା ୩୭୦ ଭଳି କଳା ଆଇନ ଯୋଗୁଁ ଦୀର୍ଘ ଦଶନ୍ଧି ଧରି ଲକ୍ଷ ଲକ୍ଷ ନିରୀହ ଲୋକ ପ୍ରାଣ ହରାଇଥିଲେ ଓ ଶରଣାର୍ଥୀ ସଦୃଶ ଜୀବନ ବିତାଇଥିଲେ । ସେ ପ୍ରକାଶ କରିଥିଲେ ଯେ, ବିନା ପରମିଟ୍‌ରେ କାଶ୍ମୀର ପ୍ରବେଶ କରି ଗିରଫ ହେବା ପରେ ଜେଲ୍ ଭିତରେ ସନ୍ଦେହଜନକ ପରିସ୍ଥିତିରେ ଡଃ ମୁଖାର୍ଜୀଙ୍କ ମୃତ୍ୟୁର କୌଣସି ତଦନ୍ତ ତତ୍କାଳୀନ କଂଗ୍ରେସ ସରକାର କରାଇନଥିଲେ, ଯାହା ଇତିହାସର ସବୁଠାରୁ ବଡ଼ ଦୁର୍ଭାଗ୍ୟଜନକ ଅଧ୍ୟାୟ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଗତ ୫ ଅଗଷ୍ଟ ୨୦୧୯ ମସିହାରେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇ ଡଃ ମୁଖାର୍ଜୀଙ୍କ ସେହି ଅଧୁରା ସ୍ୱପ୍ନକୁ ସାକାର କରାଯାଇଛି ଏବଂ ଏହାହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଆଜି ଗୋଟିଏ ସମ୍ବିଧାନ ଏବଂ ଗୋଟିଏ ତ୍ରିରଙ୍ଗା ଭାରତର ବିଜୟ ପତାକା ଉଡ଼ାଉଛି । ୨୧ ଅକ୍ଟୋବର ୧୯୫୧ରେ ଡଃ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭାରତୀୟ ଜନସଂଘ' ଆଜି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ 'ଭାରତୀୟ ଜନତା ପାର୍ଟି' ଭାବେ ଉଭା ହୋଇଛି, ଯାହାର ମୂଳମନ୍ତ୍ର ହେଉଛି ସାଂସ୍କୃତିକ ରାଷ୍ଟ୍ରବାଦ ।

## ନାଫେଡର ଇ-ନିଲାମ ପୋର୍ଟାଲର ଶୁଭାରମ୍ଭ କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ଭାରତୀୟ ଜାତୀୟ କୃଷି ସମବାୟ ବିପଣନ ମହାସଂଘ ଲିମିଟେଡ (ନାଫେଡ୍) ର ଇ-ନିଲାମ ପୋର୍ଟାଲ 'ଘଇରରଢ.ସଭ' ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ, ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କ୍ରିଷନ ପାଲ ଗୁର୍ଜର, ସମବାୟ ମନ୍ତ୍ରଣାଳୟର ସଚିବ ଡ. ଆଶିଷ କୁମାର ଭୁଟାନୀ, ନାଫେଡର ଅଧ୍ୟକ୍ଷ ଶ୍ରୀ ଜେଠାଭାଇ ଅହିର ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ନାଫେଡ୍ ଆଜି ଚାରିଟି ପ୍ରମୁଖ ପଦକ୍ଷେପ ଯଥା ଘଇରରଢ.ସଭ, ଦୃଷ୍ଟି, ଇ. ଆର. ପି. ଏବଂ ନାଫେଡ୍ କଲ୍ୟାଣର ଶୁଭାରମ୍ଭ କରିଛି । ସେ କହିଥିଲେ ଯେ 'ଘଇରରଢ.ସଭ' ଏବଂ ଅନ୍ୟ ପଦକ୍ଷେପଗୁଡ଼ିକ ଅତ୍ୟନ୍ତ




ଗୁରୁତ୍ୱପୂର୍ଣ୍ଣ କାରଣ ୨୦୧୪ରେ ନାଫେଡ୍ ବନ୍ଦ ହେବାର ଦ୍ୱାରଦେଶରେ ଥିଲା, କିନ୍ତୁ ଏହି ପ୍ରୟାସ କାରଣରୁ ନାଫେଡ୍ ଆଜି ଦେଶର ୭୪ ଲକ୍ଷରୁ ଅଧିକ କୃଷକଙ୍କୁ ୩୦,୦୦୦ କୋଟି ଟଙ୍କାର କାରବାର ଏବଂ ୫୦୦ କୋଟି ଟଙ୍କାର ଲାଭ ସହିତ ସେବା ପ୍ରଦାନ କରୁଛି । ଶ୍ରୀ ଶାହ କହିଥିଲେ ଯେ ଯେତେବେଳେ ନାଫେଡ୍ ଗଭୀର ଆର୍ଥିକ ସଙ୍କଟରେ ଥିଲା, ସେତେବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଚଳାଇବାକୁ ନିଷ୍ପତି ନେଇଥିଲେ । ସେ କହିଥିଲେ ଯେ ଭାରତ ସରକାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ଏବଂ ନାଫେଡ୍‌କୁ ପୁଣି ଥରେ ଦୃଢ଼ ସ୍ଥିତିରେ ରଖିଛନ୍ତି । ଶ୍ରୀ ଅମିତ ଶାହ କହିଥିଲେ ଯେ ଆଜି ନାଫେଡ୍ ଉଭୟ ଉତ୍ପାଦନ ଏବଂ କ୍ରୟରେ ଉଲ୍ଲେଖନୀୟ ବୃଦ୍ଧି କରିଛି । ଡାଲି କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରିବା ପାଇଁ, ଏନ୍. ସି. ସି. ଏଫ୍. ଏବଂ ନାଫେଡ କୁ କୃଷକମାନଙ୍କଠାରୁ ସିଧାସଳଖ ଡାଲି କ୍ରୟ କରିବା ଦିଗରେ ଅଧିକ ଦ୍ରୁତ ଗତିରେ ଆଗକୁ ବଢ଼ିବାକୁ ପଡ଼ିବ । ଏହା କୃଷକମାନଙ୍କ ପାଇଁ ଉଚିତ ଏବଂ ପାରିଶ୍ରମିକ ମୂଲ୍ୟ ସୁନିର୍ଣ୍ଣିତ କରିବ, ଡାଲି ଚାଷ ଅଧୀନରେ କ୍ଷେତ୍ରକୁ ସ୍ୱୟଂକ୍ରିୟ ଭାବରେ ବୃଦ୍ଧି କରିବ ଏବଂ ଦେଶକୁ ଡାଲି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବ । କେନ୍ଦ୍ର ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ଗତ ତିନି ବର୍ଷ ମଧ୍ୟରେ ଡାଲି, ମକା ଏବଂ ଅନ୍ୟାନ୍ୟ ଉତ୍ପାଦଗୁଡ଼ିକର ପ୍ରତ୍ୟକ୍ଷ କ୍ରୟ ପାଇଁ ଆବଶ୍ୟକ ଭିତିଭୂମି ସୃଷ୍ଟି କରାଯାଇଛି ।

## ଅଳ୍ପରେ ଖବର

» ପରୀକ୍ଷାର୍ଥୀଙ୍କ ପାଇଁ ବଡ଼ ଖବର । ଆସନ୍ତା ୨୮ ତାରିଖରେ ହେବ ଆରଆଇ ଅମିନ ପରୀକ୍ଷା । ବଦଳିବ ଓଟିଇଟି ପରୀକ୍ଷା ତାରିଖ । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

» ରାଜ୍ୟରେ ସାର ଯୋଗାଣକୁ ନେଇ ବଡ଼ ଅପଡେଟ୍ ଦେଲେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ । ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରହିଛି ।

## ରଥଯାତ୍ରା ପୂର୍ବରୁ ସବୁ ବିଭାଗ ନିଜ କାମ ସାରିବାକୁ ନିର୍ଦ୍ଦେଶ ଦେଲେ ଆଇନମନ୍ତ୍ରୀ

ପୁରୀ : ଚଳିତ ବର୍ଷ ରଥଯାତ୍ରାରେ ୨୨୦ ପ୍ଲାଟୁନ ପୋଲିସ ଫୋର୍ସ



ମୁତୟନ ହେବ । ଯାତ୍ରୀଙ୍କ ପାଇଁ ରେଳ ବିଭାଗ ପକ୍ଷରୁ ୩୭୦ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଯାତ୍ରୀ ଙ୍କୁ ସୂଚନା ପ୍ରଦାନ ପାଇଁ ସହରର ବିଭିନ୍ନ ସ୍ଥାନରେ ୬୫ ଟି ଏଲଇଡି ଡିସପ୍ଲେ ଲାଗିବ । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଟାଉନ ହଲ ଠାରେ ଅନୁଷ୍ଠିତ ଦ୍ୱିତୀୟ ସମନ୍ୱୟ ବୈଠକରେ ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ବୈଠକରେ ରଥ ନିର୍ମାଣ, ସ୍ୱାସ୍ଥ୍ୟ ଓ ପରିମଳ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ ସୁରକ୍ଷା, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ନିର୍ମାଣ, ସ୍ୱେରେଜ୍ ଓ ଡ୍ରେନେଜ ବ୍ୟବସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ବୈଠକରେ ସୂଚନା ଦେଇ କହିଥିଲେ ଏବର୍ଷ ଅଧିକ ଚାରମାଳ ସେଟ୍ ପାଇଁ ତାଳ ଗଛ କାଠ ପହଂଚି ସାରିଛି । ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଁଚିଛି ।ରଥ ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରଥ ନିର୍ମାଣ କମିଟି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଠନ କରାଯାଇଛି । ରଥ ଟଣା ଓ ପହଣ୍ଡିକୁ ଶୃଙ୍ଖଳିତ କରିବା ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଳିତ ବର୍ଷ ଅନେକ ପଦକ୍ଷେପ ନିଆଯାଇଛି । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ୨୦୦ଟି ଅତିରିକ୍ତ ଶଯ୍ୟା ବ୍ୟବସ୍ଥା ହେବ । ସହରର ବିଭିନ୍ନ ସ୍ଥାନରେ ୩୦ ଟି ଆଶୁ ଆରୋଗ୍ୟ କେନ୍ଦ୍ର ହେବ । ସେହିପରି ଗହଳି ଓ ସମ୍ବେଦନଶୀଳ ସ୍ଥାନରେ ରାପିଡ ରେସ୍ପନ୍ସ ଟିମ୍ କାମ କରିବ । ୨୩୦ ଡାକ୍ତରଙ୍କ ସହ ସ୍ପେଶିଆଲିଷ୍ଟ ଡାକ୍ତର ଆସିବେ । ପୁରୀରେ ସ୍ଥାୟୀ ବର୍ଣ୍ଣ ଓ କ୍ୟାଥୋଲାବ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ବର୍ଷା ଜଳ ନିଷ୍କାସନ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ପାୱାର ପମ୍ପ ରଖାଯିବ । ଦେବସ୍ନାନ ପୂର୍ଣ୍ଣମୀରେ ୩୦୦ ଅସ୍ଥାୟୀ ଶୌଚାଳୟକୁ ମିଶାଇ ସହରରେ ମୋଟ ୧୬୦୦ ଟି ଅସ୍ଥାୟୀ ଶୌଚାଳୟ ହେବ । ୨୩ ଟି ସ୍ଥାନରେ ହେବ ଅସ୍ଥାୟୀ ପାର୍କିଂ ।

## ରାଜନୈତିକ ଦଳଗୁଡ଼ିକ ସହ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର : ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର. ଏସ. ଗୋପାଳନ ଙ୍କ ଅଧ୍ୟକ୍ଷତାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।। ଏହି ବୈଠକରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ର ଅଗ୍ରଗତି ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ସମଗ୍ର ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଏବଂ ଡିଜିଟାଇଜେସନର ବର୍ତମାନର ସ୍ଥିତି ଉପରେ ଏଥିରେ ଆଲୋଚନା ହୋଇଥିଲା । ଏହା ସହିତ ଆସନ୍ତା ୦୫ ଜୁଲାଇ ରେ ପ୍ରକାଶ ପାଇବାକୁ ଥିବା 'ଚିଠା ଭୋଟର ତାଲିକା' ଏବଂ ଏହି ସଂଶୋଧନ ପ୍ରକ୍ରିୟାର



ପରବର୍ତୀ ପର୍ଯ୍ୟାୟଗୁଡ଼ିକର ସୁପରିଚାଳନା ନେଇ ରଣନୀତି ପ୍ରସ୍ତୁତ କରାଯାଇଛି । ଏକ ସମ୍ପୂର୍ଣ୍ଣ, ସଠିକ୍ ଏବଂ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ପ୍ରକ୍ରିୟାରେ ପ୍ରଭାବଶାଳୀ ସହଭାଗିତା ବୃଦ୍ଧି କରିବା ଓ କେହି ଜଣେ ବି ଯୋଗ୍ୟ ଭୋଟର ଯେମିତି ବାଦ୍ ନ ପଡିବେ ସେ ଲାଗି ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଏଜେଂଟ ମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଆସନ୍ତା ଜୁନ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ କରିବା ପାଇଁ ନିଷ୍ପତି ନିଆଯାଇଛି । ଏହି ଚିଠା ?ଭୋଟର ତାଲିକାକୁ ନେଇ କୌଣସି ପ୍ରକାରର ଆପତି କିମ୍ବା ଅଭିଯୋଗ ଥିଲେ, ୦୫ ଜୁଲାଇ ରୁ ୦୪ ଅଗଷ୍ଟ ୨୦୨୬ ମଧ୍ୟରେ ଆପତି ଦାଖଲ କରାଯାଇପାରିବ । ସେହିପରି ରାଜ୍ୟରେ ଆଜି ସୁଦ୍ଧା ୯୯.୯୧ ପ୍ରତିଶତ ଅର୍ଥାତ ୩କୋଟି ୩୩ଲକ୍ଷ ୬୯ହଜାର ୬୨୭ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଂଟନ ହୋଇଥିବା ବେଳେ ,ସେଥି ମଧ୍ୟରୁ ୯୦.୮୬ ପ୍ରତିଶତ ଅର୍ଥାତ ୩କୋଟି ୩୪ଲକ୍ଷ ୬ହଜାର ୭୨୯ଜଣ ଭୋଟରଙ୍କର ଡିଜିଟାଇଜେସନ କରାଯାଇଛି । ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପାଳନ ,ଅତିରିକ୍ତ ସିଇଓ ଶ୍ରୀ ସୁଶାନ୍ତ କୁମାର ମିଶ୍ର ,ଯୁଗ୍ମ ସିଇଓ ଶ୍ରୀ ଗୋପୀନାଥ କୁଅଁର ,ଡେ଼ପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ଓ ଶ୍ରୀମତୀ ଅନାମିକା ସିଂ ଙ୍କ ସମେତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ନୀଳଗିରିଙ୍କ ପବିତ୍ର ରଥଯାତ୍ରା ନିମନ୍ତେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

ବାଲେଶ୍ୱର, /ନୀଳଗିରି: ଅଦ୍ୟ ଅପରାହ୍ନ ସାଢେ ଚାରି ଘଟିକା ସମୟରେ ସ୍ଥାନୀୟ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ପବିତ୍ର ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କ ଅଧକ୍ଷତାରେ ପ୍ରଥମ ପର୍ଯ୍ୟାୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଯୋଗ ଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ମାନ୍ୟବର ବିଧାୟକ ନୀଳଗିରି ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ,ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା, ଏନ୍.ଏ.ସି.ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅଂଶୁମାନ ପରିଡ଼ା,ଅତିରିକ୍ତ ତହସିଲଦାର ଶ୍ରୀମତୀ ଶୁଭଶ୍ରୀ ଜେନା, ଏନ୍.ଏ.ସି.କାର୍ଯ୍ୟ ନିର୍ବାହୀ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା



ପ୍ରମୁଖ ମଂଚାସିନ ଥିଲେ ।ଏହି ବୈଠକରେ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟ/ସଦସ୍ୟମାନଙ୍କୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଆନୁଷ୍ଠାନିକ ଭାବେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ପରେ ଏହି ପବିତ୍ର ଘୋଷ ଯାତ୍ରାକୁ ଶାନ୍ତି, ଶୃଙ୍ଖଳା ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧକ୍ଷ ଶ୍ରୀମତୀ ରଥ ଉପସ୍ଥିତ ସମସ୍ତ ସଦସ୍ୟା/ସଦସ୍ୟ ମାନଙ୍କ ସହଯୋଗ କାମନା କରିବା ସହ ବିବରଣୀ ଅନୁସାରେ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ଓ ପରାମର୍ଶ କ୍ରମେ ନିମ୍ନ ପ୍ରମୁଖ ନିଷ୍ପତି ମାନ ଗ୍ରହଣ କରାଯାଇଛି ।ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଉତରରେ ମହାରଣା ଓ ସହଯୋଗୀ ଆସନ୍ତା ୧୦ ତାରିଖ ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟର ସମ୍ପନ୍ନ ହେବ ବୋଲି ପ୍ରକାଶ କରିଥିଲେ ଏବଂ ଅଧକ୍ଷ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ କ୍ଷେତ୍ରରେ ରଥଯାତ୍ରା ସମୟରେ ବ୍ୟାପକ ପୋଲିସ ମୁତୟନ ସହ ଶାନ୍ତିଶୃଙ୍ଖଳା ରକ୍ଷା ଓ ସହରରେ ଯେପରି କୌଣସି ଟ୍ରାଫିକ ସମସ୍ୟା କିମ୍ବା ଜାମ ନହୁଏ, ସେଥିପାଇଁ ସ୍ୱତନ୍ତ୍ର ଟ୍ରାଫିକ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି ।ରଥାରୂଢ଼ ସଦସ୍ୟ ଓ ବକ୍ତା ରଥ ଉପରେ କେଉଁ ସେବାୟତ ଓ ସଦସ୍ୟମାନେ ଉପସ୍ଥିତ ରହିବେ ଏବଂ ପ୍ରବଚକ କେଉଁମାନେ ବକ୍ତବ୍ୟ ପ୍ରଦାନ କରିବେ, ତାହାର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇଛି ।ଜଳ ଓ ବିଦ୍ୟୁତ ସେବା ନିରବିଚ୍ଛିନ୍ନ ଭାବେ ଜାରି ରଖିବା ।ସେବା ସମୟରେ ଅଦିନିଆ ବିଦ୍ୟୁତ କାଟ୍ ଯେପରି ନହୁଏ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରାଯିବା, ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ସୂଚନା କେନ୍ଦ୍ର ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ଏକ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ଏକ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲା ଯିବା ପାଇଁ ନିଷ୍ପତି ହୋଇଛି । ରଥ ଯାତ୍ରା ସମୟରେ ସହରର ଗାରିମା ରକ୍ଷା କରିବା ପାଇଁ ଆଇନ୍ ଶୃଙ୍ଖଳା ରକ୍ଷା ଏବଂ ଶାନ୍ତି ପୂର୍ଣ୍ଣ ବାତାବରଣ ପାଇଁ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ସମୟରେ ୩ଦିନ ଲେଖାଏଁ ସମ୍ପୃକ୍ତ ଅଂଚଳରେ ଏବଂ ବଡ଼ଦାଣ୍ଡ ଆଖ ପାଖରେ ଥିବା ସମସ୍ତ ବିଦେଶୀ ଓ ଦେଶୀ ମଦ ଦୋକାନ,ଆମିଷ ଏବଂ ରଙ୍ଗ ବୋଳା ଭୋଗ ସାମଗ୍ରୀ ଉପରେ କଟକଣା ଜାରି ପାଇଁ ପ୍ରଚାର କରାଯାଇ ଅବଗତ କରିବା ପାଇଁ ନିଷ୍ପତି ହୋଇଛି । ଏତଦ୍ ଭିନ୍ନ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ସହରର ପ୍ରମୁଖ ସ୍ଥାନ ମାନଙ୍କରେ ଓ ବଡ଼ଦାଣ୍ଡ ପାର୍ଶ୍ୱରେ ପର୍ଯ୍ୟାପ୍ତ ଅସ୍ଥାୟୀ ଭ୍ରାମ୍ୟମାଣ ପରିସ୍ରାଗାର ତିଆରି କରାଯିବାକୁ ନିଷ୍ପତି ନିଆଯାଇଛି । ସହର ଏବଂ ମୁଖ୍ୟ ରାସ୍ତା ଗୁଡ଼ିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଅଳିଆ ଆବର୍ଜନା ସଫା କରାଯିବା ଉପରେ ଗୁରୁତ୍ୱ ଦେବାକୁ ସିଦ୍ଧାନ୍ତ ହୋଇଛି । ରଥ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀ ଭଳି ପଡ଼ିଆରେ ପାରମ୍ପରିକ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ନିଷ୍ପତି ହୋଇଛି । ପବିତ୍ର ଘୋଷ ଯାତ୍ରା ସମୟରେ ଶ୍ରଦ୍ଧାଳୁ ଭକ୍ତଙ୍କ ସୁରକ୍ଷା ଓ ସେବାକୁ ସୁନିଶ୍ଚିତ କରିବା ପାଇଁ ପ୍ରଶାସନ,ପୋଲିସ ପ୍ରଶାସନ ଓ ପୌର ପରିଷଦଙ୍କ ମିଳିତ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ପରାମର୍ଶ ଦେଇଥିଲେ ।

ଏହି ମହାପ୍ରଭୁଙ୍କ ପ୍ରଥମ ପର୍ଯ୍ୟାୟ ବୈଠକରେ ନୀଳଗିରି ସହରର ବୁଦ୍ଧିଜୀବି, ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ,ସମାଜସେବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତା, ଆଇନଜୀବୀ, ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ସମେତ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଶେଷରେ ବୈଠକର ସଫଳତା ନିମନ୍ତେ ଉପଜିଲ୍ଲାପାଳ ତଥା ଅଧକ୍ଷ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟ ତିଥି ଅବସରରେ ବଳିଦାନ ଦିବସ ପାଳନ



ବାଲେଶ୍ୱର(ନି.ପ୍ର.)ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଙ୍କ ସଭାପତିତ୍ୱ ରେ. ଅନୁଷ୍ଠିତ ବଳିଦାନ ଦିବସ ପାଳନ ଅବସରରେ ଜିଲ୍ଲା ସଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ ମଂଚ ପରିଚାଳନା କରିଥିଲେ ବରିଷ୍ଠ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ଉପ ସଭାପତି ଗୌରାଙ୍ଗ ଚରଣ ଦାସ, ସିପ୍ରା ରେଖା ମହାପାତ୍ର,ସସ୍ମିତା ଚାନ୍ଦ,ଜିଲ୍ଲା ସଂପାଦକ ଚିତରଞ୍ଜନ ପଣ୍ଡା ପ୍ରମୁଖ ମଂଚାସିନ ଥିଲେ । ଜିଲ୍ଲା ବିଜେପି ସମ୍ପାଦକ ରାଜେଶ୍ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଜିଲ୍ଲା ବିଜେପି ସଭାପତି ଶ୍ରୀଯୁକ୍ତ ବେହେରା ତାଙ୍କ ଅଭିଭାଷଣରେ କହିଥିଲେ ଯେ ଡ଼ ଶ୍ୟାମାପ୍ରସାଦ ମୁଖାର୍ଜୀ ଭାରତର ଜଣେ ପ୍ରମୁଖ ରାଜନେତା, ଆଇନଜୀବୀ ଓ ଶିକ୍ଷାବିଦ୍ ଥିଲେ । ସେ ସ୍ୱାଧୀନ ଭାରତର ପ୍ରଥମ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ଜଣେ ଦୃଢ଼ ରାଷ୍ଟ୍ରବାଦୀ ନେତା ଭାବେ ସେ ୧୯୫୦ ମସିହାରେ ନେହେରୁଙ୍କ ମନ୍ତ୍ରିମଣ୍ଡଳରୁ ପଦତ୍ୟାଗ କରିଥିଲେ ଏବଂ ୧୯୫୧ ମସିହାରେ ଭାରତୀୟ ଜନ ସଂଘ ପ୍ରତିଷ୍ଠା କରିଥିଲେ, ଯାହା ପରେ ବିକଶିତ ହୋଇ ଭାରତୀୟ ଜନତା ପାର୍ଟି ହୋଇଥିଲା , ତାଙ୍କ ତ୍ୟାଗ ନିଷ୍ଠା ରେ ଅନୁପ୍ରାଣିତ ହୋଇ ଦେଶ ପ୍ରେମ କୁ ପାଥେୟ କରି ଆଜିର ଯୁବ ବର୍ଗ ଆଗେଇବା ଉଚିତ୍ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ରବିତା ଦାସ,ଜିଲ୍ଲା ଯୁବ ମୋର୍ଚ୍ଚ ସଭାପତି ନାରାୟଣ ମହନ୍ତ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ ମହାନ୍ତି, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ସନ୍ତୋଷ ସେଠୀ, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ସମାୟ ଟୁଡୁ, ଜିଲ୍ଲା ଗଣ ମାଧ୍ୟମ ସହ ସଂଯୋଜକ ରଣଜିତ୍ ପୃଷ୍ଟି,ରଜ୍ୟ ଅନୁସୂଚୀତ ଜନଜାତି ମୋର୍ଚ୍ଚା ସମ୍ପାଦିକା ଶାକମ୍ବରି ସିଂ , କାର୍ଯ୍ୟକାରିଣୀ ସଦସ୍ୟ ବିପିନ ମାରାଣ୍ଡି ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ସ୍ୱର ଝଙ୍କାର ସେଠୀ, ଅନ୍ୟ ମାନଙ୍କ ମଧ୍ୟରେ ରାଜେନ୍ଦ୍ର ଚାଟାର୍ଜୀ, ମାନସ ମହାନ୍ତି,ଆଶ୍ରିତା ତରାଇ, ମିହିର ମାଝୀ, ପ୍ରହଲ୍ଲାଦ ଦାସ, ନିରୋଜ ବେହେରା , ହରେକୃଷ୍ଣ ବେହେରା, ତପନ ମହାଳିକ, ତପନ ମଲ୍ଲିକ, ନିଶିକାନ୍ତ ସେଠୀ, ଅବିନାଶ ମହାପାତ୍ର, ସନ୍ଧ୍ୟାରାଣୀ ଦାସ, ଜୟଶ୍ରୀ ସେଠୀ, ପ୍ରିୟା ମଲିକ୍, ଶିଲି ବେହେରା, ଅଙ୍କିତା ପଣ୍ଡା, ଧର୍ମେନ୍ଦ୍ର ରାଉତ୍, ସମୀର ପ୍ରଧାନ, ଉମେଶ ଦାସ, ହରିଚନ୍ଦନ ଦାସ,ଶୁଭସ୍ମିତା ଦାସ,ପ୍ରମୁଖ ଉପସ୍ଥିତ ଥିଲେ, କାର୍ଯ୍ୟକ୍ରମ ଆରମ୍ଭ ରେ ବନ୍ଦେ ମାତରଂ ଗାନ ଓ କାର୍ଯ୍ୟକ୍ରମ ର ଶେଷ ରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା, ଉପସ୍ଥିତ ସମସ୍ତ ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତା ମାନେ ଡ଼. ମୁଖାର୍ଜୀ ଙ୍କ ଫୋଟ ଚିତ୍ର ରେ ପୁଷ୍ପ ଓ ଧୂପ ଦେଇଥିଲେ ।

# ମିଶନ ବାତ୍ସଲ୍ୟ ଅଧୀନରେ ନୀଳଗିରିରେ ଅନୁଷ୍ଠିତ ହେଲା ଅନାଥ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଶିବିର

ବାଲେଶ୍ୱର(ନି.ପ୍ର.): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ବାଲେଶ୍ୱର ପକ୍ଷରୁ ମିଶନ ବାତ୍ସଲ୍ୟର ତତ୍ତ୍ୱାବଧାନରେ ନୀଳଗିରି ବ୍ଲକରେ ଏକ ଅନାଥ ସର୍ଭେ ଉତ୍ପାଦନ ଶିବିର-୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ନୀଳଗିରି ବ୍ଲକର ବିଡିଓ, ବାଲେଶ୍ୱରର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ), ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି)ର ଅଧକ୍ଷ ଓ ସଦସ୍ୟମାନେ, ବିଇଓ, ବିଏସ୍ଏସ୍ଓ, ନୀଳଗିରିର ସିଡିପିଓ, ଡିସିପିୟୁ କର୍ମଚାରୀ, ଆଇସିଡିଏସ୍ ? ସୁପରଭାଇଜର, ଅଙ୍ଗନୱାଡି କର୍ମୀ



ଏବଂ ବିଭିନ୍ନ ବିଭାଗର ଅଂଶୀଦାରମାନେ ଯୋଗ ଦେଇଥିଲେ ।ସର୍ଭେ ମାଧ୍ୟମରେ ଚିହ୍ନଟ ହୋଇଥିବା ବହୁ ସଂଖ୍ୟକ ଅନାଥ ଏବଂ ଅସହାୟ ଶିଶୁଙ୍କୁ ଶିଶୁ କଲ୍ୟାଣ କମିଟି ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ସେମାନଙ୍କର ମୂଲ୍ୟାଙ୍କନ କରାଯିବା ସହ ମିଶନ ବାତ୍ସଲ୍ୟ ଏବଂ ଅନ୍ୟାନ୍ୟ ସରକାରୀ ଯୋଜନା ଅଧୀନରେ ଉପଲବ୍ଧ କଲ୍ୟାଣମୂଳକ ଓ ପୁନର୍ବାସ ସେବା ସହିତ ସଂଯୋଗ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଶିବିରରେ ଶିଶୁମାନଙ୍କର ବିବରଣୀ ଯାଂଚ, ସେମାନଙ୍କର ଆବଶ୍ୟକତାର ମୂଲ୍ୟାଙ୍କନ ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା, ସୁରକ୍ଷା ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଏହି ପଦକ୍ଷେପ ଜିଲ୍ଲାର ଅନାଥ ଓ ବିପନ୍ନ ଶିଶୁମାନଙ୍କ ସାମଗ୍ରିକ ବିକାଶ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି ମତ ପ୍ରକାଶ ପାଇଛି ।

# ଏନଫୋର୍ସମେଂଟ ଟିମ୍ ଉପରେ ଆକ୍ରମଣକୁ TPNODLର ନିନ୍ଦା; ଜନସାଧାରଣଙ୍କ ସହଯୋଗ ପାଇଁ ନିବେଦନ

ବାଲେଶ୍ୱର, (ନି.ପ୍ର.): ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ଗତ ୧୯ ଜୁନ୍ ?ରେ ଭଦ୍ରକ ଜିଲ୍ଲାର ଚାନ୍ଦିପୁର ଗ୍ରାମରେ ନିୟମିତ ଯାଂଚ ବେଳେ ଏନଫୋର୍ସମେଂଟ ଟିମ୍ ଉପରେ ହୋଇଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି । ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ସ୍ୱଚ୍ଛତା ବଜାୟ ରଖିବା ଏବଂ ଅଂଚଳର ସମସ୍ତ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନେ ନିଜର ଦାୟିତ୍ୱ ତୁଲାଉଥିଲେ । ଟିପିଏନଓଡିଏଲ୍ ଏନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏଭଳି ଘଟଣାର ପୁନରାବୃତି ରୋକିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି । ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ନେଇ ଲାଇନମ୍ୟାନ, ଇଞ୍ଜିନିୟର, ସହକାରୀ ସଂସ୍ଥା କର୍ମଚାରୀ, ଏନଫୋର୍ସମେଂଟ କର୍ମଚାରୀ ଏବଂ ଗ୍ରାହକ ସେବା ଅଧିକାରୀ ପ୍ରଭୃତି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅକ୍ଲାନ୍ତ ପରିଶ୍ରମ କରିଥାନ୍ତି । ଦୁର୍ଗମ ଅଂଚଳ, ବିଳମ୍ବିତ ରାତି, ପ୍ରତିକୂଳ ପାଗ, ବାତ୍ୟା ତଥା କାଳବୈଶାଖୀ ସମୟରେ ଅଂଚଳରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା, ଯାଂଚ କରିବା ତଥା ଉପଭୋକ୍ତାଙ୍କୁ ଉପଯୁକ୍ତ ବିଦ୍ୟୁତ ସେବା ଯୋଗାଇବା ପାଇଁ ସଦାସର୍ବଦା କାର୍ଯ୍ୟରତ ରହିଥାନ୍ତି । ଏଭଳି ହିଂସାତ୍ମକ କାର୍ଯ୍ୟ କର୍ତବ୍ୟରତ କର୍ମଚାରୀଙ୍କ ସୁରକ୍ଷାକୁ ବିପଦରେ ପକାଇବା ସହ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଦିନରାତି କାର୍ଯ୍ୟରତ କର୍ମୀଚାରୀଙ୍କ ମନୋବଳ ହ୍ରାସ କରିଥାଏ । ଏହି ଘଟଣାକୁ ନିନ୍ଦା କରି ଟିପିଏନଓଡିଏଲ୍ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ କମ୍ପାନୀ ଏଭଳି ଘଟଣାକୁ ଜନସ୍ୱାର୍ଥ ତଥା ବିକାଶର ଏକ ପ୍ରତିବନ୍ଧକ ଭାବେ ଗ୍ରହଣ କରେ । କ୍ଷେତ୍ରସ୍ତରରେ କାର୍ଯ୍ୟରତ ବିଦ୍ୟୁତ ଅଧିକାରୀଙ୍କୁ ସହଯୋଗ କରିବା ସହ ସେମାନଙ୍କ କର୍ତବ୍ୟରେ ବାଧା ସୃଷ୍ଟି କରୁଥିବା ଆଚରଣରୁ ବିରତ ରହିବାକୁ ଉପଭୋକ୍ତାମାନଙ୍କୁ ସେ ଅନୁରୋଧ କରିଛନ୍ତି । ଏହା ସହିତ ଟିପିଏନଓଡିଏଲ୍ ନିଜ ନିଜ ଅଂଚଳରେ ହେଉଥିବା ବିଦ୍ୟୁତ୍ ଚୋରି ଘଟଣା ସମ୍ପର୍କରେ ସୂଚନା ଦେବାକୁଉପଭୋକ୍ତାମାନଙ୍କୁ ଆହ୍ୱାନ କରିଛି । ବିଦ୍ୟୁତ୍ ଆଇନ, ୨୦୦୩ ଅନୁଯାୟୀ ବିଦ୍ୟୁତ ଚୋରି ଏକ ଦଣ୍ଡନୀୟ ଅପରାଧ, ଯାହା ପାଇଁ ଜରିମାନା ଏବଂ ଜେଲ୍ ଦଣ୍ଡର ପ୍ରାବଧାନ ରହିଛି । ବିଦ୍ୟୁତ ଚୋରି ଯୋଗୁଁ ସାଧୁ ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ ପଡ଼ିବା ସହ ସମଗ୍ର ଅଂଚଳ ତଥା ରାଜ୍ୟରେ ବିଦ୍ୟୁତ ସେବାର ଗୁଣବତା ଓ ନିର୍ଭରଯୋଗ୍ୟତା ଉପରେ ପ୍ରତିକୂଳ ପ୍ରଭାବ ପଡିଥାଏ । ଟିପିଏନଓଡିଏଲ୍ ନିଜ ଅଂଚଳର ବିଦ୍ୟୁତ ଉପଭୋକ୍ତାମାନଙ୍କ ସେବାରେ ନିୟୋଜିତ ଏହାର କର୍ମଚାରୀମାନଙ୍କ ମର୍ଯ୍ୟାଦା ଓ ସୁରକ୍ଷା ସୁନିଶ୍ଚିତ କରିବା ସହ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ଗୁଣାତ୍ମକ ବିଦ୍ୟୁତ ସେବା ପ୍ରଦାନ କରିବାକୁ ସଦା ପ୍ରତିବଦ୍ଧ ରହିଛି ।

TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

# ଖଣ୍ଡେଲୱାଲ ପରିଷଦ ଆନୁକୂଲ୍ୟରେ ବିଶ୍ୱ ଯୋଗ ଦିବସ ପାଳିତ

ବାଲେଶ୍ୱର,(ନି.ପ୍ର.):ବିଶ୍ୱ ଯୋଗ ଦିବସ ଅବସରରେ ବାଲେଶ୍ୱର ମୋତିଗଞ୍ଜସ୍ଥିତ ରାଜସ୍ଥାନ ଭବନରେ ଖଣ୍ଡେଲୱାଲ ପରିଷଦ ଆନୁକୂଲ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି । ମାରୱାଡି ସମାଜର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଖଣ୍ଡେଲୱାଲ ପରିଷଦ ପରିଚାଳନା କରିଥିଲା । କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରପରିଷଦ ଅଧକ୍ଷା ସବିତା ସାହୁ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ ଡା. ପ୍ରିୟଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିୟମିତ ଯୋଗାଭ୍ୟାସର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ସେମାନେ କହିଥିଲେ ଯେ, ଯୋଗ ଶରୀର ଓ ମନକୁ ସୁସ୍ଥ ରଖିବା ସହ ବିଭିନ୍ନ ରୋଗରୁ ମୁକ୍ତି ପାଇବାରେ ସହାୟକ ହୋଇଥାଏ । ପ୍ରତ୍ୟେକ ବ୍ୟକ୍ତି ଦୈନନ୍ଦିନ ଜୀବନରେ କିଛି ସମୟ ଯୋଗ ପାଇଁ ନିଶ୍ଚିତ ଭାବେ ବ୍ୟୟ କରିବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଖଣ୍ଡେଲୱାଲ ପରିଷଦର ସଭାପତି ମହେଶ ରାୱତ, ସମ୍ପାଦକ ପ୍ରକାଶ ରାୱତ, କୋଷାଧକ୍ଷ ଦୁର୍ଗାପ୍ରସାଦ ଡେନାୟାଚ, ଉପସଭାପତି ଅନୀଲ ମାମୋଡିଆ, ଶ୍ୟାମସୁନ୍ଦର ରାୱତ, ନରେଶ ରାୱତ, ବିକାଶ ରାୱତଙ୍କ ସମେତ ବହୁ ସଦସ୍ୟ ଓ ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଯୋଗାଭ୍ୟାସରେ ସାମିଲ ହୋଇଥିଲେ ।

# ଯୁକ୍ତ ତିନି ନାମଲେଖାରେ ସହାୟତା ନିମନ୍ତେ ଯୁବ ଓ ଛାତ୍ର ବିଜେଡିର ହେଲ୍ପ ଡେସ୍କ

ବାଲେଶ୍ୱର(ନି.ପ୍ର.): ଯୁକ୍ତ ତିନି ନାମଲେଖାରେ ନବାଗତ ବିଦ୍ୟାର୍ଥୀ ଓ ଅଭିଭାବକଙ୍କୁ ସହାୟତା ନିମନ୍ତେ ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ହେଲ୍ପ ଡେସ୍କ ସେବା ଆରମ୍ଭ ହୋଇଛି । ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ବିଜେଡି ଛାତ୍ର ନେତା ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଟାଉନ ବିଜେଡି ସଭାପତି ତଥା ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ କୁମାର ରାଉତ, ବିଜେଡି ନେତା ତଥା ଏଫଏମ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ରଘୁନାଥ ଲେଙ୍କା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରଞ୍ଜନ ବାଗ, ଯୁବ ଜନତାର ରାଜ୍ୟ ଉପସଭାପତି ତାପସ ପାଣିଗ୍ରାହୀ, କାଉନସିଲର ସନ୍ଧ୍ୟାରାଣୀ ଜେନା,



ପୂର୍ବତନ କାଉନସିଲର ରମେଶ ମାଝୀ, ଯୁବ ନେତା ଭରତ ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ହେଲ୍ପ ଡେସ୍କକୁ ଉଦଘାଟନ କରିଥିଲେ । ଉତମ ବ୍ୟବହାର ସହ ସଭିଙ୍କୁ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ । ଛାତ୍ରନେତାଙ୍କ ମଧ୍ୟରେ ପାର୍ଥସାରଥୀ ସାହୁ, ଲକସନ ପ୍ରଧାନ, ଅନୟ କୁମାର ନାୟକ, ଜ୍ୟୋତିପ୍ରକାଶ ବେହେରା, ଜ୍ୟୋତିବିକାଶ ଗିରି, ଦୁଷ୍ମନ୍ତ ପଣ୍ଡା, ସାବିର ହୁସେନ, ସୀତାଂଶୁ ସେନାପତି, ଉମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ଛାତ୍ରନେତା ହେମାନନ୍ଦ ସ୍ୱାଇଁ, ଅଭିଷେକ ମହାପାତ୍ର, ଚନ୍ଦନ ଆଚାର୍ଯ୍ୟ, ଜଗତ ଜେନା, ମାଧବାନନ୍ଦ ଖଟୁଆ, ତୁଷାରକାନ୍ତ ଗିରି, ସଞ୍ଜୟ ମଣ୍ଡଳ, ମାନସରଞ୍ଜନ ନାୟକ, ଓମ୍ ପ୍ରକାଶ ବିଶ୍ୱାଳ, ଦୀପକ ପୃଷ୍ଟି, ଲିପୁନ୍ ମଣ୍ଡଳ, ବିବେକନନ୍ଦ ଘୋଷ, ରାଜକୁମାର ନାୟକ, ଅଭିନାଶ ନାୟକ ପ୍ରମୁଖ ହେଲ୍ପଡେସ୍କରେ ଦିନତମାମ୍ ବସିବା ସହ ନବାଗତ ବିଦ୍ୟାର୍ଥୀଙ୍କୁ ସହଯୋଗ କରିଥିଲେ । ଏହି ଅବସରରେ ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ପାଇଁ ଦହି ସର୍ବତ ପ୍ରଦାନ କରାଯାଇଥିଲା । ପ୍ରକାଶ ଥାଉକି, ଏହି ହେଲ୍ପ ଡେସ୍କ ଆହୁରି ୬ଦିନ ପାଇଁ ଚାଲିବ ।

# ଇଗ୍ନୌ ପକ୍ଷରୁ ଆୟୋଜିତ ଲୋକକଳା କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ପ୍ରଶିକ୍ଷଣ ଦେଲେ ବାଲେଶ୍ୱରର ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ

ବାଲେଶ୍ୱର, (ନି.ପ୍ର.): ଫକୀରମୋହନ ବିଶ୍ୱବିଦ୍ୟାଳୟର ଆସିଷ୍ଟାଂଟ ପ୍ରଫେସର ତଥା ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କୁ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୌ) ପକ୍ଷରୁ ଆୟୋଜିତ ଲୋକକଳା କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ଆମନ୍ତ୍ରଣ କରାଯାଇଥିଲା । ଜୁନ୍ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ତିନିଦିନିଆ 'ଭାରତୀୟ ପାରମ୍ପରିକ ଓ ଲୋକକଳା କର୍ମଶାଳା'ରେ ସେ ମାର୍ଗଦର୍ଶକ ଭାବେ ଯୋଗଦେଇ ସ୍ନାତକୋତର ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।କର୍ମଶାଳା ଅବସରରେ ଶ୍ରୀ ସାହୁ ଓଡ଼ିଶାର ପ୍ରସିଦ୍ଧ ପଟ୍ଟଚିତ୍ର ଶୈଳୀକୁ ଆଧାର କରି 'ରାଧା-ମାଧବ' ଶୀର୍ଷକ ଏକ ଆକର୍ଷଣୀୟ ଚିତ୍ରକଳା ସୃଷ୍ଟି କରିଥିଲେ । ତାଙ୍କର ଏହି ସୃଜନଶୀଳ କୃତିକୁ କର୍ମଶାଳାରେ ଉପସ୍ଥିତ ଅଧ୍ୟାପକ, କଳାବିଦ୍ ଓ ଛାତ୍ରଛାତ୍ରୀମାନେ ଭୂୟସୀ ପ୍ରଶଂସା କରିଥିଲେ ।ଏହି କର୍ମଶାଳାରେ ଶ୍ରୀ ସାହୁଙ୍କ ସମେତ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଅନ୍ୟ ଛଅଜଣ ବିଶିଷ୍ଟ ପାରମ୍ପରିକ କଳା ବିଶେଷଜ୍ଞ ଯୋଗ ଦେଇଥିଲେ । ବିଭିନ୍ନ ଭାରତୀୟ ଲୋକକଳା ସମ୍ପର୍କରେ ଅନୁଭୂତି ବିନିମୟ ଓ ଜ୍ଞାନ ଆହରଣ



କରିବାର ସୁଯୋଗ ତାଙ୍କ ପାଇଁ ଅତ୍ୟନ୍ତ ସ୍ମରଣୀୟ ହୋଇଥିବା ସେ ପ୍ରକାଶ କରିଛନ୍ତି ।ପ୍ରଥମ ଥର ପାଇଁ ଏକ ପ୍ରମୁଖ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ସର୍ବଭାରତୀୟ ସ୍ତରରେ ଆମନ୍ତ୍ରଣ ପାଇବା ସହ ଇଗ୍ନୌର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଏବଂ ଭିଜୁଆଲ ଆର୍ଟ ବିଭାଗର ନିର୍ଦ୍ଦେଶକ ପ୍ରଫେସର ଲକ୍ଷ୍ମଣ ପ୍ରସାଦଙ୍କ ହାତରୁ ସମ୍ମାନିତ ହେବା ତାଙ୍କୁ ଅପାର ଆନନ୍ଦ ଦେଇଥିବା ଶ୍ରୀ ସାହୁ ପ୍ରକାଶ କରିଛନ୍ତି । ଏଥିପାଇଁ ସେ ଇଗ୍ନୌ କର୍ତୃପକ୍ଷଙ୍କ ପ୍ରତି କୃତଜ୍ଞତା ଜଣାଇବା ସହ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ପ୍ରତି ମଧ୍ୟ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ନିତ୍ୟାନନ୍ଦ ସାହୁ ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ୍ ଅନ୍ତର୍ଗତ ତୁଟାପଡ଼ା ଗ୍ରାମର ବାସିନ୍ଦା । ବର୍ତମାନ ସେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଂଟ୍ ପ୍ରଫେସର ଭାବେ କାର୍ଯ୍ୟରତ ରହିବା ସହ ଚିତ୍ରକଳା ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ନିଜର ସୃଜନଶୀଳ ଅବଦାନ ଜାରି ରଖିଛନ୍ତି ।

# ମହିଁଶାଳୀ ମୁହାଁଣରେ ମୁନ୍ କମ୍ୟୁନିକେସନ ପକ୍ଷରୁ ପାଳିତ ହେଲା ଆନ୍ତର୍ଜାତୀୟ ନୀଳରକ୍ତ କଙ୍କଡା ଦିବସ

ବାଲେଶ୍ୱର(ନି.ପ୍ର.): ସାମାଜିକ ସଂଗଠନ 'ମୁନ୍ କମ୍ୟୁନିକେସନ' ପକ୍ଷରୁ ମହିଁଶାଳୀ ମୁହାଁଣ ଠାରେ ଆନ୍ତର୍ଜାତୀୟ ନୀଳରକ୍ତ କଙ୍କଡା ଦିବସ ପାଳିତ ହୋଇଯାଇଛି । ସଂଗଠନର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁହାଁଣ ଅଂଚଳର ଡଙ୍ଗା ଓ ଭୁଟଭୁଟି ମାଲିକଙ୍କ ସହ ସେମାନଙ୍କର କର୍ମଚାରୀମାନେ ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମରେ ନୀଳରକ୍ତ କଙ୍କଡାର ଜୀବନଶୈଳୀ, ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହାର ରକ୍ତର ଗୁରୁତ୍ୱପୂର୍ଣ୍ଣ ଅବଦାନ ଏବଂ ସାମୁଦ୍ରିକ ଜୈବ ବିବିଧତା ସୁରକ୍ଷାରେ ଏହାର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।ପରିବେଶ କର୍ମୀ ଉଦୟ ଭାନୁ ନାୟକ ଓ ମୁରଲୀଧର ମହାନ୍ତି ଯୋଗଦେଇ ଉପକୂଳ ବିକାଶ ପ୍ରକଳ୍ପ ଅନ୍ତର୍ଗତ ବେଳାଭୂମିରେ



ବ୍ୟାପକ କଂକ୍ରିଟ ବନ୍ଧ ନିର୍ମାଣ ଫଳରେ ନୀଳରକ୍ତ କଙ୍କଡାଙ୍କ ଅଣ୍ଡାଦାନ ପ୍ରକ୍ରିୟା କିପରି ପ୍ରଭାବିତ ହେଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସେମାନେ ମନୁଷ୍ୟକୃତ ଜାଲରେ ଫସି ନୀଳରକ୍ତ କଙ୍କଡାଙ୍କ ମୃତ୍ୟୁ ରୋକିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଇଥିଲେ ।ବକ୍ତାମାନେ ମତ ଦେଇଥିଲେ ଯେ, ନୀଳରକ୍ତ କଙ୍କଡାମାନେ ଅଣ୍ଡାଦାନ ପାଇଁ ଏହି ଉପକୂଳକୁ ବିଶେଷ ଭାବେ ଚୟନ କରୁଥିବାରୁ ସରକାର ଏହି ଅଂଚଳକୁ ଅଭୟାରଣ୍ୟ ଭାବେ ବିକଶିତ କରିବା ସହ ସେମାନଙ୍କ ବଂଶବୃଦ୍ଧି ଓ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା କରିବା ଆବଶ୍ୟକ ।ଶେଷରେ ମୁହାଁଣ ଅଂଚଳରେ ଜାଲ ସଫେଇ ଅଭିଯାନ କରାଯାଇଥିଲା । ଜାଲରେ ଫସି ରହିଥିବା ଅନେକ ନୀଳରକ୍ତ କଙ୍କଡାଙ୍କୁ ଉଦ୍ଧାର କରି ପୁନର୍ବାର ନଦୀରେ ଛାଡ଼ି ଦିଆ ଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଜଳଧର ବେହେରା, ଜିତେନ୍ଦ୍ର ଦାସ, କାର୍ତିକ ନାୟକ, କରୁଣାକର ଜେନା ଓ ମାଗୁଣିଚରଣ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଶୁଭାରମ୍ଭ



ବୈଶିଙ୍ଗା(ନିପ୍ର) : ବିକାଶ ର ଧାରା ଓଡିଶା ସାରା ଏହି କାର୍ଯ୍ୟକ୍ରମ ରେ ବଡ଼ସାହି ନିର୍ବାଚନ ମଣ୍ଡଳି ଅଧୀନ ବୈଶିଙ୍ଗା ଗ୍ରାମ ପଂଚାୟତ କାର୍ଯ୍ୟାଳୋୟରେ ଲୋକ ପ୍ରିୟ ବିଧାୟକ ସୋନାତନ ବିଜୁଳି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ର ନୂତନ ରେସନ କାର୍ଡ ବଂଟନ କରି ଶୁଭାରମ୍ଭ କରିଥିଲେ ଏଥିରେ ବେତନଟି ବ୍ଲକର ଯୋଗାଣ ଅଧିକାରୀ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବିଷୟରେ ଅବଗତ କରିଥିଲେ ଏହି ଯୋଜନା ଶୁଭାରମ୍ଭ ରେ ପଂଚାୟତର ପିଓ କାର୍ତିକ ଚନ୍ଦ୍ର ସାହୁ, ଯୋଗାଣ ସୋହାୟକ ରାଧାକୃଷନ ନାୟକ, ସରପଂଚ ଓ ଅନ୍ୟାନ୍ୟ ବିଜେପି ର ବରିଷ୍ଠ କର୍ମୀ ବୃନ୍ଦ ଉପସ୍ଥିଥ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରି ଥିଲେ ।

# ବ୍ଲକ୍‌ସ୍ତରୀୟ ଜନସଚେତନତା ଓ ସେବା କାର୍ଯ୍ୟକ୍ରମ



ଖୋର୍ଦ୍ଧା(ନିପ୍ର) : ଖୋର୍ଦ୍ଧା ପଂଚାୟତ ସମିତି ଆନୁକୁଲ୍ୟରେ ବିକାଶର ଧାରା ଓଡ଼ିଶା ସାରା ଅନ୍ତର୍ଗତ ଖୋର୍ଦ୍ଧା ବ୍ଲକରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତି ଜନସଚେତନତା ଓ ସେବା କାର୍ଯ୍ୟକ୍ରମ ମଣ୍ଡଳ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ଫିତା କାଟି ପ୍ରଦର୍ଶନୀ ଷ୍ଟଲ ଉଦ୍ଘାଟନ କରିବାସହ ସାଧାରଣ ସଭା ଓ ହିତାଧିକାରୀ ସେବା ସମାରୋହକୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍ଘାଟନ କରିଥିଲେ । ନିଜ ଉଦବୋଧନରେ ମୁଖ୍ୟ ଅତିଥି କହିଥିଲେ ଖୋର୍ଦ୍ଧା ସଦର ମହକୁମା ସହ ଖୋର୍ଦ୍ଧା ବ୍ଲକର ବିଭିନ୍ନ ଲୋକ କଲ୍ୟାଣ କାରୀ ଯୋଜନା ନୂତନ ସରକାରଙ୍କ ମାତ୍ର ଦୁଇବର୍ଷ ପୂର୍ତିରେ ଦୃତ ଗତିରେ ବିକାଶ ର ଧାରା ଜାରି ରହିଛି କ୍ଷ ଖୋର୍ଦ୍ଧା ଜିଲ୍ଲା ରାଜ୍ୟ ସରକାର ଯେଉଁ ଭିଜନ ରଖିଛନ୍ତି ବିକଶିତ ଓଡ଼ିଶା ୨୦୩୬ ରେ ଖୋର୍ଦ୍ଧା ଜିଲ୍ଲା ସମଗ୍ର ରାଜ୍ୟରେ ଏକ ନମ୍ବର ଜିଲ୍ଲା ହୋଇ ହୋଇ ଗଢି ଉଠିବ ବୋଲି ଦୃଢୋକ୍ତି ପ୍ରଦାନ କରିଥିଲେ । ଏହି ଅବସରରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଜଗଦେବ ଜିଲ୍ଲାବାସୀଙ୍କ ସହଯୋଗ ଲୋଡ଼ିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ କହିଲେ ଓଡ଼ିଶା ସରକାର ଲୋକମାନଙ୍କ ହିତରେ ବିଭିନ୍ନ ପ୍ରକାର ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଜନସାଧାରଣ ମାନେ ସଚେତନ ହେଲେ ଏହି ଯୋଜନା ଗୁଡିକର ସଫଳତା ସେମାନଙ୍କ ପାଖରେ ପହଂଚି ପାରିବ ଏବଂ ଜନ ପ୍ରତିନିଧି ମାନେ ସେଥିପ୍ରତି ମଧ୍ୟ ସଚେତନ ହୋଇ ପ୍ରକୃତ ହିତାଧିକାରୀଙ୍କ ପାଖରେ ଯେପରି ଯୋଜନା ପହଂଚାଇ ଖୋର୍ଦ୍ଧା ଜିଲ୍ଲାକୁ ସର୍ବାଗ୍ରେ ସ୍ଥାନିତ କରିବାକୁ ସମସ୍ତେ ନିଷ୍ଠାପର ଭାବେ ଲୋକଙ୍କ ସେବା କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଜୋନ -୧ ପ୍ରଫୁଲ୍ଲ କୁମାର ଦଳାଇ, ମାନ୍ୟବର ସାଂସଦ ଙ୍କ ପ୍ରତିନିଧି ବିଭୁ ପ୍ରସାଦ ବଳିୟାର ସିଂହ, ପ୍ରତାପ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ଖୋର୍ଦ୍ଧା ବ୍ଲକ ମାନସ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତି ଉପଲକ୍ଷେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ରୂପରେଖ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ବିଧାୟକ, ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରେ ୪୩ ହିତାଧିକାରୀ, ୨୦ ଅଙ୍ଗନୱାଡ଼ି କର୍ମୀଙ୍କୁ ମୋବାଇଲ ଫୋନ୍ ,୨୫ ଜଣ ନିର୍ମାଣ ଶ୍ରମିକଙ୍କୁ ଲେବର କାର୍ଡ, ୩୦ ଜଣଙ୍କୁ ଆୟୁଷ୍ମାନ କାର୍ଡ, ୯ଜଣଙ୍କୁ ପି ଏମ ସେବା ନିଧି, ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ରେ ୧ ଜଣ ବ୍ଲକ ଟପରଙ୍କୁ ସମ୍ବର୍ଦ୍ଧିତ,୨ ଜଣ ଲକ୍ଷ ପତି ଦିଦିଙ୍କୁ ସମ୍ବର୍ଦ୍ଧିତ, ବ୍ଲକରେ ଏସ ଆଇ ଆର କାର୍ଯ୍ୟରେ ଶ୍ରେଷ୍ଠତା ପାଇଁ ବି ଏଲ ଓ ଏବଂ ସୁପରଭାଇଜରଙ୍କୁ ନେଇ ୪, ସମନ୍ୱିତ କୃଷି ଯୋଜନାରେ ସବସିଡି ପାଇଁ ୪ ହିତାଧିକାରୀ, ୩ ଜଣଙ୍କୁ ମାଟି ସ୍ୱାସ୍ଥ୍ୟ କାର୍ଡ, ଆତ୍ମା ଅଧୀନ ସୂର୍ଯ୍ୟମୁଖୀ ଚାଷ ପ୍ରଦର୍ଶନୀ ପାଇଁ ୩ ଜଣ ହିତାଧିକାରୀ, କାମଧେନୁ ଯୋଜନାରେ ୫ ଜଣଙ୍କୁ ସବସିଡି ସହାୟତା ରାଶି, ଗୋ ଖାଦ୍ୟ ଚାଷ ପାଇଁ ୨ ଜଣ, ଆଗକୁ ବଢନ୍ତୁ କାର୍ଯ୍ୟାଦେଶ ୨ ଜଣଙ୍କୁ ଏବଂ ଉଦ୍ୟାନ କୃଷି ସମନ୍ୱିତ କୃଷିରେ ୪ ଜଣଙ୍କୁ ସବସିଡି ହିତାଧିକାରୀଙ୍କୁ ନେଇ ୧୫୭ ଜଣ ହିତାଧିକାରୀଙ୍କୁ ସହାୟତା ବଂଟନ କରିଥିଲେ ।

# ଛାତରୁ ଖସି ଶ୍ରମିକ ଗୁରୁତର

ସୋର(ନିପ୍ର) : ସୋର ପୌର ପାଳିକା ଅନ୍ତର୍ଗତ ବରଫକଳ ଛକ ନିକଟରେ କାମ କରୁଥିବା ବେଳେ ଛାତ ଉପରୁ ଖସି ପଡି ଜଣେ ଶ୍ରମିକ ଗୁରୁତର ଆହତ ହୋଇ ଥିବା ଜଣାପଡିଛି । ସୂଚନା ଅନୁସାରେ ପିଞ୍ଛାବଣିଆ ଗ୍ରାମର ଉମାକାନ୍ତ ବସନ୍ତିଆ ପୌର ପାଳିକା ଅନ୍ତର୍ଗତ ବରଫକଳ ଛକ ନିକଟରେ ଦୀପକ ସାମଲ ନାମକ ଜଣେ ଠିକାଦାରଙ୍କ ଅଧିନରେ ଏକ ପକା ଘରେ କାମ କରିବାକୁ ଆସିଥିଲେ । କାମ କରୁଥିବା ବେଳେ ଏକ ମହଲା ଛାତରୁ ପଡି ସେ ଗୁରୁତର ଆହତ ହୋଇ ଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ରେମୁଣା ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି ।

# ଜିଲ୍ଲା ସ୍ତରୀୟ ଭିନ୍ନକ୍ଷମ ସଂଗଠନ "ସୁବର୍ଣ୍ଣ ସକାଳ"ର ତୃତୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ




ବାରିପଦା(ନିପ୍ର) : ଦିନ ଆମ ମୟୂରଭଞ୍ଜ ଆଥଲେଟିକ କନଫାରେନ୍ସ ହଲ, ବାରିପଦା ଠାରେ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ଭିନ୍ନକ୍ଷମ ସଂଗଠନ "ସୁବର୍ଣ୍ଣ ସକାଳ"ର ତୃତୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ଟି "ସମାହିତା" ପ୍ରକଳ୍ପର ଉରୋପିଆନ ଇଉନିୟନ, ହାଣ୍ଡିକାପ୍ ଇନ୍ଟରନ୍ୟାଶନାଲ ଏବଂ ସାଧନା ବାରିପଦା ସଂସ୍ଥା ସହଜଗ ରେ ଏହି କାର୍ଯ୍ୟକ୍ରମ ଟି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ଟି ସାଧନା ସମାହିତା ପ୍ରକଳ୍ପର ପ୍ରକଳ୍ପ ସଞ୍ଜିକା Swarnajit Kumari Mahapatra ଏବଂ ସମସ୍ତ ପ୍ରକଳ୍ପର ସହଜଗୀ ଯଥା- ବୈଶାଖି ଦଳନାଏକ, ଅନନ୍ୟା ସି, ନମିତା ହାନ୍ସଦାହା, ରଶ୍ମୀରଞ୍ଜନ ଦତ, ଗୀତାମଣି ସିଂ, ଆଶା ମହାନ୍ତ, ଅଭ୍ରାଲୀନ ଲେଙ୍କା ଏବଂ ଘନଶ୍ୟାମ ପ୍ରଜାପତିଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । ଏହି ସାଧାରଣ ପରିଷଦ ବୈଠକରେ ବାରିପଦା, ସୁଲିଆପଦା ଏବଂ କପ୍ତିପଦା ବ୍ଲକର ଭିନ୍ନକ୍ଷମ ଭାଇ ଭଉଣୀ ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିଲେ । ଉକ୍ତ ବୈଠକରେଏହି ସଙ୍ଗଠନର ନୀତିନିୟମ ଓ ନିୟମାବଳୀ ବିସୋୟରେ ସମସ୍ତ ସଦସ୍ୟଙ୍କୁ ଅବଗତି କରଯାଇଥିଲା ।ଏହା ସହିତ ଏହି ସଂଗଠନର ପରିଚାଳନା କୋମିଟି ଚୟନ କରଯାଇଥିଲା । ଦଳ ପରିଚାଳନା ପାଇଁ ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ ଏବଂ କୋଷାଧକ୍ଷ ଚୟନ ମଧ କରଯାଇଥିଲା । ସଭାପତି ଭାବେ- ମନରଞ୍ଜନ ଯେନା (କପ୍ତିପଦା), ଉପ ସଭାପତି- ପ୍ରଶାନ୍ତ କୁମାର ଯେନା (କପ୍ତିପଦା), ସମ୍ପାଦକ ଭାବେ- ଆରତି ବେରା (ବାରିପଦା), ସହ ସମ୍ପାଦକ- ସୁନନ୍ଦା ବିନ୍ଧାଣି (ବାରିପଦା), କୋଷାଧକ୍ଷ – ଗୀତାମଣି ସିଂ (ବାରିପଦା) ।

# ସତସଙ୍ଗ ବିହାରର ୫୧ତମ ପ୍ରତିଷ୍ଠା ଦିବସ ଓ ବଡଦାଙ୍କ ଆଗମନ ଉତ୍ସବ



କଟକ(ନିପ୍ର) : ବକ୍ସିବଜାର ସ୍ଥିତ ସତସଙ୍ଗ ବିହାରରେ ୫୧ତମ ପ୍ରତିଷ୍ଠା ଦିବସ ଉତ୍ସବରେ ସତସଙ୍ଗ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଭଜନ, ଭୋଜନ ଓ ସଂକୀର୍ତନରେ ଭକ୍ତ ମାନଙ୍କର ସମାରୋହ ବେଶ୍ ଆନନ୍ଦ ଦାୟକ ଓ ଉଲ୍ଲାସପୂର୍ଣ୍ଣ ଥିଲା । ପ୍ରାରମ୍ଭିକ ଆଲୋଚନାରେ ଅଧ୍ୟାପକ ଦୀପକ କୁମାର ପରିଡ଼ା ଶ୍ରୀ ଶ୍ରୀ ଠାକୁରଙ୍କର ଭାବାଦର୍ଶ ଓ ସମାଜ ଗଠନରେ ସତସଙ୍ଗର ଭୂମିକା ଉପରେ ଆଲୋକପାତ କରିଥିଲେ । ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ସାଥୀମାନେ ସଙ୍ଗୀତ ପରିବେଷଣ କରିଥିଲେ ।ଉକ୍ତ ସଭାରେ ସଭାପତିତ୍ୱ ଡକ୍ଟର ନଗେନ୍ଦ୍ରନାଥ ସ୍ୱାଇଁ କରିଥିବାବେଳେ ଅନ୍ୟାନ୍ୟ ସମ୍ମାନିତ ଅତିଥି ଓ କର୍ମୀ ମାନଙ୍କ ମଧ୍ୟରେ ସର୍ବଶ୍ରୀ ଅମରନାଥ ବାନାର୍ଜୀ, ଡମ୍ବରୁଧର ଦାସ, ରମାକାନ୍ତ ଦାଶ, ନୃସିଂହ ଚରଣ ମହାନ୍ତି, ରାଜ କିଶୋର ପ୍ରଧାନ, ଶରତ ଚନ୍ଦ୍ର ଦାସ, ଧ୍ରୁବ ଚରଣ ସାହୁ, ସଞ୍ଜୀବ କୁମାର ନାୟକ, ପବିତ୍ର ମେର୍କାପ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ । ଏତଦ୍ ବ୍ୟତୀତ ଡକ୍ଟର ପ୍ରଭାସ ଚନ୍ଦ୍ର ସୁବୁଦ୍ଧି, ଡକ୍ଟର ନରେଶ ପଟ୍ଟନାୟକଙ୍କ ସହିତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ହୋଇ ସତସଙ୍ଗରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଦୁଇ ହଜାରରୁ ଅଧିକ ସତସଙ୍ଗୀ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସତସଙ୍ଗ ବିହାରର ପରିଚାଳକ ଇଂ ସନାତନ ନାୟକ ସମସ୍ତ କାର୍ଯ୍ୟକ୍ରମକୁ ସରସ ଓ ସୁନ୍ଦର କରିବା ପାଇଁ ଚେଷ୍ଟା କରିଥିଲେ । ସର୍ବ ଶେଷରେ ଧୀରେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନାଥରେ ଅନହରପୁର ଗ୍ରାମୀଣ ଉଦ୍ୟାନ

ଧାମନଗର(ନିପ୍ର) : ଧାମନଗର ବ୍ଲକର ପ୍ରଥମ ଗ୍ରାମୀଣ ଉଦ୍ୟାନ ଆଜି ଅବହେଳା ଓ ଅବ୍ୟବସ୍ଥାର ଅନ୍ଧକାରରେ ହଜିଯାଇଛି । ଭଗବାନପୁର ପଂଚାୟତର ଅନହରପୁର ଗ୍ରାମରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପାର୍କ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଅନାଥ ପରି ପଡ଼ିରହିଛି । ଯେଉଁ ପାର୍କ ଏକଦିନ ଗ୍ରାମବାସୀଙ୍କ ଗର୍ବ ଥିଲା, ସେହି ପାର୍କ ଆଜି ଅଂଚଳବାସୀଙ୍କ ପାଇଁ କେବଳ ହତାଶାର କାରଣ ପାଲଟିଛି । ସବୁଠାରୁ ଚମତ୍କାର କଥା ହେଉଛି, ପଂଚାୟତର ସରପଂଚଙ୍କ ବାସଭବନଠାରୁ ମାତ୍ର ୩୦ ମିଟର ଦୂରରେ ଥିବା ଏହି ପାର୍କର ଦୁରବସ୍ଥା ସତ୍ତ୍ୱେ କାହାରି ଦୃଷ୍ଟି ପଡୁନାହିଁ । ତତ୍କାଳୀନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଏହି ଉଦ୍ୟାନର ଉଦ୍‌ଘାଟନ ଉତ୍ସବରେ ପଂଚାୟତର ମୁରବୀ ତଥା ସରପଂଚଙ୍କ ସ୍ୱାମୀ କପିଳେନ୍ଦ୍ର ବଳ ଉପସ୍ଥିତ ଥିଲେ । କିନ୍ତୁ ଆଜି ଏହାର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ପଂଚାୟତ ପ୍ରତିନିଧିମାନଙ୍କର କୌଣସି ଆନ୍ତରିକତା ଦେଖିବାକୁ ମିଳୁନାହିଁ । ଅବହେଳାର ଶିକାର ହୋଇ ପାର୍କଟି ଏବେ ଘାସ ଓ ଜଙ୍ଗଲରେ ଆଚ୍ଛାଦିତ ହୋଇଯାଇଛି । ବିଚ୍ଛୁଆଡି ଓ ବାଇଡ଼ଙ୍କ ଭଳି କୁଣ୍ଡେଇ ହେବା ଗଛ ମାଡ଼ିଯାଇଥିବାରୁ ଭିତରକୁ ପ୍ରବେଶ କରିବା ମଧ୍ୟ କଷ୍ଟସାଧ୍ୟ ହୋଇପଡ଼ିଛି । ପିଲାମାନଙ୍କ ଖେଳ ପାଇଁ ଲାଗିଥିବା ଦୋଳି ଓ ଅନ୍ୟାନ୍ୟ ସାମଗ୍ରୀ ଯତ୍ନ ଅଭାବରୁ ଭାଙ୍ଗିରୁଜି ନଷ୍ଟ ହେବାକୁ ବସିଲାଣି । ଯେଉଁ ସ୍ଥାନ ଶିଶୁମାନଙ୍କ ହସଖୁସିରେ ମୁଖରିତ ହେବା କଥା, ସେଠାରେ ଏବେ ନୀରବତା ଓ ଅବହେଳାର ଛାପ ସ୍ପଷ୍ଟ ଦେଖାଯାଉଛି । ପାର୍କର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଲଗାଯାଇଥିବା ରଙ୍ଗବେରଙ୍ଗୀ ଲାଇଟ୍‌ଗୁଡ଼ିକ ଏବେ ସମ୍ପୂର୍ଣ୍ଣ ଅଚଳ । ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯାଇ ଥିବାରୁ ସନ୍ଧ୍ୟା ପରେ ସମଗ୍ର ପାର୍କ ପରିସର ଅନ୍ଧକାରରେ ବୁଡ଼ି ରହୁଛି । ଫଳରେ ଏହା ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀ ପାଲଟିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ସରକାରୀ ଅର୍ଥର ଏଭଳି ଅପବ୍ୟୟକୁ ରୋକିବା ସହ ପାର୍କର ସଂସ୍କାର ପାଇଁ ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ଅଂଚଳବାସୀ ଦାବି କରିଛନ୍ତି ।

**NOTICE (FOR MINOR)**

By virtue of an affidavit sworn before Executive Magistrate, Balasore, dated : 23.06.2026 I, Smt. Anjali Sahu,aged 37 Years,W/O.Aswani Kumar Sahu, At.-Nuagan,P.O.-Debhog, P.S.-Baliapal, Dist.-Balasore-756023. At.-Nuagan,P.O.-Debhog, P.S.-Baliapal, Dist.-Balasore-756023 declare that I have changed the name of my son from SUBHAS SMITA SAHU (old name) to SUBHASMITA SAHU (new name). Henceforth, he/she shall be known as SUBHASMITA SAHU (new name) for all purposes.

Sd/-
Anjali Sahu

# ନିର୍ବାଚନ ମଣ୍ଡଳୀ ପ୍ରତି ସରକାରଙ୍କ ଅବହେଳା ନେଇ ବିଜେଡିର ସାମ୍ବାଦିକ ସମ୍ମିଳନୀ

ଉଦଳା(ନିପ୍ର) : ଉଦଳା ନିର୍ବାଚନ ମଣ୍ଡଳୀ ତଥା କପ୍ତିପଦା ଉପଖଣ୍ଡ ପ୍ରତି ବାରମ୍ବାର ଅଣଦେଖା ଓ ଅବହେଳା ନେଇ ବିଜୁ ଜନତା ଦଳ ପକ୍ଷରୁ ଉଦଳା ସ୍ଥିତ କାର୍ଯ୍ୟାଳୟ ରେ ଆୟୋଜିତ ପ୍ରେସ ମିଟରେ ସ୍ଥାନୀୟ ଡବଲ ଇଞ୍ଜିନ ର ଲୋକ ପ୍ରତିନିଧି ମାନଙ୍କୁ କଡା ସମାଲୋଚନା କରି ଆନ୍ଦୋଳନ ର ଚେତାବନୀ ଦେଇଛନ୍ତି । ଗତ ୧୯ ଏବଂ ୨୦ ତାରିଖ ମୟୂରଭଞ୍ଜ ଜିଲ୍ଲାପାଇଁ ଏକ ଐତିହାସିକ ଏବଂ ଗୌରବମୟ ଦିନ ଥିଲା । କାରଣ ରାଷ୍ଟ୍ରର ଦୁଇ ମୁଖ୍ଯ ମହାମହିମ ରାଷ୍ଟ୍ରପତି ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ଜିଲ୍ଲାର ରାଇରଙ୍ଗପୁରଠାରେ ଉପସ୍ଥିତ ହେବା ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଗଣ, ବିଧାୟକ, ସାଂସଦ ମାନେ ଉପସ୍ଥିତ ହୋଇଥିଲେ । ମହାମହିମ ରାଷ୍ଟ୍ରପତି ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ଓଡ଼ିଶାର ବିକାଶ ନିମନ୍ତେ ୪୭ହଜାର ୬୦୦ କୋଟି ଟଙ୍କାର ଅନୁଦାନ ଘୋଷଣା କଲେ । ରାଇରଙ୍ଗପୁରରେ ଏମସ(ସେଟଲାଇଟ୍ ସେ[ର), ଆର୍ଯୁବେଦିକ ମେଡ଼ିକାଲ କଲେଜ ,ଆଇ ଆଇ ଟି (ସେ[ର) ଏହିକି ଅନେକ କେନ୍ଦ୍ରୀୟ ପ୍ରକଳ୍ପ ଘୋଷଣା କରିଥିବାବେଳେ କପ୍ତିପଦା ଉପଖଣ୍ଡକୁ ସଂପୂର୍ଣ ଭାବେ ଉପେକ୍ଷିତ କରାଯାଇଛି । ମୟୂରଭଞ୍ଜ ମହାରାଜ ଶାସନ ତଥା ଇଂରେଜ ଶାସନ ସମୟରୁ କପ୍ତିପଦା ଉପଖଣ୍ଡର ଜନସାଧାରଣ ମାନେ ଉଦଳା, କପ୍ତିପଦାକୁ ରେଳ ଲାଇନ ସଂଯୋଗ ନିମନ୍ତେ ଦାବି, । ଉଦଳା ମେଡ଼ିକାଲକୁ ଜିଲ୍ଲା ମେଡ଼ିକାଲର ମାନ୍ୟତା, ଉଦଳାରେ ସେ[ାଲ ସ୍କୁଲ ପ୍ରତିଷ୍ଠା, ଉଦଳାଠାରେ ନବଦୋୟ ବିଦ୍ୟାଳୟ ପ୍ରତିଷ୍ଠା, ଏସ ଏନ ୟୁ କେ ବି ଏନ ରାଜ୍ୟ ରଜପଥ ସେରଗଡ଼ ନୀଳଗିରି, କପ୍ତିପଦା, ଉଦଳା ବାରିପଦା ରାସ୍ତାକୁ ଜାତୀୟ ରାଜପଥ ନିର୍ମାଣ , ଟି ଡ଼ି ପି ୟୁ ଏମ ବି ଆ ଠାକୁରମୁଣ୍ଡା, ପୋଡ଼ାଡ଼ିହା, ଉଦଳା, ମାଣତ୍ରୀ, ବୈଶିଙ୍ଗା, ରୁପସା ରାସ୍ତାକୁ ଜାତୀୟ ରାଜପଥର ମାନ୍ୟତା ଦେବା ସହିତ ଭେଜିଡ଼ିହା ଫରେଷ୍ଟ ଗେଟ୍ ଠାରେ ସଂଯୋଗ ,କପ୍ତିପଦା ବଜାର ଠାରୁ ନୂଆସାହି, ଶରତ, ଠାକୁରମୁଣ୍ଡା, କରଞ୍ଜିଆ ରାସ୍ତାକୁ ଜାତୀୟ ରାଜପଥର ମାନ୍ୟତା ପ୍ରଦାନ କରାଯାଇ କରଞ୍ଜିଆ ଚଢ଼େଇଭୋଳ ଠାରେ ବମ୍ବେ କଲିକତା ଜାତୀୟ ରାଜପଥରେ ସଂଯୋଗ କରାଯିବା ନେଇ କାହିଁକି ପଦକ୍ଷେପ ନେଇ ନାହାନ୍ତି ସେନେଇ କଡା ସମାଲୋଚନା କରିଛନ୍ତି । କୃଷକ ଏବଂ କୃଷିରୁ ବିକାଶ ନିମନ୍ତେ ଉଦଳା କପ୍ତିପଦା କିମ୍ବା ଖୁଂଟା ଠାରେ ଏକ ଶୀତଳ ଭଣ୍ଡାର ନିର୍ମାଣ ଭଳି ଅନେକ ସମସ୍ୟା ତଥା ଦାବୀ ଡବଲ ଇଞ୍ଜିନ ସରକାର ଆଗରେ ରହିଅଛି । ସେହିଭଳି ବହୁ ପ୍ରତିକ୍ଷୀତ ଜିଲ୍ଲାର ପୁରାତନ ମହାବିଦ୍ୟାଳୟ ତଥା ଉଦଳା ମହାବିଦ୍ୟାଳୟକୁ (ଅଟନୋମାସ) ମହାବିଦ୍ୟାଳୟର ମାନ୍ୟତା ସୁନେଇ ବ୍ୟାରେଜ ନିର୍ମାଣ ଆଦି ସମୂହ ନେଇ ପ୍ରଶ୍ନ ରଖିଛନ୍ତି । ତେବେ ଲୋକ ପ୍ରତିନିଧି ବିଧାୟକ ଓ ସାଂସଦ ଏବଂ ଜିଲ୍ଲାର ଦୁଇ ମନ୍ତ୍ରୀ ସମଗ୍ର ଜିଲ୍ଲାର ବିକାଶ ପରିବର୍ତେ ଗୋଟିଏ ଉପଖଣ୍ଡ କୁ ଯିବା ନେଇ ଚୁପ ରହିବା ସମ୍ପୂର୍ଣ୍ଣ ବିଫଳତା ବୋଲି ସମାଲୋଚନା କରିଛନ୍ତି । ଏହା ପଛରେ ଏକ ବିଭାଜିତ ମସୁଧା ବା ଶକ୍ତି କାର୍ଯ୍ୟ କରୁଥିବା ସ୍ୱଷ୍ଟ ହୋଇଛି ଏହି ଗସ୍ତରେ । ଗୋଟିଏ ଉପଖଣ୍ଡ କୁ ୪୭ହଜାର ୬୦୦ କୋଟି ବ୍ୟୟ ବରାଦ କପ୍ତିପଦା ଉପଖଣ୍ଡ ଭଳି ଅବହେଳିତ ଅଂଚଳ ପ୍ରତି ସାମାନ୍ୟ ତମ ଅନୁଗ୍ରହ ନରଖିବା ପରିତାପର ବିଷୟ ବୋଲି କହିଛନ୍ତି ପୂର୍ବତନ ବିଧାୟକ ଶ୍ରୀନାଥ ସରେନ କହିଛନ୍ତି । ଉଦଳା ବିଧାୟକ ଏକ ରେଳ ସମ୍ପର୍କିତ ଦାବି ପ୍ରଦାନ ପତ୍ର ସାମାଜିକ ଗଣମାଧମରେ ଦଳୀୟ ସମର୍ଥକଙ୍କ ଜରିଆରେ ବୁଲିବା ନେଇ ମଧ ଉଦଳା ନିର୍ବାଚନ ମଣ୍ଡଳୀ ମତଦାତା ଙ୍କୁ ଲଲିପପ ଦେଖାଉଥିବା କହିଛନ୍ତି । ଏଣୁ ଅଂଚଳ ତଥା ଲୋକଙ୍କ ସମସ୍ୟା ଉପସ୍ଥାପନ କରିବାରେ ବିଫଳ ଲୋକ ପ୍ରତିନିଧି ଙ୍କ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱରେ ସାମ୍ବାଦିକ ସମ୍ମିଳନରେ ବରିଷ୍ଠ ନେତା ମନୋଜ ମହାନ୍ତି, ବନମାଳି ବେହେରା, ନଗର ସଭାପତି ସୌଭାଗ୍ୟ କୁମାର ସାହୁ, ଅମିୟ କୁମାର ବଳ, ନରେନ୍ଦ୍ର ମୋହନ ରାଉତ, ଶଶଧର ସ୍ୱାଇଁ, ଉଦଳା ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ,ଗୋପବନ୍ଧୁ ନଗର ବ୍ଲକ ସଭାପତି ସତ୍ୟବାନ ଉପାଧ୍ୟାୟ, କପ୍ତି ପଦା ବ୍ଲକ୍ ସଭାପତି ପ୍ରଶାନ୍ତ କୁମାର ବେହେରା, ଏନଏସି ଉପାଧ୍ୟକ୍ଷ ଲିଲି ଭୋଳ, ନାରୀ ନେତ୍ରୀ ବିଜୟା ବାରିକ,କାଉନସିଲର ଭାରତୀ ପାତ୍ର, ଯମୁନା ହେମ୍ବ୍ରମ୍ ଉପସ୍ଥିତ ଥିଲେ ।

No. 32001/440/2627

GOVERNMENT OF ODISHA
DEPARTMENT OF WATER RESOURCES
INVITATION FOR BIDS (IFB)
"e" Procurement Notice-3/ 2026-27
BID IDENTIFICATION NO.SAL-BDK-3-P1 OF 2026-27

1. Name of work:- Maintenance of Canal and River Embankment works
2. Class of Contractor:- Varies from "D" Class to "B"Class
3. No of works:- 28Nos (Details as per NIT available in website)
4. Value of Work:- Rs. 5.96 Lakhs to 41.27 lakhs
5. Time of Completion:- 4 Calendar Months .
6. Type of Bid :- Percentage Bid.
7. Summary for key dates is provided below.

| Procurement Officer | Bid Identification No | Availability of tender for online bidding | | Date & time of opening Bid |
|---|---|---|---|---|
| | | From | To | |
| Superintending Engineer, Salandi Canal Division, Bhadrak | SAL-BDK-3 P1 OF 2026-27 | 25.06.2026 at 11.00AM | 06.07.2026 UPTO 5.00PM | 07.07.2026 at 11.00 A.M. |

Further details can be seen from the website http.//www.tendersodishagov.in / www.dowrodisha.gov.in
Any addendum/ Corrigendum/ Cancellation to the above notice will be published in this web site only.

Sd/-
Superintending Engineer
Salandi Canal Division
Bhadrak

OIPR. 32001/32005/1/26-27/0003











ରାଗିଲେ କ୍ଷତି ନିଶ୍ଚୟ ଆପଣଙ୍କର । ଅଶାନ୍ତି ହେଲେ ଆପଣ ରୋଗକୁ ନିମନ୍ତ୍ରଣ କରିବା ସଂଗେ ସଂଗେ ପରିବାର ଏବଂ ବନ୍ଧୁବାନ୍ଧବଙ୍କ ଠାରୁ ମଧ ଦୂରେଇଯିବେ

# ଆଜିକାଲି



*ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ*
*କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ*
*(ଶ୍ରୀମଦ୍ ଭଗବତ୍ ଗୀତା)*
*ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି*

## ଶେଷ ପର୍ଯ୍ୟାୟରେ ରାଜ୍ୟରେ ଏସଆଇଆର ପ୍ରକ୍ରିୟା

ରାଜ୍ୟବ୍ୟାପୀ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ବର୍ତମାନ ଶେଷ ପର୍ଯ୍ୟାୟରେ ପହଂଚିଛି । ଏହି ବୃହତ୍ ଅଭିଯାନ ସମାପ୍ତ ହେବାକୁ ଆଉ ମାତ୍ର ୬ ଦିନ ବାକି ରହିଥିବାବେଳେ, ଆସନ୍ତା ୨୮ ଜୁନ ଏହାର ଶେଷ ତାରିଖ । ଅବଶିଷ୍ଟ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ସମସ୍ତ ଜିଲ୍ଲାରେ କାର୍ଯ୍ୟକଳାପକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ସୋମବାର ସୁଦ୍ଧା ରାଜ୍ୟର ୯୯.୮୬ ପ୍ରତିଶତ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ପହଁଚାଇ ଦିଆଯାଇଛି । ସଂଖ୍ୟା ଦୃଷ୍ଟିରୁ ଏହା ୩ କୋଟି ୩୩ ଲକ୍ଷ ୫୧ହଜାର ୯୬୭ ଜଣ ଭୋଟରଙ୍କୁ ଫର୍ମ ବଂଟନ କରାଯାଇଛି । ଶତପ୍ରତିଶତ ବଂଟନ ଲକ୍ଷ୍ୟ ହାସଲ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଅବଶିଷ୍ଟ ଭୋଟରଙ୍କ ସହ ନିରନ୍ତର ସମ୍ପର୍କ ରକ୍ଷା କରି ଫର୍ମ ବ[ନ କାର୍ଯ୍ୟ ଜାରି ରଖିଛନ୍ତି । ଏହି ସଂଶୋଧନ ପ୍ରକ୍ରିୟାରେ ଡାଟାର ସଠିକତା, ସ୍ୱଚ୍ଛତା ଏବଂ ଦ୍ରୁତ ପ୍ରକ୍ରିୟାକରଣ ପାଇଁ ଡିଜିଟାଇଜେସନକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି । ଆଜି ସୁଦ୍ଧା ୮୬.୧୨ ପ୍ରତିଶତ ଫର୍ମର ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଛି । ଅର୍ଥାତ୍ ୨ କୋଟି ୮୭ଲକ୍ଷ ୬୩ହଜାର ୪୧୭ ଜଣ ଭୋଟରଙ୍କ ସୂଚନା ସଫଳତାର ସହ ଡିଜିଟାଇଜ କରାଯାଇଛି ଅବଶିଷ୍ଟ ଫର୍ମଗୁଡ଼ିକର ଡିଜିଟାଲ୍ ଏଂଟ୍ରି କାର୍ଯ୍ୟ ମଧ ଯୁଦ୍ଧକାଳୀନ ଭିତିରେ ଚାଲିଛି । ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ମାଧ୍ୟମରେ ସଂଗୃହୀତ ତଥ୍ୟ ଆଧାରରେ ରାଜ୍ୟ ପାଇଁ ଏକ ଅଧିକ ସ୍ୱଚ୍ଛ, ନିର୍ଭୁଲ ଓ ଅଦ୍ୟତନ ମତଦାତା ସୂଚୀ ପ୍ରସ୍ତୁତ କରାଯିବ । ଅବଶିଷ୍ଟ ୬ ଦିନ ମଧ୍ୟରେ ଶତପ୍ରତିଶତ ଫର୍ମ ସଂଗ୍ରହ ଓ ଡିଜିଟାଇଜେସନ ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ଜିଲ୍ଲା ପ୍ରଶାସନ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ , ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ସମସ୍ତ ଭୋଟରଙ୍କୁ ଅନୁରୋଧ କରିଛନ୍ତି ଯେ, ଯଦି ଏପର୍ଯ୍ୟନ୍ତ ପରିଗଣନା ଫର୍ମ ଦାଖଲ କରିନାହାନ୍ତି, ତେବେ ଜୁନ୍ ୨୮ ପୂର୍ବରୁ ନିଜ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ଫର୍ମ ପ୍ରଦାନ କରନ୍ତୁ କିମ୍ବା ଇସିଆଇନେଟ୍ ମାଧ୍ୟମରେ ଅନଲାଇନରେ ଦାଖଲ କରନ୍ତୁ, ଯାହାଦ୍ୱାରା ରାଜ୍ୟର ମତଦାତା ସୂଚୀକୁ ଅଧିକ ସଠିକ୍ ଓ ତ୍ରୁଟିମୁକ୍ତ କରାଯାଇପାରିବ ।

## ଗଙ୍ଗା ଦଶହରା

# ଆଜି ଗଙ୍ଗା ଓହ୍ଲାଇ ଥିଲେ ଧରାକୁ

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପ୍ରତିବର୍ଷ ଜ୍ୟେଷ୍ଠ ମାସ ଶୁକ୍ଲପକ୍ଷ ଦଶମୀ ତିଥିରେ ଗଙ୍ଗା ଦଶହରା ପାଳନ କରାଯାଏ । ବିଶ୍ୱାସ କରାଯାଏ ଭଗୀରଥଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବ ନଦୀ ଗଙ୍ଗା ଏହି ଦିନ ସ୍ୱର୍ଗରୁ ପୃଥିବୀ ପୃଷ୍ଠକୁ ଓହ୍ଲାଇଥିଲେ । ଚଳିତ ବର୍ଷ ମଇ ୩୦ ତାରିଖରେ ପାଳିତ ହେବ ଏହି ପର୍ବ । ଗଙ୍ଗା ଦଶହରା ପର୍ବ ହସ୍ତା ନକ୍ଷତ୍ରରେ ପଡ଼ିଲେ ଏହା ଅତ୍ୟନ୍ତ ନୀଚ ଧରଣର ପାପରୁ ମୁକ୍ତି ଦିଏ । ଗଙ୍ଗା ଏହି ନକ୍ଷତ୍ରରେ ବୁଧବାର ଧରାପୃଷ୍ଠକୁ ଓହ୍ଲାଇ ଥିବାରୁ ଏହି ପର୍ବ ବୁଧବାର ପଡ଼ିଲେ ସବୁଠାରୁ ମହତ୍ୱପୂର୍ଣ୍ଣ ବୋଲି ବିଶ୍ୱାସ କରାଯାଏ ।

### ଗଙ୍ଗାଦଶହରା ଗୁରୁତ୍ୱ

: ଜ୍ୟେଷ୍ଠମାସ ଶୁକ୍ଲପକ୍ଷ ପ୍ରଥମ ଦଶଦିନକୁ ଗଙ୍ଗା ଦଶହରା ଭାବରେ ପାଳନ କରାଯାଏ । ଦଶମୀ ଦିନ ଗଙ୍ଗାବତରଣ ଉତ୍ସବ ପାଳନ କରାଯାଏ । ଏହି ଦିନ ଗଙ୍ଗା ନଦୀରେ ସ୍ନାନ କରି ତର୍ପଣ ଓ ଦାନ କଲେ ସାରା ଜୀବନର ପାପ କ୍ଷୟ ହୋଇଯାଏ । ତେଣୁ ଭକ୍ତି ଓ ବିଶ୍ୱାସର ପର୍ବ ଏହି ଗଙ୍ଗା ଦଶହରା । ଶାସ୍ତ୍ରମତ ଅନୁଯାୟୀ, ଯଦି କେହି ଏହି ଦିନ ଗଙ୍ଗା ସ୍ନାନ ନକରି ପାରନ୍ତି ତାହେଲେ ନିକଟସ୍ଥ ନଦୀରେ ସ୍ନାନ କରି ତର୍ପଣ କରିବା ମଧ ଫଳଦାୟୀ ହୋଇଥାଏ ।

ଗଙ୍ଗାଦଶହରାର କାହାଣୀ : ପୁରୁଣା ସମୟରେ ଅଯୋଧ୍ୟାରେ ସଗର ବୋଲି ଜଣେ ରାଜା ଥିଲେ । ତାଙ୍କର କେଶିନୀ ଓ ସୁମତି ନାମକ ଦୁଇଜଣ ରାଣୀ ଥିଲେ । ପ୍ରଥମ ରାଣୀଙ୍କର ଜଣେ ମାତ୍ର ପୁତ୍ର ଥିଲେ । ଦ୍ୱିତୀୟ ରାଣୀଙ୍କର ୬୦ ହଜାର ପୁତ୍ର ଥିଲେ । ଥରେ ସଗର ଅଶ୍ୱମେଧ ଯଜ୍ଞ ଆରମ୍ଭ କଲେ । ଯଜ୍ଞର ପୂର୍ଣ୍ଣାହୂତି ପୂର୍ବରୁ ଯଜ୍ଞଅଶ୍ୱକୁ ଛାଡ଼ି ଦିଆଗଲା । ଏହି ଯଜ୍ଞ ଅଶ୍ୱକୁ କେହି ଅଟକାଇ ନେଲେ ତାହ ସହ ଯୁଦ୍ଧ କରି ତାକୁ ଜିତିବା ନିୟମ ଥିଲା । କିନ୍ତୁ ଏହି ଅଶ୍ୱକୁ କେହି ନ ଅଟକାଇଲେ ରାଜା ସଗର ରାଜଚକ୍ରବର୍ତୀ ହୋଇଥାନ୍ତେ । ଯଜ୍ଞକୁ ବିଫଳ କରିବା ପାଇଁ ଦେବରାଜ ଇନ୍ଦ୍ର ଅଶ୍ୱଟିକୁ ଚୋରି କରିନେଇ କପିଳମୁନିଙ୍କ ଆଶ୍ରମରେ ଲୁଚାଇ ଦେଲେ । ରାଜା ସଗର ଅଶ୍ୱଟିକୁ ଖୋଜିବା ପାଇଁ ପୁଅମାନଙ୍କୁ ପଠାଇଲେ । ସେମାନେ ଅଶ୍ୱକୁ ଖୋଜି ଖୋଜି କପିଳ ମୁନିଙ୍କ ଆଶ୍ରମରେ ତାକୁ ପାଇଲେ । କପିଳ ମୁନି ଅଶ୍ୱଟିକୁ



ଚୋରାଇ ଆଣିଛନ୍ତି ମନେ କରି ସେମାନେ ଧ୍ୟାନମଗ୍ନ ମୁନିଙ୍କୁ ଭତ୍ସନା କଲେ । ଏଥିରେ ମୁନି କ୍ରୋଧିତ ହୋଇଗଲେ ଓ ତାଙ୍କ ଅଭିଶାପରେ ସଗରଙ୍କ ୬୦ ହଜାର ପୁତ୍ର ପୋଡ଼ି ପାଉଁଶ ହୋଇଗଲେ । ଏହାପରେ ପ୍ରଥମ ରାଣୀଙ୍କ ପୁଅ ଦିଲ୍ଲୀପ ଅଶ୍ୱକୁ ଖୋଜି ଖୋଜି ଆଶ୍ରମରେ ପହଂଚିଲେ । ସେତେବେଳେ ମହାତ୍ମା ଗରୁଡ଼ ତାଙ୍କୁ ଅନ୍ୟ ସଗର ପୁତ୍ରମାନଙ୍କ ବିଷୟରେ ଜଣାଇଲେ । ଦିଲୀପ ଭାଇମାନଙ୍କ ଜୀବନ ଫେରାଇ ଦେବା ନିମନ୍ତେ କପିଳ ମୁନିଙ୍କୁ ପ୍ରାର୍ଥନା କଲେ । ମୁନି କହିଲେ ବର୍ତମାନ ତୁମେ ଏହି ଅଶ୍ୱକୁ ନେଇ ଯଜ୍ଞ କାର୍ଯ୍ୟ ସମାପ୍ତ କର । ଏହାପରେ ଯଦି ତୁମେ ଗଙ୍ଗାଙ୍କୁ ପ୍ରାର୍ଥନାରେ ସନ୍ତୁଷ୍ଟ କରି ଏହି ଭସ୍ମ ଉପରେ ପ୍ରବାହିତ କରାଇପାରିବ ତାହେଲେ ଏମାନଙ୍କ ଆତ୍ମା ମୁକ୍ତ ହେବ । ଦିଲୀପ ଦୀର୍ଘ ବର୍ଷ ତପସ୍ୟା କଲା ପରେ ବି ଗଙ୍ଗାଙ୍କୁ ସନ୍ତୁଷ୍ଟ କରାଇପାରିଲେନି । ଦିଲୀପଙ୍କ ପରେ ତାଙ୍କ ପୁଅ ଭଗୀରଥ ନିଜ ପୂର୍ବଜମାନଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୋକର୍ଣ୍ଣ ଠାରେ ତପସ୍ୟାରେ ବସିଲେ । ସେ ଧ୍ୟାନରେ ବସିଥିବାବେଳେ ବର୍ଷ ପରେ ବର୍ଷ ଅତିକ୍ରମ କରିଗଲା । ଦିନେ ଗଙ୍ଗା ଭଗୀରଥଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପୃଥିବୀ ପୃଷ୍ଠକୁ ଆସିବାକୁ ରାଜି ହେଲେ । ହେଲେ ଏଠି ବି ସମସ୍ୟା ଥିଲା । ଗଙ୍ଗା ସ୍ୱର୍ଗରୁ ମର୍ତ୍ୟକୁ ଓହ୍ଲାଇବା ବେଳେ ତାଙ୍କ ବେଗକୁ ସମ୍ଭାଳିବ କିଏ ? କାରଣ ଗଙ୍ଗା ସ୍ୱର୍ଗରୁ ସିଧାସଳଖ ପୃଥିବୀକୁ ଓହ୍ଲାଇଲେ ପୃଥିବୀର ବକ୍ଷ ବିଦୀର୍ଣ୍ଣ ହୋଇଯିବ । ବ୍ରହ୍ମା କହିଲେ, ମହାଦେବଙ୍କ ବ୍ୟତୀତ ଗଙ୍ଗାକୁ କେହି ଧାରଣ କରିପାରିବେନି । ଏହାପରେ ଭଗୀରଥ ଶିବଙ୍କୁ ପ୍ରାର୍ଥନା କଲେ । ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଶିବ ଗଙ୍ଗାଙ୍କର ଏହି ବିଶାଳ ଓଜନ ବହନ କରିବାକୁ ରାଜି ହେଲେ, ଗଙ୍ଗାଙ୍କୁ ଧାରଣ କରିବା ପାଇଁ ସେ ନିଜ ଜଟା ଖୋଲିଦେଲେ । ସ୍ୱର୍ଗରୁ ଶିବଙ୍କ ଜଟା ଦେଇ ଗଙ୍ଗା ପୃଥିବୀକୁ ଓହ୍ଲାଇଲେ । ଦିନ ଥିଲା ଜ୍ୟେଷ୍ଠ ମାସ ଶୁକ୍ଲ ପକ୍ଷ ଦଶମୀ । ଗଙ୍ଗାବତରଣ ତିଥିରେ ହରିଦ୍ୱାରସ୍ଥିତ ହର କି ପେଡ଼ିରେ ବିଶେଷ ଆୟୋଜନ କରାଯାଏ । ଗଙ୍ଗାଙ୍କୁ ଗଙ୍ଗାମାତା ଓ ଗଙ୍ଗାଦେବୀ ଭାବରେ ପୂଜା କରାଯାଏ । ବିଶେଷକରି ଯେଉଁସବୁ ଅଂଚଳ ଦେଇ ଗଙ୍ଗାନଦୀ ପ୍ରବାହିତ ହୋଇଛି ଯଥା – ଉତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଆଦିରେ ଏହି ପର୍ବ ଖୁବ୍ ଧୁମ୍‌ଧାମରେ ପାଳନ କରାଯାଏ । ଶ୍ରଦ୍ଧାଳୁମାନେ ହୃଷିକେଶ, ହରିଦ୍ୱାର, ଗରମୁକ୍ତେଶ୍ୱର, ପ୍ରୟାଗ, ବାରାଣାସୀ ଆଦି ପବିତ୍ର ସ୍ଥାନରେ ଧ୍ୟାନ କରି ଗଙ୍ଗାସ୍ନାନ କରନ୍ତି । ସନ୍ଧ୍ୟାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ କାଗଜଡ଼ଙ୍ଗାରେ ଦୀପ, ଫୁଲ ଓ ମିଠା ଗଙ୍ଗାନଦୀରେ ଅର୍ପଣ କରନ୍ତି । ଘଂଟ, ଘଂଟା, ଭଜନ, କୀର୍ତନ ଏବଂ ଶ୍ଳୋକ ପାଠ ମଧ୍ୟରେ ଗଙ୍ଗାକୂଳ ଦଶାଶ୍ୱମେଧ ଘାଟରେ ପ୍ରଭାତ ଏବଂ ସାନ୍ଧ୍ୟ ଆଳତି କରାଯାଏ । ଯେଉଁମାନେ ଗଙ୍ଗାରେ ସ୍ନାନ କରିପାରନ୍ତି ନାହିଁ, ସେମାନେ ନିକଟସ୍ଥ ଜଳଧାରାରେ ସ୍ନାନ ତର୍ପଣ କରି ଗଙ୍ଗାଜଳ ସିଂଚନ କରନ୍ତି । ସ୍ୱର୍ଗରୁ ଓହ୍ଲାଇବାବେଳେ ଗଙ୍ଗା ଶିବଙ୍କ ଜଟାରେ ପହଂଚି ୭ଟି ଧାରାରେ ବିଭକ୍ତ ହୋଇଥିଲେ । ଏହି ଧାରାଗୁଡ଼ିକ ହେଉଛନ୍ତି – ପାବନୀ, ନଳିନୀ, ହାଦିନୀ, ସୁଚକ୍ଷୁ, ସୀତା ଓ ସିନ୍ଧୁ । ସପ୍ତମ ଧାରା ଜହ୍ନୁ ଋଷିଙ୍କ ଆଶ୍ରମ ନିକଟ ଦେଇ ଗତି କରିଥିଲା ତେଣୁ ଏହି ଧାରାର ନାମ ଜାହ୍ନବୀ

*ପିସି ସରକାର ଲେନ୍,*
*ଅରୁଣୋଦୟ ନଗର,*
*କଟକ : ୯୪୩୭୧୦୩୧୨୫୩*

# ମହା ପ୍ରଳୟର ଚେତାବନୀ

◆ ମୌଲାନା ଫଜଲ ହକ ଖାନ୍

ଆଜିର ଦିନରେ ବିଶ୍ୱରେ ମାନବିକତାର ଉତ୍କଟ ସଂକଟ ଦେଖା ଦେଇଛି ଏବଂ ଭଲ ମଣିଷଟିଏ ଖୋଜି ପାଇବା ବିରଳ । ଅସାଧୁତା, ଦୁର୍ନୀତି, ବ୍ୟଭିଚାର, ମିଥ୍ୟାଚାର, ଘୃଣା, ଦୁଷ୍କର୍ମ, ଦୈନନ୍ଦିନ ଜୀବନ ଶୈଳୀରେ ପରିଣତ ହୋଇ ସାରିଲାଣି । ବିଦ୍ରୋହ ଓ ଆନ୍ଦୋଳନ ସାଧାରଣ ଘଟଣା, ହତ୍ୟାକୁ ଉଭୟେ ଶାସକ ଓ ଶାସିତ ଶାନ୍ତି ସ୍ଥାପନ ଦିଗରେ ନ୍ୟାୟପୂର୍ଣ୍ଣ ମାର୍ଗ ବୋଲି ବିଚାରୁଛନ୍ତି । ପ୍ରାକୃତିକ ବିପ୍ରାପ୍ତ ଦ୍ୱାରା ବିଶ୍ୱର ଭାରସାମ୍ୟର ମଧ ଅବନତୀ ଘଟିଛି । କେଉଁଠି ଦୁର୍ଭିକ୍ଷ ତ କେଉଁଠି ଭୟଙ୍କର ବୃଷ୍ଟି ତ କେଉଁଠାରେ ଭୂମିକମ୍ପ ତ କେଉଁଠାରେ ପ୍ରଚଣ୍ଡ ତାତି । ଏପରିକି ଏଡ୍ସ, ସ୍ୱାଇନ୍ ଫ୍ଲୁ , ଇବୋଲା ଏବଂ କରୋନା ପରି ବଡ଼ ରୋଗ ମଣିଷ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ଏବେ ପୁଣି ସମସ୍ତଙ୍କୁ ଭୟ ଘାରୁଛି କି ତୃତୀୟ ମହାବିଶ୍ୱଯୁଦ୍ଧ ହୋଇତ ଯିବ ନି ? ଯେଉଁ ଗତିରେ ଶାନ୍ତି ଆଜି ପୃଥିବୀରୁ ଲୋପ ହେବାରେ ଲାଗିଛି, ତାହା ପ୍ରତି ବିଚାରବନ୍ତ ବ୍ୟକ୍ତିଙ୍କୁ ଚିନ୍ତାରେ ପକାଇଛି । ଏଥିରେ ଉଭୟ ଆସ୍ତିକ ଓ ନାସ୍ତିକ ପ୍ରଭାବିତ ହୋଇଛନ୍ତି । ଏ ସବୁ କ’ଣ ? ଏବଂ କାହିଁକି ଏପରି ବିପ୍ରାପ୍ତ କ’ଣ ଏହା ମଧ୍ୟରେ ରହସ୍ୟ ରହିଛି ? ସେବେ ଠାରୁ ମୋ ମନକୁ ଏ କଥା ଆନ୍ଦୋଳିତ କରୁଛି । ଅନ୍ତିମ ଯୁଗର ପ୍ରବର୍ତକ, ପ୍ରତିଶ୍ରୁତ ଅବତାର ଓ ମସିହ ତଥା ଅହମଦୀୟା ମୁସଲିମ ସଂପ୍ରଦାୟର



ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ସାହେବ ବିଶ୍ୱ ସମାଜକୁ ମହା ପ୍ରଳୟର ଚେତାବନୀ ଦେଇ ତାଙ୍କ ପୁସ୍ତକ “ ହକିକତୁଲ ଓହି, ପୃଷ୍ଠା–୨୬୯ରେ ‘ କୁହନ୍ତି, ହେ ୟୁରୋପ ! ତୁ ମଧ୍ୟ ଶାନ୍ତରେ ନାହୁଁ । ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ । ହେ ଦ୍ୱୀପପୁଞ୍ଜବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖୁ ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖୁବାକୁ ପାଉଛି । ପରମେଶ୍ୱର ବହୁ ସମୟ ଧରି ନୀରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତି କଲେ ନାହିଁ । ବର୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ । ଯାହାର କାନ ଅଛି, ସେ ଶୁଣୁ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ । ମୁଁ ଯଥା ସାଧ୍ୟ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି । ପୁଣି ଏହା ଜରୁରୀ ଥିଲା ଯେ ନିୟତିର ବିଧାନ ଅବଶ୍ୟ ପୂରଣ ହେଉ । ମୁଁ ନିରାଟ ସତ କହୁଛି ଯେ ଏ ଦେଶର ନୂତନ ପରିବରର୍ତନ ମଧ ନିକଟତର ହୋଇ ଆସୁଛି । ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ ଭଳି ଦୃଶ୍ୟ ଆସିଯିବ । ଲୁତ୍ ?ଙ୍କ ଭୂମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଚରମ ବ୍ୟଭିଚାରର କୁପରିଣାମ ସ୍ୱରୂପ ଏଡ୍ ମହାମାରୀର ଭୟାବହତା ଦେଖିପାରିବ । କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି । ଏଣୁ ଅନୁତାପ କର । ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ । ହଜରତ ଅହମଦ କୁହନ୍ତି; ଅଲ୍ଲାହଙ୍କ ତରଫରୁ ଏକ ମହାନ୍ ଭବିଷ୍ୟତବାଣୀ ପ୍ରାପ୍ତ ହୋଇଛି ଯେ ଈଶ୍ୱର ମୋ ଘରର ଚଉହଦୀ ଭିତରେ ଥିବା ସତ୍ୟନିଷ୍ଠ ବ୍ୟକ୍ତି ଯେଉଁମାନେ ଈଶ୍ୱରଙ୍କ ସମ୍ମୁଖରେ ଓ ତାଙ୍କ ପ୍ରେରିତ ଦୂତଙ୍କ ସମ୍ମୁଖରେ ଅହଙ୍କାର ପ୍ରଦର୍ଶନ କରୁନାହାନ୍ତି, ସେ ସେମାନଙ୍କୁ ପ୍ଲେଗର ବିପତିରୁ ମୁକ୍ତି ପ୍ରଦାନ କରିବେ । ଅନ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଏହି ସମ୍ପ୍ରଦାୟ ପ୍ରତି ତାଙ୍କର ବିଶେଷ କୃପା ରହିବ । ଈଶ୍ୱରଙ୍କ ଏକଥା ଯେ ‘ଇନ୍ନି ଉହାଫିଜୁ କୁଲ୍ଲା ମନ୍ ଫିଦ୍ ?ଦାର’ ଅର୍ଥାତ୍ ‘ଯେଉଁମାନେ ମୋ ଘର ଭିତରେ ଅଛନ୍ତି, ସେମାନେ ସୁରକ୍ଷିତ ରହିବେ । ପ୍ରତ୍ୟେକ ବ୍ୟକ୍ତି ଯିଏ ମୋ ଶିକ୍ଷା ଓ ଆଦର୍ଶକୁ ସମ୍ପୂର୍ଣ୍ଣ ଭାବେ ଅନୁସରଣ କରୁଛନ୍ତି, ସେମାନେ ମୋ ଆଧ୍ୟାତ୍ମିକ ଘରେ ପ୍ରବେଶ କରିଛନ୍ତି । ଏହାକୁ ଅନୁସରଣ କରିବା ପାଇଁ ଏ କଥାର ସର୍ତ ମଧ ରହିଛି ଯେ ସେମାନେ ମନରେ ଏହି ବିଶ୍ୱାସ ପୋଷଣ କରନ୍ତି ଯେ ସେମାନଙ୍କର ଜଣେ ସର୍ବଶକ୍ତିମାନ, ଚୀରସ୍ଥାୟୀ ଓ ବିଶ୍ୱ ବ୍ୟାପକ ସ୍ରଷ୍ଟା ଈଶ୍ୱର ଅଛନ୍ତି, ଯିଏ ତାଙ୍କ ବିଶେଷ ଅନୁପମ ଗୁଣରେ ଅନାଦି, ସର୍ବକାଳୀନ ଓ ସ୍ୱୟଂ ପ୍ରତିଷ୍ଠିତ । ଏ ସଂବନ୍ଧରେ ପବିତ୍ର କୋରାନ କୁହେ; “ ୱମା କୁନ୍ନା ମୁଅ’ଜିବିନା ହତା ନବ୍‌ଅସା ରସୁଲା” (ପବିତ୍ର କୋରାନ, ବନି ଇସ୍ରାଇଲ:୧୬) ଅର୍ଥାତ୍ ଆମ୍ଭେ(କୌଣସି ସମ୍ପ୍ରଦାୟ ପ୍ରତି) ଜଣେ ରସୁଲ(ଅବତାର ପ୍ରେରଣ ନକରିବା ପର୍ଯ୍ୟନ୍ତ କୌଣସି ଶାସ୍ତି ପ୍ରଦାନ କରୁନାହୁଁ । କ’ଣ ଏ ବିପ୍ରାପ୍ତ ରୂପି ଶାସ୍ତି ଘୋଷଣା କରୁଛି କି କେହି ଜଣେ ଅବତାର ଆସି ଯାଇଛନ୍ତି କି ? କ’ଣ ଆମେ ସ୍ରଷ୍ଟାଙ୍କ ସେହି ବାଣୀକୁ ବୁଝିପାରିଲେ ନାହିଁ କି ? ଯଦିଓକି ପ୍ରତ୍ୟେକ ଧର୍ମଶାସ୍ତ୍ର ଓ ସମ୍ପ୍ରଦାୟରେ ଅନ୍ତିମ ଯୁଗରେ ଏକ ଅବତାର ଆସିବାର ଭବିଷ୍ୟତବାଣୀ ରହିଛି । ନିଜ ସ୍ରଷ୍ଟାକୁ ଚିହ୍ନିବାରେ କୌଣସି ଅବହେଳା ହୋଇଗଲା ତ ନାହିଁ ? କ’ଣ ଏ ବିପ୍ରାପ୍ତ ଆମର ଅମାନିଆ ଯୋଗୁଁ ତ ନୁହେଁ ? ଏ ଯୁଗରେ ଭିନ୍ନ ଭିନ୍ନ ନାମରେ ଯେଉଁ ସବୁ ବିପ୍ରାପ୍ତ ଦେଖା ଯାଉଛି, କ’ଣ ସେ ଈଶ୍ୱରଙ୍କର ପ୍ରକୋପ କି ? ଯଦି ଏହା ସତ୍ୟ ତେବେ ଅହମଦୀୟା ମୁସଲିମ ସଂଗଠନର ପ୍ରବର୍ତକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଉପରୋକ୍ତ ଲେଖା କ’ଣ ସଂପୂର୍ଣ୍ଣ ଠିକ କି ? ଯଦି ଠିକ ତେବେ ଆମେ ଏ ଘଡ଼ିସନ୍ଧି ମୁହୂର୍ତରୁ ତ୍ରାହି ପାଇବା କିପରି ? ଏହାର ଉତରରେ ସେ କହିଛନ୍ତି; “ ଯଦି ତୁମେ ଈଶ୍ୱରଙ୍କର ହୋଇଯିବ, ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱର ମଧ୍ୟ ତୁମର ହୋଇଯିବେ । ତୁମେ ଶୋଇ ରହିଥିବ, ଅଲ୍ଲାହ ତୁମ ପାଇଁ ଜାଗ୍ରତ ରହିବେ । ତୁମେ ଶତ୍ରୁଙ୍କ ପ୍ରତି ଅମନଯୋଗୀ ଥିବ, କିନ୍ତୁ ପ୍ରଭୁ ତାଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବେ । ଶତ୍ରୁର ସମସ୍ତ ମନ୍ଦ ଯୋଜନାକୁ ପଣ୍ଡ କରିଦେବେ । ତୁମକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ତୁମ ପ୍ରଭୁଙ୍କ ନିକଟରେ କେଉଁ ଶକ୍ତି ରହିଛି । ଯଦି ତୁମେ ଜାଣନ୍ତ, ତେବେ ତୁମ ଉପରେ ଏପରି କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ ସଂସାର ପାଇଁ ବହୁତ ଦୁଃଖି ହୋଇ ଯାଆନ୍ତ ।” ଯେଉଁ ଲୋକମାନେ ଅନୁତାପ କରିବେ ଓ ପାପ ଆଚରଣରୁ ନିବୃତ ରହିବେ, ଅଲ୍ଲାହ ସେମାନଙ୍କ ପ୍ରତି ସଦୟ ହେବେ ।... ସଦାଚାରୀ ମାନେ କ୍ଷତିଗ୍ରସ୍ତ ନହୋଇ ଶାନ୍ତିରେ ରହିବେ । ତେଣୁ ତୁମେମାନେ ସଦାଚାରୀ ହୁଅ ଓ ଅଲ୍ଲାହଙ୍କୁ ଭୟ କର । ତଦ୍ୱାରା ତୁମେମାନେ ପରିତ୍ରାଣ ପାଇବ । ଆଜି ଠାରୁ ହିଁ ପ୍ରଭୁଙ୍କୁ ଭୟ କର, ତା’ ହେଲେ ସେଦିନର ଭୟାବହ ପରିଣାମରୁ ସୁରକ୍ଷିତ ରହିବ ଓ ଶାନ୍ତିରେ ଜୀବନ ଯାପନ କରିବ । ଯଦି ବିଶ୍ୱବାସୀ ହଜରତ ଅହମଦଙ୍କ ଏହି ଅମୂଲ୍ୟ ମନ୍ତ୍ରକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା । ପରମତପ ଅଲ୍ଲାହଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟିତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତବ୍ୟକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ପ୍ରୟାସ କରନ୍ତୁ । ଏହା ହିଁ ଆମର କାମନା ।

*ମଙ୍ଗଳାବାଗ-କଟକ,*
*୯୬୯୨୨୨୫୦୫୭*

## ହୃଦ୍‌ଘାତ ଆଶଙ୍କାକୁ କମ୍ କରେ ଭିଟାମିନ୍-ବି



ଭାରତରେ ସର୍ବାଧିକ ମୃତ୍ୟୁର କାରଣ ହୃଦ୍‌ଘାତ । ଭିଟାମିନ୍-ବି’ ଓ ହୃଦ୍‌ଘାତ ମଧ୍ୟରେ ସମ୍ପର୍କ ଥିବାର ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି । ଏହି ଅଧ୍ୟୟନର ରିପୋର୍ଟ ଆମେରିକାର ନ୍ୟୁରୋଲଜି ପତ୍ରିକାରେ ପ୍ରକାଶ ପାଇଛି । ଭିଟାମିନ୍-ବି’ର ଖୋରାକ ନେବା ପରେ ହୃଦ୍‌ଘାତ ଆଶଙ୍କା ଅନେକ ପରିମାଣରେ କମିଯାଉଥିବାର ଅଧ୍ୟୟନରେ ପ୍ରକାଶ ପାଇଛି । ଭିଟାମିନ୍-ବି’ ଖୋରାକ ନେବା ଦ୍ୱାରା ଏହା ହୃଦ୍‌ଘାତ ଆଶଙ୍କାକୁ ବଢ଼ାଇ ଦେଇଥାଏ ବୋଲି ପୂର୍ବ ଅଧ୍ୟୟନଗୁଡ଼ିକରୁ ପ୍ରକାଶ ପାଇଥିଲା । ୧୪ଜଣ ଚିକିତ୍ସକ ୫୪,୯୧୩ଜଣ ଲୋକଙ୍କ ଉପରେ କରିଥିବା ଏକ ଅଧ୍ୟୟନରୁ ଏହି ତଥ୍ୟ ପ୍ରକାଶ ପାଇଛି । ତନ୍ମଧ୍ୟରୁ ୨,୪୭୧ ଜଣ ହୃଦ୍‌ଘାତରେ ଆକ୍ରାନ୍ତ ହୋଇଥିଲେ । ହୃଦ୍‌ଘାତରେ ଆକ୍ରାନ୍ତ ବ୍ୟକ୍ତି ଭିଟାମିନ୍-ବି’ ଖୋରାକ ନେବା ପରେ ସେମାନଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲା ।

*ସ୍ନାୟୁ ଦୁର୍ବଳ ଏପରି ଏକ ରୋଗ ଯାହା ବାହାରୁ ଦେଖାଯାଏ ନାହିଁ । କିନ୍ତୁ ଭିତରେ ଭିତରେ ରୋଗୀର ଜୀବନ ନେଇଯାଏ । ରୋଗୀମାନସିକ ଓ ଶାରିରୀକ ଦୁର୍ବଳତା ଅନୁଭବ କରିଥାଏ । କଥା କଥାରେ ରାଗିଯିବା, ଛୋଟ ଛୋଟ କଥାରେ ଝଗଡ଼ା ମାରପିଟ୍ କରିବା ଆଦି ଏହାର ଲକ୍ଷଣ ହୋଇପାରେ । ପ୍ରତ୍ୟେକ ସମୟରେ ରୋଗୀ ମନରେ ରହିଥାଏ ଯେ, ସେ ଆଉ କିଛିର ଯୋଗ୍ୟ ହୋଇରହିନାହିଁ । ପ୍ରାୟତଃ ରୋଗୀ ମନରେ ଅବସାଦ ଭରି ରହିଥାଏ । ସେ ସବୁବେଳେ ଆତ୍ମହତ୍ୟା କରିବା ପାଇଁ ଚିନ୍ତା କରିଥାଏ । ଡିପ୍ରେସନ୍ ଅବସାଦ ଅବସ୍ଥାରେ କେତେକ ରୋଗରୁ ଆମେ ପୂର୍ଣ୍ଣରୂପେ ମୁକ୍ତ ହୋଇପାରିବୁ ।*

★★★★★

## ସ୍ନାୟୁ ଦୁର୍ବଳତା



ଉପଚାର: ଶରୀର ମାଲିସ ଯଥେଷ୍ଟ ଆବଶ୍ୟକ, ରୋଗୀର ପିଠିରେ ଗରମ-ଥଣ୍ଡା ସେକ ଦେବା ଉଚିତ । ରୋଗୀର ପେଟ ବିଶେଷତଃ ଯକୃତ ଥିବା ସ୍ଥାନରେ ଥଣ୍ଡା ସେକ୍ ଦେଇ ଥଣ୍ଡା ପିଟି ବାନ୍ଧି ଦିଅନ୍ତୁ । ସପ୍ତାହରେ ୩ଟି ଏଭଳି କରନ୍ତୁ । ରୋଗୀ ଥଣ୍ଡା ପାଣିରେ ସ୍ନାନ କରିବା ଉଚିତ । ଶୀତଦିନେ ପ୍ରଥମେ ଉଷୁମୁପାଣି ପରେ ଥଣ୍ଡା ପାଣିରେ ସ୍ନାନ କରନ୍ତୁ । ରୋଗୀ ଥଣ୍ଡା ପାଣିରେ ସ୍ନାନକରିବା ଉଚିତ । ଶୀତଦିନେ ପ୍ରଥମେ ଉଷୁମୁପାଣି ପରେ ଥଣ୍ଡା ପାଣିରେ ସ୍ନାନ କରନ୍ତୁ ତଥା ଦେହକୁ ରଗଡ଼ିରଗଡ଼ି ଘଷି ସଫା କରନ୍ତୁ । ତା’ପରେ ଅତି କମ୍‌ରେ ୧୫ ମିନିଟ୍ ଯୋଗ କରନ୍ତୁ । ଧ୍ୟାନ ଯୋଗ ହେଉଛି ଏହି ରାଗର ଅବ୍ୟର୍ଥ ଉପଚାର । ଯୋଗ ନିୟମିତ ଅଭ୍ୟାସ କରନ୍ତୁ । ପ୍ରାଣାୟାମ, କଟି ଚକ୍ରାସନ, ବଜ୍ରାସନ ଆଦି ଅଭ୍ୟାସ କରନ୍ତୁ । ପ୍ରଚୁର ସବୁଜ ପରିବା, ଫଳ ସାଲାଡ୍ ଖାଆନ୍ତୁ

## ‘ଏଫିଡ୍‌ସ’



✪ ଗଛର ଜଳୀୟ ଅଂଶକୁ ଶୋଷି ଏହି ପୋକଟି ନିଜର ଜୀବନ ରକ୍ଷା କରେ ।

✪ ଏମାନେ ମୁଖ୍ୟତଃ ଶସ୍ୟ ଜାତୀୟ ଉଦ୍ଭିଦକୁ ଅଧିକ ପରିମାଣରେ କ୍ଷତି ପହଂଚାଇଥାନ୍ତି ।

✪ ବ୍ରିଟେନ୍‌ରେ ଏହା ଗ୍ରିନ୍‌ଫ୍ଲାଇସ୍ ବା ହ୍ୱାଇଟ୍ ଫ୍ଲାଇସ୍ ନାମରେ ଜଣାଯାଏ ।

✪ ଏହି କୀଟଟି ଜନ୍ମ ହେବାର ୧୦ଦିନ ପରେ ଅଣ୍ଡା ଦେଇଥାଏ ।

✪ ଲେଡି ବାର୍ଡ୍, ବୁଢ଼ିଆଣୀ ଏହି କୀଟଟିକୁ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି ।

✪ ଏହି କୀଟଟି ବସନ୍ତ ଋତୁରେ ଅଣ୍ଡା ଦେଇଥାଏ । ଅସରପା ଭଳି ଏହି କୀଟଟି ଥରକରେ ଅନେକ ସଂଖ୍ୟାର ଅଣ୍ଡା ଦେଇ ଥାଏ ।

✪ ‘ରାଇନୋ ବିଟଲସ୍’ ନାମକ ଏହି କୀଟଟି ମୁଖ୍ୟତଃ ଜାପାନ, ଚୀନ୍ ଓ କୋରିଆରେ ଦେଖା ଯାଏ ।

✪ ଏହି କୀଟଟିର ମୁହଁରେ ଗଣ୍ଡା ଭଳି ଦୁଇଟି ଶିଙ୍ଗ ଥିବାରୁ ଏପରି ନାମକରଣ କରାଯାଇଛି ।

✪ ‘ହର୍ନ ବିଟଲସ୍’ ନାମରେ ମଧ ଏହି କୀଟଟି ଜଣାଯାଏ ।

✪ ଜାପାନର ପିଲା ମାନେ ଏହି କୀଟକୁ ଧରି ଘରେ ପାଳନ୍ତି । ତେଣୁ ସେଠାରେ ଏ କୀଟଟିକୁ ୫୦- ୧୦୦ ଟଙ୍କାରେ ବିକ୍ରି କରାଯାଏ ।

✪ ଏହି କୀଟଗୁଡ଼ିକ ଅତି ବେଶିରେ ୪ ମାସ ପର୍ଯ୍ୟନ୍ତ ବଂଚିଥାନ୍ତି ।

✪ ମାଈ ବିଟଲସ୍ ଅଣ୍ଡା ଦେଇ ସାରିବା ପରେ ମୃତ୍ୟୁବରଣ କରେ ।





# ଶ୍ରଦ୍ଧାଞ୍ଜଳି

# ମହାନ ସଂଗ୍ରାମୀ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ

◆ ସୌଭାଗ୍ୟ ରଞ୍ଜନ ମହାନ୍ତି

ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଏବଂ ପରବର୍ତ୍ତୀ ସମୟରେ ଏକ ସୁଦୃଢ଼ ରାଷ୍ଟ୍ର ଗଠନର ଇତିହାସରେ ଯେଉଁ କେତେଜଣ ମନୀଷୀ ନିଜର ଦୂରଦୃଷ୍ଟି, ପ୍ରଖର ପାଣ୍ଡିତ୍ୟ ଏବଂ ସାଲିସବିହୀନ ଦେଶପ୍ରେମ ପାଇଁ ଚିରସ୍ମରଣୀୟ ହୋଇ ରହିଛନ୍ତି, ସେମାନଙ୍କ ମଧ୍ୟରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଅନ୍ୟତମ । ଆଜି ତାଙ୍କର ପୁଣ୍ୟ ତିଥି ବା ତିରୋଧାନ ଦିବସ ଅବସରରେ ସମଗ୍ର ଦେଶ ତାଙ୍କର ସେହି ମହାନ ତ୍ୟାଗ ଓ ଆଦର୍ଶକୁ ଗଭୀର କୃତଜ୍ଞତାର ସହ ସ୍ମରଣ କରୁଛି, ଯିଏ ଭାରତର ଏକତା, ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ରକ୍ଷା ପାଇଁ ନିଜ ଜୀବନକୁ ଆହୁତି ଦେଇଥିଲେ । ୧୯୦୧ ମସିହା ଜୁଲାଇ ୬ ତାରିଖରେ କଲିକତାର ଏକ ସମ୍ଭ୍ରାନ୍ତ ତଥା ବିଦ୍ୱାନ ପରିବାରରେ ଜନ୍ମଗ୍ରହଣ କରିଥିବା ଶ୍ୟାମାପ୍ରସାଦଙ୍କ ପିତା ସାର୍ ଆଶୁତୋଷ ମୁଖାର୍ଜୀ କଲିକତା ଉଚ୍ଚ ନ୍ୟାୟାଳୟର ବିଚାରପତି ଏବଂ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଥିଲେ, ଯାହାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶ୍ୟାମାପ୍ରସାଦ ପିଲାଦିନରୁ ଅସାଧାରଣ ମେଧାଶକ୍ତିର ପରିଚୟ ଦେଇଥିଲେ । ମାତ୍ର ୩୩ ବର୍ଷ ବୟସରେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରି ସେ ନିଜର ପ୍ରଶାସନିକ ଦକ୍ଷତା ଓ ଶିକ୍ଷା ସଂସ୍କାର କ୍ଷେତ୍ରରେ ଏକ ନୂତନ ମାଇଲଖୁ[ ସ୍ଥାପନ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଦେଶର ଡାକରାରେ ସେ ସକ୍ରିୟ ରାଜନୀତିରେ ପାଦ ଥାପିଥିଲେ । ବ୍ରିଟିଶ ଶାସନ କାଳରେ ଯେତେବେଳେ ଭାରତ ବିଭାଜନର କଳାବାଦଲ ମାଡ଼ି ଆସୁଥିଲା ଏବଂ ମୁସଲିମ ଲିଗ୍ ?ର ସାମ୍ପ୍ରଦାୟିକ ନୀତି ଯୋଗୁଁ ସମଗ୍ର ବେଙ୍ଗଲ ପ୍ରଦେଶକୁ ପାକିସ୍ତାନରେ ସାମିଲ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ଚାଲିଥିଲା, ସେତେବେଳେ ଶ୍ୟାମାପ୍ରସାଦ ଜଣେ ଦ୍ରୋଣାଚାର୍ଯ୍ୟ ସଦୃଶ ଠିଆ ହୋଇ ତାର ତୀବ୍ର ବିରୋଧ କରିଥିଲେ । ସେ ନିଜର ଦୃଢ଼ ଯୁକ୍ତି ଓ ଜନଆନ୍ଦୋଳନ ବଳରେ ପଶ୍ଚିମ ବଙ୍ଗକୁ ପାକିସ୍ତାନ କବଳରୁ ରକ୍ଷା କରି ଭାରତ ଭୂଖଣ୍ଡ ସହ ସାମିଲ ରଖିବାରେ ସଫଳ ହୋଇଥିଲେ, ଯେଉଁଥିପାଇଁ ତାଙ୍କୁ ଆଧୁନିକ ପଶ୍ଚିମ ବଙ୍ଗର ନିର୍ମାତା ବୋଲି କୁହାଯାଏ । ସ୍ୱାଧୀନତା ପରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସର୍ବଦଳୀୟ ମନ୍ତ୍ରୀମଣ୍ଡଳରେ ସେ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବେ ଯୋଗଦେଇ ଭାରତର ପ୍ରଥମ ଶିଳ୍ପନୀତି ପ୍ରଣୟନ କରିଥିଲେ ଏବଂ ଚିତରଞ୍ଜନ ଲୋକୋମୋଟିଭ୍ କାରଖାନା, ସିନ୍ଦ୍ରୀ ସାର କାରଖାନା ତଥା ଦାମୋଦର ଭ୍ୟାଲି ପ୍ରକଳ୍ପ ଭଳି ବୃହତ ସଂରଚନାର ମୂଳଦୁଆ ପକାଇ ଦେଶକୁ ଆତ୍ମନିର୍ଭରଶୀଳ କରିବାର ପ୍ରୟାସ କରିଥିଲେ । ମାତ୍ର ନେହେରୁ ସରକାରଙ୍କ ତୋଷଣନୀତି ଏବଂ ବିଶେଷ କରି ଜାମ୍ମୁ-କାଶ୍ମୀର ପ୍ରସଙ୍ଗରେ ନିଆଯାଉଥିବା ପଦକ୍ଷେପକୁ ସେ ସହଜରେ ଗ୍ରହଣ କରିପାରିନଥିଲେ, ଯେଉଁଥିପାଇଁ ସେ ମନ୍ତ୍ରୀପଦରୁ ଇସ୍ତଫା ଦେଇ ୧୯୫୧ ମସିହାରେ ଭାରତୀୟ ଜନସଂଘ ପ୍ରତିଷ୍ଠା କରିଥିଲେ । ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରୁଥିବା ଧାରା ୩୭୦ର ସେ ଥିଲେ ପରମ ବିରୋଧୀ ଏବଂ ଦେଶ ଭିତରେ 'ଏକ ଦେଶରେ ଦୁଇଟି ସମ୍ବିଧାନ, ଦୁଇଜଣ ପ୍ରଧାନମନ୍ତ୍ରୀ ଏବଂ ଦୁଇଟି ପତାକା ଚଳିବ ନାହିଁ' ବୋଲି ସେ ଦେଇଥିବା ଗର୍ଜନ ସାରା ରାଷ୍ଟ୍ରକୁ ଆନ୍ଦୋଳିତ କରିଥିଲା । ଏହି ଜାତୀୟତାବାଦୀ ସଂକଳ୍ପକୁ ନେଇ ୧୯୫୩ ମସିହା ମେ ମାସରେ ସେ ବିନା ଅନୁମତିରେ କାଶ୍ମୀର ସୀମାରେ ପ୍ରବେଶ କରିବା ସମୟରେ ତାଙ୍କୁ ଗିରଫ କରାଯାଇଥିଲା ଏବଂ ଶେଷରେ ୧୯୫୩ ମସିହା ଜୁନ୍ ୨୩ ତାରିଖରେ ଶ୍ରୀନଗରର ଏକ ଜେଲ୍ ମଧ୍ୟରେ ରହସ୍ୟଜନକ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା, ଯାହାକୁ ଦେଶବାସୀ ଆଜି ସହିଦ ଦିବସ ଓ ବଳିଦାନ ଦିବସ ଭାବେ ପାଳନ କରୁଛନ୍ତି । ତାଙ୍କର ଏହି ମହାନ ବଳିଦାନର ଦଶନ୍ଧି ଦଶନ୍ଧି ପରେ ଯେତେବେଳେ ଭାରତ ସରକାର ଧାରା ୩୭୦ର ଉଚ୍ଛେଦ କଲେ, ତାହା ହିଁ ଥିଲା ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତି ସବୁଠାରୁ ବଡ଼ ଓ ପ୍ରକୃତ ଶ୍ରଦ୍ଧାଞ୍ଜଳି । ଶ୍ୟାମାପ୍ରସାଦଙ୍କ ଚିନ୍ତାଧାରା କେବଳ ରାଜନୈତିକ ସୀମା ମଧ୍ୟରେ ଆବଦ୍ଧ ନଥିଲା, ବରଂ ଜଣେ ମାନବବାଦୀ ଓ ସଂସ୍କାରକ ଭାବେ ସେ ଦେଶର ଶିକ୍ଷା, ସଂସ୍କୃତି ଏବଂ ସାମାଜିକ ଅଭ୍ୟୁଦୟ ପାଇଁ ନିରନ୍ତର କାର୍ଯ୍ୟ କରିଥିଲେ ଏବଂ ତାଙ୍କର ସେହି ଦେଶାତ୍ମବୋଧ ଆଜିର ଯୁବପିଢ଼ି ପାଇଁ ଏକ ବିରାଟ ପ୍ରେରଣାର ଉତ୍ସ । ଆଜି ତାଙ୍କର ଏହି ପୁଣ୍ୟ ତିରୋଧାନ ଦିବସରେ ଆମେ ସେହି ମହାନ ଜାତୀୟତାବାଦୀ ଜନନାୟକଙ୍କ ଅମ୍ଳାନ ସ୍ମୃତି ଚାରଣ କରିବା ସହ ତାଙ୍କ ପ୍ରଦର୍ଶିତ ପଥରେ ଚାଲି ଏକ ସମୃଦ୍ଧ, ସୁଦୃଢ଼ ଓ ଅଖଣ୍ଡ ଭାରତ ଗଠନ ପାଇଁ ସଂକଳ୍ପବଦ୍ଧ ହେବା ହିଁ ଶ୍ରେଷ୍ଠ ଆଦରଣୀୟ କାର୍ଯ୍ୟ ହେବ । କୌଣସି ବି ପାରାଗ୍ରାଫ୍ ବ୍ୟବହାର ନକରି ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଏହି ବିରାଟ ଜୀବନୀ ଓ ଉତ୍ସର୍ଗୀକୃତ ଭାବନାକୁ ଶବ୍ଦ ମାଧ୍ୟମରେ ପ୍ରକାଶ କରିବା ଏକ ପବିତ୍ର ଅନୁଭୂତି ଅଟେ । ତାଙ୍କର ଦୂରଦୃଷ୍ଟିସମ୍ପନ୍ନ



ଚିନ୍ତାଧାରା ଯୋଗୁଁ ଆଜି ଭାରତର ମାନଚିତ୍ର ସୁରକ୍ଷିତ ରହିଛି ଏବଂ ସେ ସମଗ୍ର ବିଶ୍ୱ ସମ୍ମୁଖରେ ନିଜର ଦୃଢ଼ ବ୍ୟକ୍ତିତ୍ୱ ପ୍ରମାଣିତ କରିପାରିଥିଲେ । ଶ୍ୟାମାପ୍ରସାଦ ମୁଖାର୍ଜୀ କେବଳ ଏକ ନାମ ନୁହେଁ, ବରଂ ଏକ ଚେତନା ଏବଂ ବିଚାରଧାରା। ଯାହା ସଦାସର୍ବଦା ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଜ୍ୱାଳା ପ୍ରଜ୍ୱଳିତ କରି ରଖିବ । ସେ ବ୍ରିଟିଶ ଶାସନର କଠୋର ନୀତିକୁ ଯେଉଁଭଳି ଭାବେ ସମ୍ମୁଖୀନ କରିଥିଲେ ଏବଂ ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ଯେଉଁ ସାଂସ୍କୃତିକ ଆନ୍ଦୋଳନ ଚଳାଇଥିଲେ, ତାହା ବାସ୍ତବରେ ଅତୁଳନୀୟ । ନିଜର ସ୍ୱଳ୍ପ ଜୀବନ କାଳ ମଧ୍ୟରେ ସେ ଯେଉଁ ସମସ୍ତ କାର୍ଯ୍ୟ ସମ୍ପାଦନ କରିଯାଇଛନ୍ତି, ତାହା ଆଗାମୀ ଶତାବ୍ଦୀ ଶତାବ୍ଦୀ ଧରି ରାଷ୍ଟ୍ର ନିର୍ମାଣର ପ୍ରକ୍ରିୟାକୁ ଦିଗଦର୍ଶନ ଦେବାରେ ସହାୟକ ହେବ । ଭାରତର ଶିଳ୍ପ ବିପ୍ଳବର ଆଦ୍ୟ ପର୍ବରେ ତାଙ୍କର ଯୋଗଦାନ ଯୋଗୁଁ ଆଜି ଆମେ ଅନେକ ବୃହତ୍ ଉଦ୍ୟୋଗର ସଫଳତା ଦେଖିବାକୁ ପାଉଛୁ ଏବଂ ସେ ଜଣେ ସଫଳ ଅର୍ଥନୀତିଜ୍ଞ ଭାବେ ମଧ୍ୟ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କର ମୃତ୍ୟୁକୁ ନେଇ ଅନେକ ବିବାଦ ଥିଲେ ହେଁ ତାଙ୍କର ତ୍ୟାଗ ଓ ବଳିଦାନକୁ କେହି କେବେ ଅସ୍ୱୀକାର କରିପାରିବେ ନାହିଁ । ଆଜିର ଦିନରେ ସେହି ପରମ ପୂଜନୀୟ ଜାତୀୟତାବାଦୀ ନେତାଙ୍କ ଚରଣ କମଳରେ କୋଟି କୋଟି ପ୍ରଣାମ ଜଣାଇବା ସହ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । ଭାରତବର୍ଷର ପ୍ରତ୍ୟେକ କୋଣରେ ତାଙ୍କର ନାମ ଏବଂ କୀର୍ତ୍ତି ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ ଏବଂ ତାଙ୍କର ସେହି ସ୍ୱପ୍ନର ଶକ୍ତିଶାଳୀ ଓ ଏକତ୍ରିତ ଭାରତ ଗଠନ ପାଇଁ ଆମେ ସମସ୍ତେ ସଦାସର୍ବଦା ଚେଷ୍ଟା ଜାରି ରଖିବା ଆବଶ୍ୟକ । ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ଏକତାକୁ ବଜାୟ ରଖିବା ପାଇଁ ଜନମାନସରେ ଜାଗରଣ ସୃଷ୍ଟି କରିବା ହିଁ ତାଙ୍କ ପ୍ରତି ପ୍ରକୃତ ସମ୍ମାନ ହେବ । ତାଙ୍କର ପ୍ରତ୍ୟେକଟି ନିଷ୍ପତ୍ତି ପଛରେ କେବଳ ଦେଶର ସ୍ୱାର୍ଥ ଜଡ଼ିତ ଥିଲା ଏବଂ ସେ କେବେ ମଧ୍ୟ ବ୍ୟକ୍ତିଗତ ଲାଭ କିମ୍ବା ପଦପଦବୀ ପାଇଁ ଲାଳଚିତ ହୋଇନଥିଲେ । ମନ୍ତ୍ରୀପଦରୁ ଇସ୍ତଫା ଦେବା ତାଙ୍କର ନିସ୍ୱାର୍ଥପର ରାଜନୀତିର ଏକ ବଡ଼ ପ୍ରମାଣ ଥିଲା, ଯାହା ଆଜିର ରାଜନୈତିକ ବ୍ୟବସ୍ଥାରେ ଅତ୍ୟନ୍ତ ବିରଳ । ସେ ସମାଜର ଦଳିତ, ବଂଚିତ ଏବଂ ପଛୁଆ ବର୍ଗର ଲୋକଙ୍କ ବିକାଶ ପାଇଁ ସଦାସର୍ବଦା ଚିନ୍ତା କରୁଥିଲେ ଏବଂ ଶିକ୍ଷାର ପ୍ରସାର ମାଧ୍ୟମରେ ହିଁ ସମାଜର ପରିବର୍ତ୍ତନ ସମ୍ଭବ ବୋଲି ବିଶ୍ୱାସ କରୁଥିଲେ । କଲିକତା ବିଶ୍ୱବିଦ୍ୟାଳୟରେ ତାଙ୍କ ଦ୍ୱାରା ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପଗୁଡ଼ିକ ଆଜି ମଧ୍ୟ ଶିକ୍ଷାବିତ୍ ?ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥାଏ । ସେ ଭାରତୀୟ ଭାଷାଗୁଡ଼ିକର ବିକାଶ ଏବଂ ସଂସ୍କୃତ ଭାଷାର ସୁରକ୍ଷା ପାଇଁ ବିଶେଷ ଗୁରୁତ୍ୱ ଦେଇଥିଲେ । ଜଣେ ସୁବକ୍ତା ଏବଂ ସଂସଦୀୟ ପଟୁ ଭାବେ ସଂସଦ ମଧ୍ୟରେ ତାଙ୍କର ଭାଷଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା ଏବଂ ବିରୋଧୀ ଦଳର ନେତାମାନେ ମଧ୍ୟ ତାଙ୍କର ଯୁକ୍ତିକୁ ସମ୍ମାନ ଦେଉଥିଲେ । ସେ ନିଜର ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟଶୈଳୀ ଦ୍ୱାରା ସମସ୍ତଙ୍କ ହୃଦୟ ଜିତିପାରିଥିଲେ । ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସେହି ଅମର ବାଣୀ ଏବଂ ଉତ୍ସର୍ଗୀକୃତ ଭାବନା ପ୍ରତ୍ୟେକ ଭାରତୀୟଙ୍କ ମନରେ ନୂତନ ଶକ୍ତି ସଂଚାର କରୁ ଏବଂ ସମଗ୍ର ବିଶ୍ୱରେ ଭାରତର ଗୌରବ ବୃଦ୍ଧି ପାଇଁ ଆମକୁ ପ୍ରେରିତ କରୁ, ଏହା ହିଁ ଆଜିର ଏହି ପବିତ୍ର ପୁଣ୍ୟ ତିଥିରେ ପ୍ରାର୍ଥନା । ରାଷ୍ଟ୍ରର ପ୍ରଗତି ପାଇଁ ସେ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ତ୍ୟାଗ କରି ଯେଉଁ କଠିନ ମାର୍ଗ ବାଛିଥିଲେ, ତାହା ତାଙ୍କୁ ଇତିହାସର ପୃଷ୍ଠାରେ ଅମର କରିଦେଇଛି । ଆଜିର ଦିନରେ ସେହି ଯୁଗପୁରୁଷଙ୍କ ପଦାଙ୍କ ଅନୁସରଣ କରି ଆମେ ଦେଶସେବାରେ ନିଜକୁ ନିୟୋଜିତ କରିବା ପାଇଁ ସଂକଳ୍ପ ନେବା ଉଚିତ୍ । ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଚିନ୍ତାଧାରା ଓ ସେବାର ମୂଲ୍ୟବୋଧ ଆଜି ମଧ୍ୟ ଦେଶ ପାଇଁ ସେତିକି ପ୍ରାସଙ୍ଗିକ, ଯେତିକି ସ୍ୱାଧୀନତା ସମୟରେ ଥିଲା । ସମଗ୍ର ଭାରତୀୟ ସମାଜ ତାଙ୍କର କୃତଜ୍ଞତାକୁ କେବେ ଭୁଲିପାରିବ ନାହିଁ ଏବଂ ତାଙ୍କର ନାମ ସର୍ବଦା ଅଖଣ୍ଡ ଭାରତର ପ୍ରତୀକ ଭାବେ ଉଦ୍ଭାସିତ ହେଉଥିବ । ସେ ନିଜର ଦେଶପ୍ରେମର ଯେଉଁ ପରାକାଷ୍ଠା ଦେଖାଇଛନ୍ତି, ତାହା ସ୍ୱାଧୀନ ଭାରତର ଇତିହାସରେ ସର୍ବଦା ଅନନ୍ୟ ରହିବ । ଡକ୍ଟର ମୁଖାର୍ଜୀଙ୍କ ବଳିଦାନର ମହତ୍ୱକୁ ବୁଝି ପ୍ରତ୍ୟେକ ନାଗରିକ ଦେଶର ସୁରକ୍ଷା ପାଇଁ କାର୍ଯ୍ୟ କରିବା ଉଚିତ୍ । ଆଜି ତାଙ୍କର ପୁଣ୍ୟ ତିଥି ଅବସରରେ ସେହି ମହାନ ମନୀଷୀଙ୍କୁ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି । ତାଙ୍କର ଅପୂର୍ଣ୍ଣ ସ୍ୱପ୍ନଗୁଡ଼ିକୁ ପୂରଣ କରିବା ଏବଂ ଭାରତକୁ ବିଶ୍ୱଗୁରୁ ଆସନରେ ଅଧିଷ୍ଠିତ କରିବା ପାଇଁ ସମଗ୍ର ଦେଶ ଏକଜୁଟ ହୋଇ ଆଗକୁ ବଢ଼ିବା ଆବଶ୍ୟକ । ସେ ଦେଶର ପ୍ରଗତି ଏବଂ ସାର୍ବଭୌମତ୍ୱକୁ ଯେଉଁଭଳି ଭାବେ ପ୍ରାଧାନ୍ୟ ଦେଇଥିଲେ, ତାହା ହିଁ ଆଜିର ଭାରତର ମୂଳଦୁଆ ସଦୃଶ ଅଟେ । ତାଙ୍କର ସେହି ଦୃଢ଼ ସଂକଳ୍ପ ଏବଂ ଜାତୀୟତାବାଦୀ ଚେତନାକୁ ସଲାମ୍ ଜଣାଇ ଆମେ ସେହି ଅମର ଜ୍ୟୋତିଙ୍କୁ ସ୍ମରଣ କରୁଛୁ, ଯିଏ ଅନ୍ଧକାର ମଧ୍ୟରେ ଦେଶକୁ ଆଲୋକର ବାଟ ଦେଖାଇଥିଲେ । ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଅମର ରୁହନ୍ତୁ ଏବଂ ତାଙ୍କର କୀର୍ତ୍ତି ସାରା ବିଶ୍ୱରେ ବ୍ୟାପିଯାଉ, ଏହା ହିଁ ଆମର କାମନା । ତାଙ୍କର ସେହି ମହାନ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟାବଳୀର ସମ୍ପୂର୍ଣ୍ଣ ବିବରଣୀ ଏହିପରି ଭାବେ ବିନା କୌଣସି ପାରାଗ୍ରାଫ୍ ବ୍ୟବହାର କରି ପ୍ରକାଶ କରିବା ଦ୍ୱାରା ତାଙ୍କ ଚିନ୍ତାଧାରାର ଅବିରତ ପ୍ରବାହକୁ ଦର୍ଶାଉଛି, ଯାହା କେବେ ମଧ୍ୟ ଅଟକିବ ନାହିଁ ଏବଂ ସର୍ବଦା ଆଗକୁ ବଢ଼ି ଚାଲିବ । ଦେଶ ପାଇଁ ତାଙ୍କର ଯେଉଁ ଅବଦାନ ରହିଛି, ତାହା ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ଏବଂ ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଅମୂଲ୍ୟ ସମ୍ପତ୍ତି ଅଟେ । ସେ ନିଜର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଦେଶର ଏକତା ପାଇଁ ଲଢ଼େଇ କରିଥିଲେ ଏବଂ ସେହି ଲଢ଼େଇ ଆଜି ମଧ୍ୟ ଆମ ସମସ୍ତଙ୍କୁ ଅନୁପ୍ରାଣିତ କରୁଛି । ତାଙ୍କର ସେହି ପବିତ୍ର ବଳିଦାନ ଭୂମି କାଶ୍ମୀର ଆଜି ସମ୍ପୂର୍ଣ୍ଣ ଭାବେ ଭାରତର ମୁକୁଟ ସାଜିଛି ଏବଂ ସେଠାରେ ଆଜି ଶାନ୍ତି ଓ ପ୍ରଗତିର ଏକ ନୂତନ ସୂର୍ଯ୍ୟ ଉଦୟ ହୋଇଛି, ଯାହା ପ୍ରକୃତରେ ତାଙ୍କର ଆତ୍ମାକୁ ଶାନ୍ତି ପ୍ରଦାନ କରୁଥିବ । ଆଜିର ଏହି ସ୍ମୃତି ସଭାରେ ଆମେ ତାଙ୍କର ଚିନ୍ତାଧାରାକୁ ଗ୍ରହଣ କରି ସମାଜରେ ପ୍ରେମ, ସଦ୍ଭାବ ଏବଂ ଜାତୀୟତାବାଦର ପ୍ରସାର କରିବା ପାଇଁ ଶପଥ ନେବା ଆବଶ୍ୟକ । ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନର ପ୍ରତ୍ୟେକଟି ଅଧ୍ୟାୟ ଶିକ୍ଷଣୀୟ ଏବଂ ଏହା ଆମକୁ କଠିନ ପରିସ୍ଥିତିରେ ମଧ୍ୟ ନିଜର ନୀତି ଓ ଆଦର୍ଶରେ ଅଟଳ ରହିବାକୁ ଶିଖାଇଥାଏ । ସେ କେବେ ମଧ୍ୟ ଅନ୍ୟାୟ ସହ ସାଲିସ କରିନଥିଲେ ଏବଂ ସଦାସର୍ବଦା ସତ୍ୟ ଏବଂ ନ୍ୟାୟର ପକ୍ଷ ନେଇଥିଲେ । ତାଙ୍କର ସେହି ମହାନ ଚରିତ୍ର ଆଜିର ରାଜନେତାମାନଙ୍କ ପାଇଁ ଏକ ଆଦର୍ଶ ଅଟେ । ଭାରତୀୟ ଜନସଂଘର ପ୍ରତିଷ୍ଠା କରି ସେ ଦେଶରେ ଏକ ବିକଳ୍ପ ରାଜନୈତିକ ବିଚାରଧାରାର ମୂଳଦୁଆ ପକାଇଥିଲେ, ଯାହା ଆଜି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ଭାବେ ପରିଣତ ହୋଇଛି ଏବଂ ଦେଶକୁ ପ୍ରଗତିର ପଥରେ ଆଗେଇ ନେଉଛି । ଏହା ହିଁ ତାଙ୍କର ସେହି ଦୂରଦୃଷ୍ଟିର ସବୁଠାରୁ ବଡ଼ ପ୍ରମାଣ । ଡକ୍ଟର ମୁଖାର୍ଜୀଙ୍କ ଅମର ଜୀବନୀକୁ ସ୍ମରଣ କରି ଆମେ ଗର୍ବ ଅନୁଭବ କରୁଛୁ ଏବଂ ତାଙ୍କର ସେହି ମହାନ ବଳିଦାନକୁ ସଦାସର୍ବଦା ମନେ ରଖିବୁ । ସେ ଦେଶର ସୀମା ସୁରକ୍ଷା ଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ସୁରକ୍ଷା ପର୍ଯ୍ୟନ୍ତ ସମସ୍ତ ବିଷୟରେ ଅତ୍ୟନ୍ତ ସଚେତନ ଥିଲେ ଏବଂ ସେଥିପାଇଁ ସେ ସଦାସର୍ବଦା ଦୃଢ଼ ପଦକ୍ଷେପ ନେବାକୁ ପରାମର୍ଶ ଦେଉଥିଲେ । ତାଙ୍କର ସେହି ଦେଶାତ୍ମବୋଧ ଆମ ସମସ୍ତଙ୍କ ପାଇଁ ଏକ ପଥପ୍ରଦର୍ଶକ ସଦୃଶ । ତାଙ୍କର ତିରୋଧାନ ଦିବସରେ ସେହି ମହାନ ଜାତୀୟତାବାଦୀ ନେତାଙ୍କୁ ଆମର ଶତ ଶତ ପ୍ରଣାମ ଏବଂ କୃତଜ୍ଞତା ଜଣାଉଛୁ । ଭାରତମାତାର ଏହି ସୁଯୋଗ୍ୟ ସନ୍ତାନଙ୍କ କୀର୍ତ୍ତିରାଜି ଚିରକାଳ ପାଇଁ ଅମର ହୋଇ ରହିବ ଏବଂ ଏହା ପ୍ରତ୍ୟେକ ଭାରତୀୟଙ୍କୁ ଦେଶସେବା ପାଇଁ ପ୍ରେରିତ କରୁଥିବ । ତାଙ୍କର ଜୀବନ ଆମ ପାଇଁ ଏକ ଆଲୋକ ବର୍ତ୍ତିକା ଏବଂ ସେହି ଆଲୋକରେ ଆମେ ସମସ୍ତେ ନିଜର ପଥ ପରିଷ୍କାର କରି ଆଗକୁ ବଢ଼ିବା ଆବଶ୍ୟକ । ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଅମର ଆତ୍ମା ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଯାହା ତାଙ୍କ ପ୍ରତି ଥିବା ଆମର ଭକ୍ତି ଓ ସମ୍ମାନର ଏକ କ୍ଷୁଦ୍ର ପ୍ରୟାସ ମାତ୍ର ଅଟେ । ଜୟ ହିନ୍ଦ୍, ବନ୍ଦେ ମାତରମ୍ ।

*ମୋବାଇଲ: ୯୪୩୭୯୯୪୩୭୯*

# ରାଜଶ୍ରୀ ଦେବୀଙ୍କ ସାରଗର୍ଭକ ବକ୍ତବ୍ୟରେ ମୁଖରିତ ହେଲା 'ଶିଳ୍ପ ସଂସ୍କୃତି ମଡ଼ାଇ ୨୦୨୬'




ଖଡ଼ିଆଳ (ନି.ପ୍ର): ଶିଳ୍ପ ସଂସ୍କୃତି ମଡ଼ଇ ୨୦୨୬' ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଖଡ଼ିଆଳର ରାଜମାତା ରାଜଶ୍ରୀ ଦେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ ।କାର୍ଯ୍ୟକ୍ରମରେ ରାଜମାତା ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଶିଳ୍ପ ସମ୍ବନ୍ଧୀୟ ବିଷୟ ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ତାଙ୍କର ବକ୍ତବ୍ୟ ଶ୍ରୋତାମାନଙ୍କ ପ୍ରଶଂସା ସାଉଁଟିଥିଲା ଏବଂ ସେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ ।ଏହି ଅବସରରେ ଅନ୍ୟତମ ଅତିଥି ଭାବେ ରାଜେଶ ତିୱାରୀ, ଡ. ଲଭଲି ଶର୍ମା ଭାଇସ ଚାନସ୍ଲେର, ସଂଗୀତ ଓ କଳା ବିଶ୍ୱବିଦ୍ୟାଳୟ ଖୈରାଗଡ଼ର ରାଜକୁମାରୀ ଇନ୍ଦ୍ରା ସିଂ ଏବଂ ଶ୍ରୀ ପୁରୁଷୋତମ ଚନ୍ଦ୍ରକାର ପ୍ରମୁଖ ଉପସ୍ଥିତ ଥିଲେ । ଶିଳ୍ପ ଓ ସଂସ୍କୃତିର ଉନ୍ନତି ଦିଗରେ ଏହି ପ୍ରଦର୍ଶନୀ କାର୍ଯ୍ୟକ୍ରମ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ପ୍ରଦର୍ଶନୀରେ ବିଭିନ୍ନ ଷ୍ଟଲ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ।

# ଅଚିହ୍ନା ପ୍ରଭୁଙ୍କ ଭଜନ ପୁସ୍ତକର ଶୁଭ ଉନ୍ମୋଚନ ଉତ୍ସବ



ଖୋର୍ଦ୍ଧା : ସ୍ଥାନୀୟ ମଲ୍ଲିପୁର ଶୂନ୍ୟ ଆଶ୍ରମ ଗଡ଼ନିଆଳ ଠାରେ ସାଧୁ ସନ୍ତୋଷ ରଣା ଏବଂ ଗଙ୍ଗାବାବାଙ୍କ ଆବାହକତ୍ୱରେ ଏକ ଧାର୍ମିକ ମହୋତ୍ସବ ସାଧୁସନ୍ଥ ମେଳା ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଧାର୍ମିକ ଉତ୍ସବକୁ ରତାପାଟ ମୁଖ୍ୟ ଆଶ୍ରମର ଥାନପତି ଦାମ ବାବା ଉଦ୍‌ଘାଟନ କରିଥିଲେ । ଏଥିରେ ବାଲା ମଙ୍ଗରାଜ, ରବି ନାରାୟଣ ହୋତା, ଚୌଧୁରୀ ପ୍ରଶାନ୍ତ ଦାସ, ଅରୁ ଲେଙ୍କା, ବିଭୁତି ପରିଡ଼ାଙ୍କ ସହଯୋଗରେ ବିଭିନ୍ନ ଗ୍ରାମରୁ ଭାଗବତ ପ୍ରେମୀମାନଙ୍କର ସହଯୋଗରେ ମେଳା ଅନୁଷ୍ଠିତ ହୋଇଥିଲା । ଅଚିହ୍ନା ପ୍ରଭୁଙ୍କ ଶୂନ୍ୟ ଭଜନ ମେଳା ପୁସ୍ତକ ଉଦ୍‌ଘାଟନରେ ପୂର୍ବତନ ସାଂସଦ କବି ଡ଼.ପ୍ରସନ୍ନ କୁମାର ପାଟଶାଣୀ, ଉତ୍କଳ ସମିଳନୀର ସଭାପତି ଡ଼. ଅଦୈତ୍ୟ କୁମାର ପାତ୍ର, ପ୍ରଫେସର ଡ଼.ଯୋଗେଶ ଚନ୍ଦ୍ର ରଥ, ସମାଜସେବୀ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ଦାସ ଏବଂ ସମାଜ ସେବୀ କମଳାକାନ୍ତ ପ୍ରହରାଜ ଉଦ୍‌ଘାଟକ, ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଓ ଅତିଥି ଭାବେ ଯୋଗ ଦେଇଥିଲେ ।

# ମିଳିତ ଜନଶୁଣାଣି ଶିବିର




ଖୋର୍ଦ୍ଧା : ବୋଲଗଡ଼ ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି କ୍ଷ ଉକ୍ତ ଶିବିରରେ ମାନ୍ୟବର ବିଧାୟକ,ବେଗୁନିଆ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନାଦି ଚରଣ ସେଠୀ,ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ,ଆସିଷ୍ଟା[ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ,ବ୍ଲକ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର, ବୋଲଗଡ଼ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ କ୍ଷ ଆଜିର ଅଭିଯୋଗ ଶିବିରକୁ ମୋଟ ୫୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୩୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୧ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା କ୍ଷ ଜିଲ୍ଲାପାଳ ଅଭିଯୋଗ ଶିବିରରେ ୦୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ କ୍ଷ ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ପିଙ୍କି ସୁବୁଦ୍ଧି, କଅଁପୁର, ଖମ୍ବୁରିଆ, ବୋଲଗଡଙ୍କୁ ୧୫ ହଜାର, କୁମୁଦିନୀ ମହାନ୍ତି, ହଳଦିପଦା, ସାଗର ବୁହା, ବୋଲଗଡଙ୍କୁ ୧୦ ହଜାର, ହରିବନ୍ଧୁ ନାୟକ, ସାଗର ବୁହା, ବୋଲଗଡ ଙ୍କୁ ୧୦ ହଜାର ସହାୟତା ରାଶି ପ୍ରଦାନ କରିଥିଲେ କ୍ଷ ସେହିପରି ବୋହିତା ଦେଇ, ଟାଙ୍ଗୀ ସାହି, ଖାଷିଓଦା, ବୋଲଗଡଙ୍କୁ ୨୦ ହଜାର, ଦିଲ୍ଲୀପ ସାମନ୍ତରାୟ, ରାଶୋଳ, ସାନପଦର, ବୋଲଗଡଙ୍କୁ ୧୫ ହଜାର, ବନିତା ପାଲଟା ସିଂହ, ଅପାସିଆ, ବାବାରଦୁଲା ପାଟଣା, ବୋଲଗଡ ଙ୍କୁ ୨୦ ହଜାର ଏବଂ କୁଞ୍ଜ ବିହାରୀ ସୁବୁଦ୍ଧି, ଗୋଡ଼ାପାଟଣା, ସାଗର ବୁହା, ବୋଲ ଗଡଙ୍କୁ ୧୫ ହଜାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପ୍ରଦାନ କରିଥିଲେ କ୍ଷ ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ , ପଂଚାୟତ ପ୍ରତିନିଧି,ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ

◆ ନାଟ୍ୟସାରଥି ଅଭୟ କୁମାର ଦାସ

ସ୍ୱାଧୀନତୋ□ର ଓଡ଼ିଶାରେ ଯେଉଁ ନୃତ୍ୟାଙ୍ଗନାମାନେ ଓଡ଼ିଶୀକୁ ବିଶ୍ୱ ସ୍ତରରେ ପହଂଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ପଦ୍ମ ଶ୍ରୀ ସଂଯୁକ୍ତା ପାଣିଗ୍ରାହୀ ମୁଖ୍ୟ । ସେ କହୁଥିଲେ, ନୃତ୍ୟ ମୋ ପାଇଁ ଗୋଟିଏ ପୂଜା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରେରଣାରୁ, ମୁଁ ମୁଦ୍ରା ତୋଳି ପାରୁଛି । ସେ ମୁଦ୍ରା ମୋର ଅର୍ଘ୍ୟ, ସେହି ମହାପ୍ରାଣ ପାଇଁ । ତାଙ୍କୁ ବିଶ୍ୱରେ ଓଡ଼ିଶୀ ନୃତ୍ୟର ଶ୍ରେଷ୍ଠ ପ୍ରବକ୍ତା କୁହାଯାଏ । ତାଙ୍କ ନାମ ହିଁ ଓଡ଼ିଶୀ ନୃତ୍ୟର ଅନ୍ୟ ନାମ । ଓଡ଼ିଶୀ ଉଚ୍ଚାରଣ କଲା ମାତ୍ରେ, ତାଙ୍କ ନୃତ୍ୟ ଭଙ୍ଗୀ ଚକ୍ଷୁ ସାମନାରେ ଭାସିଉଠେ । ତାଙ୍କ ସଂପର୍କରେ ଏକଦା ୱାସିଂଟନ ପୋଷ୍ଟରେ ପ୍ରକାଶିତ ହୋଇଥିଲା ସଂଯୁକ୍ତାଙ୍କ ବ୍ୟକ୍ତିତ୍ୱର ପ୍ରତିଟି ଅଂଶ ନୃତ୍ୟ କଳାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ମଂଚରେ ତାଙ୍କର ଦ୍ରୁତ ପଦଚାଳନା ଓ ଅପରୂପ ଭ୍ରୂଲତାର ସାମାନ୍ୟ କୁ□ନ, ଦର୍ଶକଙ୍କ ଉପରେ ଐନ୍ଦ୍ରଜାଲିକ ପ୍ରଭାବ ପକାଏ । ସେ ନୃତ୍ୟ କରୁଥିବାବେଳେ ଲାଗେ ସତେ, ଯେପରି ସେ କୌଣସି ପ୍ରାଚୀନ ମନ୍ଦିର ଗାତ୍ରର ଏକ ଅପରୂପା ସ୍ଥାପତ୍ୟ । ଏକ ରକ୍ଷଣଶୀଳ



ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିବା ସଂଯୁକ୍ତା ଆଦ୍ୟ ଶୈଶବରେ ନୃତ୍ୟ ପ୍ରତି ଆକର୍ଷିତ ହୋଇଥିଲେ । ପିତା ଅଭିରାମ ପ୍ରଥମେ ବିରୋଧ କରୁଥିଲେ । ହେଲେ ମାତା ଶକୁନ୍ତଳାଙ୍କ ସମର୍ଥନ ଦ୍ୱାରା ସମସ୍ତ ପ୍ରତିବନ୍ଧ ଦୂର ହୋଇଥିଲା । ଚାରି ବର୍ଷ ବୟସରେ ସଂଯୁକ୍ତାଙ୍କ ଓଡ଼ିଶୀ ଶିକ୍ଷା ଆରମ୍ଭ ହୋଇଥିଲା । ପ୍ରଥମ ଗୁରୁ ଥିଲେ ପଦ୍ମ ବିଭୂଷଣ କେଳୁଚରଣ ମହାପାତ୍ର । ନଅ ବର୍ଷ ବୟସରେ ସଂଯୁକ୍ତା ଚେନ୍ନାଇର କଳାକ୍ଷେତ୍ର ଅନୁଷ୍ଠାନରେ ଭର୍ତ୍ତି ହୋଇଥିଲେ । ତାମିଲ ଭାଷା ଜାଣି ନଥିବାରୁ ପ୍ରଥମେ ମନା କରିଦେଇଥିଲେ, ଅନୁଷ୍ଠାନର ଅଧ୍ୟକ୍ଷା ଡ. ରୁକ୍ମିଣୀ ଦେବୀ । ହେଲେ ଛୋଟ ଝିଅଟିର ଦୃଢ଼ ମନୋଭାବ ଦେଖି ନିଷ୍ପତି ବଦଳାଇ ଥିଲେ । ଆଉ ସଂଯୁକ୍ତା ତମିଲ ଭାଷା ସହ ଭାରତନାଟ୍ୟମ ଶିକ୍ଷା କରିଥିଲେ । ତାହାପରେ କଥକଲୀ । କଳାକ୍ଷେତ୍ରରେ ପା□ ବର୍ଷ ନୃତ୍ୟ ଶିକ୍ଷା ପରେ, ମୁମ୍ବାଇର ଭାରତୀୟ ବିଦ୍ୟା ଭବନ । ସେଠାରେ ଗୁରୁ ହଜାରୀଲାଲଙ୍କ ଠାରୁ ଶିଖିଥିଲେ କଥକ । ୧୯୬୦ ରେ କଣ୍ଠଶିଳ୍ପୀ ରଘୁନାଥ ପାଣିଗ୍ରାହୀଙ୍କ ସହ ତାଙ୍କର ପ୍ରେମ ବିବାହ ହୋଇଥିଲା । ରଘୁନାଥଙ୍କ ଘର କୋରାପୁଟ ଅନ୍ତର୍ଗତ ବାମଣିପୁଟ । ଶ୍ୱଶୁରାଳୟରେ ପହଂଚିବା ପରେ ସଂଯୁକ୍ତାଙ୍କ ନୃତ୍ୟାଙ୍ଗନା ଜୀବନର ଅନ୍ତ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ସେ ନୃତ୍ୟ କରନ୍ତୁ ବୋଲି ଶାଶୁ ଶ୍ୱଶୁର ଚାହୁଁ ନଥିଲେ । ଘରକୋଣରେ ବନ୍ଦିନୀ ଜୀବନ କ୍ରମେ ଅସହ୍ୟ ହେଲା । ସଂଯୁକ୍ତାଙ୍କ ଅନ୍ତରାତ୍ମା ବିଦ୍ରୋହ କରିଉଠିଲା । ଅବଶ୍ୟ ପତିଙ୍କ ସହଯୋଗ ମିଳିଥିଲା । ତାହାପରେ ଲମ୍ବା ସଂଘର୍ଷ । ଉଣେଇଶ ବର୍ଷ ବେଳକୁ ଦୁଇ ଦୁଇଟି ପୁତ୍ର ସନ୍ତାନଙ୍କ ଜନନୀ ହୋଇ ସାରିଥିଲେ ସଂଯୁକ୍ତା । ଏଭଳି ଘଟିଲେ ସାଧାରଣତଃ ପେସାଦାର ଶିଳ୍ପୀ ଜୀବନରେ ଅଗ୍ରଗତି ଅସମ୍ଭବ ହୋଇ ପଡ଼େ । କିନ୍ତୁ ଅସମ୍ଭବକୁ ସମ୍ଭବ କରିଦେଖାଇଥିଲେ ସଂଯୁକ୍ତା । ଗୁରୁ କେଳୁଚରଣଙ୍କ ଆଶୀର୍ବାଦ, ଉପଦେଶ ଓ ସହାୟତା ତାଙ୍କୁ ପହ□ାଇଥିଲା ଶୀର୍ଷରେ । ଗୁରୁଙ୍କ ଉପଦେଶ ଥିଲା ରଘୁନାଥ ଗାଆନ୍ତୁ ଓ ସଂଯୁକ୍ତା ନାଚନ୍ତୁ । ମଣିକା□ନର ଅପୂର୍ବ ସଂଯୋଗ ଘଟିଥିଲା । ସେମାନଙ୍କ ମାଧ୍ୟମରେ ଓଡ଼ିଶୀ ନୃତ୍ୟ ଓ ସଂଗୀତର ପ୍ରସାର ହୋଇଥିଲା । ଦୀର୍ଘ ଜୀବନ ସଂଯୁକ୍ତାଙ୍କ ଭାଗ୍ୟରେ ନଥିଲା । କର୍କଟାକ୍ରାନ୍ତ ହୋଇ ତେପନ ପୂରିବା ପୂର୍ବରୁ ୧୯୯୭ ଜୁନ୍ ୨୪ରେ ତାଙ୍କର ପରଲୋକ ହୋଇଥିଲା । ରଘୁନାଥ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଏହି ଭାଷାରେ ଚାଲିଗଲ ତୁମେ ମୋ ଠାରୁ ସିନା, ବହୁ ଦୂରେ ଦୂରାନ୍ତରେ : ମୁଁ ବା କେବେ ଛାଡ଼ି କି ପାରିବି, ତୁମ ବନ୍ଧା ମୋ ଅନ୍ତରେ ।'

*ଗୋଡରା, ମାହାଙ୍ଗା, କଟକ,*
*: ୯୪୩୭୧୪୨୭୧୭*

# ନବକୃଷ୍ଣ ଚୌଧୁରୀ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ୧୯୦୧ ମସିହା ନଭେମ୍ବର ୨୩ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଚିନ୍ତା ନାୟକ ନବକୃଷ୍ଣ ବହୁବର୍ଷ କାରାବରଣ କରିଥିଲେ । ସେ ଥିଲେ ଓଡ଼ିଶାର ସମାଜବାଦୀ ଆନ୍ଦୋଳନର ପ୍ରତିଷ୍ଠାତା । କୃଷକ ତଥା ଗଡ଼ଜାତ ଆନ୍ଦୋଳନର ଦିଗଦର୍ଶକ ଓ ସେନାପତି ହେଲେ ନବକୃଷ୍ଣ । ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଦୀର୍ଘ ବର୍ଷର ଜମିଦାରୀ ପ୍ରଥା ଲୋପ ହୋଇଥିଲା । ଚାଷ ଜମି ଉପରେ



ଚାଷୀର ଅଧିକାର ମଧ୍ୟ ସାବ୍ୟସ୍ତ ହେଲା । ନବକୃଷ୍ଣ ଛଅ ବର୍ଷ ଛଅ ମାସ କାଳ ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାକୁ ଶାସନ କରିଥିଲେ । ତାଙ୍କ ଶାସନ କାଳରେ ଓଡ଼ିଶାରେ କୃଷି ମହାବିଦ୍ୟାଳୟ, ପଶୁ ଚିକିତ୍ସା ମହାବିଦ୍ୟାଳୟ ଓ ଇଞ୍ଜିନିୟରିଂ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ତାଙ୍କ ସମୟରେ ଆଉ ଗୋଟିଏ ମହତ୍ୱପୂର୍ଣ୍ଣ ଘଟନା ହେଲା, ହୀରାକୁଦ ନଦୀବନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା । ନିଶା ନିବାରଣ ଉପରେ ସେ ସବୁବେଳେ ଗୁରୁତ୍ୱ ଦେଉଥିଲେ । ଭାରତ ବର୍ଷର ଅନ୍ୟତମ ଆ□ଳିକ ଭାଷା ଭାବେ ଓଡ଼ିଆ ଭାଷା ସ୍ୱୀକୃତି ପାଇବାର ବହୁ ପୂର୍ବରୁ ନବକୃଷ୍ଣ ଓଡ଼ିଆକୁ ରାଜ୍ୟର ସରକାରୀ ଭାଷା କରାଇଥିଲେ । ଏତେ ବର୍ଷ କାଳ କ୍ଷମତାରେ ଥିଲେ ମଧ୍ୟ ଶତ୍ରୁମାନେ ବି ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବାକୁ ସାହାସ କରିନଥିଲେ । ସ୍ୱଇଚ୍ଛାରେ ସେ କ୍ଷମତା ରାଜନୀତି ଛାଡ଼ି ଅତ୍ୟାଚାରିତ ଓ ଶୋଷିତ ଲୋକମାନଙ୍କ ସ୍ୱାର୍ଥରକ୍ଷା ଲାଗି ସଂଗ୍ରାମ କରିଥିଲେ । ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ସେ ଲୋକନୀତିର ବିକାଶ ଦିଗରେ ନିଜକୁ ନିୟୋଜିତ କରିଥିଲେ । ଭାରତ ବର୍ଷରେ ଗାନ୍ଧି ବିଚାରର ସେ ଥିଲେ ଜଣେ ପ୍ରମୁଖ ପ୍ରବକ୍ତା । ୧୯୮୪ ମସିହା ଜୁନ୍ ୨୪ ତାରିଖ ଦିନ ଏହି ମହାନ୍ ବ୍ୟକ୍ତିଙ୍କ ଦେହାନ୍ତ ହୋଇଥିଲା । ନବକୃଷ୍ଣଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବାକୁ ଯାଇ ପ୍ରସିଦ୍ଧ କବି ବିନୋଦ ଚନ୍ଦ୍ର ରାଉତରାୟ ଲେଖିଥିଲେ କିପରି ହେବାକୁ ହୁଏ ସଂଗ୍ରାମରେ ମରଣ ନିର୍ଭୟ । କେଉଁପରି କରାଯାଏ ଦୃଢ଼ ହୋଇ ହୃଦୟକୁ ଜୟ, ରାଜେନ୍ଦ୍ର ଆସନେ ବସି କେଉଁ ପରି କରାଯାଏ ଯୋଗ, ତ୍ୟାଗପୂତ ଜୀବନକୁ କେଉଁପରି କରାଯାଏ ଭୋଗ, ତାହାହିଁ ପ୍ରମାଣ କଲ ଗୋଟି ଗୋଟି ଯୁଗସ୍ରଷ୍ଟା ପରି, ଜାତି ଓ ଜନତା ଆଗେ ହେ ମହାନ୍ ନବଚୌଧୁରୀ ।



# ନୂତନ ଭାରତର ସଂକଳ୍ପ: ସନ୍ଦେହରୁ ବିଶ୍ୱାସ ଏବଂ ଭୟରୁ ସ୍ୱାଧୀନତା ଦିଗକୁ

ଦଶନ୍ଧି ଦଶନ୍ଧି ଧରି ଭାରତର ନିୟାମକ ଢାଂଚା ଗଭୀର ଅବିଶ୍ୱାସର ସହିତ ନାଗରିକମାନଙ୍କ ସହିତ କାର୍ଯ୍ୟ କରିଆସୁଥିଲା ଏବଂ ସେମାନଙ୍କୁ ସାମାନ୍ୟ, ପ୍ରକ୍ରିୟାଗତ ଉଲ୍ଲଂଘନ କିମ୍ବା କ୍ଷମତାରେ ଥିବା ବ୍ୟକ୍ତିଙ୍କ ଦ୍ୱାରା କେବଳ ସନ୍ଦେହ ପାଇଁ ଅପରାଧୀ ଭାବରେ ବିବେଚନା କରୁଥିଲା । ଏକ ନୂତନ ତଥା ସଫଳ ପରିବର୍ତ୍ତନ ମାଧ୍ୟମରେ, ମୋଦୀ ସରକାର ସାଧାରଣ ଲୋକଙ୍କ ପ୍ରତି ବିଶ୍ୱାସ ଏବଂ କରୁଣା ଉପରେ ଆଧାରିତ ନୀତିମାନ ପ୍ରସ୍ତୁତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଗରିକ ଏବଂ ବ୍ୟବସାୟମାନଙ୍କୁ ସମର୍ଥନ କରିବା, ଅନୁପାଳନକୁ ସରଳ କରିବା ଏବଂ ବ୍ୟବସାୟିକ ସଂସ୍ଥାମାନେ ସମ୍ମୁଖୀନ ହେଉଥିବା ବ୍ୟାବହାରିକ ଅସୁବିଧାକୁ ସ୍ୱୀକାର ପୂର୍ବକ ଭାରତର ଆଇନଗତ ଦୃଶ୍ୟପଟ୍ଟକୁ ଉନ୍ନତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଲୋକ ମାନଙ୍କ ଉପରୁ ଅନୁପାଳନ ଭାର ହ୍ରାସ କରିବା, ବିମୁଦ୍ରିକରଣ କିମ୍ବା ସିଙ୍ଗଲ-ୱିଣ୍ଡୋ କ୍ଲିୟରାନ୍ସ ମାଧ୍ୟମରେ ହେଉ, ଏଭଳି ବ୍ୟାପକ ପରିବର୍ତ୍ତନ ପ୍ରଶାସନକୁ ଅଧିକ ଯୁକ୍ତିସଂଗତ ଏବଂ ଦକ୍ଷ କରିବା ଦିଗରେ ସହାୟକ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ବିଶ୍ୱାସ ଏବଂ କରୁଣା ଉପରେ ଆଧାରିତ ଶାସନ ମନ୍ତ୍ର ଜନ ବିଶ୍ୱାସ ଆଇନ, ୨୦୨୬ ଏବଂ ୨୦୨୩ର ସମାନ ଆଇନରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି । ନାଗରିକ ଅନୁକୂଳ - ଏକ ନାଗରିକ- ଅନୁକୂଳ ନିୟାମକ ପରିବେଶ ସୃଷ୍ଟି କରିବା ଏବଂ ଅନୁପାଳନକୁ ଉତ୍ସାହିତ କରିବା ସକାଶେ, ନୂତନ ଆଇନ ସ୍ପଷ୍ଟ ନୀତି ସହିତ ଛୋଟ ଅପରାଧକୁ ସମାଧାନ କରିବା ଦିଗରେ କାର୍ଯ୍ୟ କରେ । ଦଣ୍ଡ ପୂର୍ବରୁ ଚେତାବନୀ, ଅପରାଧର ଗମ୍ଭୀରତା ସହିତ ସମାନୁପାତିକ ଦଣ୍ଡ, ଦ୍ରୁତ ଏବଂ ସ୍ୱଚ୍ଛ ସମାଧାନ ପ୍ରକ୍ରିୟା ଏବଂ ସମୟ ସହିତ କାର୍ଯ୍ୟକାରୀତାକୁ ପ୍ରଭାବଶାଳୀ କରିବା, ପ୍ରାସଙ୍ଗିକ ଏବଂ ପ୍ରତିକ୍ରିୟାଶୀଳ ରହିବା ନିଶ୍ଚିତ କରିବା ପାଇଁ ସାମୟିକ ସଂଶୋଧନ ସହିତ ଏକ ଗତିଶୀଳ ଦଣ୍ଡବିଧାନ ଢାଂଚା ସୃଷ୍ଟି କରେ । ଏହା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ସହିତ ନିୟାମକ ଆଭିମୁଖ୍ୟ, ଅନୁପାଳନ ଏବଂ କାର୍ଯ୍ୟକାରୀତାରେ ଏକ ପ୍ରମୁଖ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରେ ଯେ ଭାରତର ଏକବିଂଶ ଶତାବ୍ଦୀର ଆକାଂକ୍ଷା ଅତୀତର ଔପନିବେଶିକ ଯୁଗର ଶାସନ ଉପକରଣ ମାଧ୍ୟମରେ ସାକାର କରାଯାଇପାରିବ ନାହିଁ । ଏଭଳି ସଂସ୍କାରର ପରିମାଣ ଅଭୂତପୂର୍ବ ବୋଲି ପ୍ରମାଣିତ ହୋଇଛି । ଜନ ବିଶ୍ୱାସ ଆଇନ ୨୩ ଗୋଟି ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ୭୯ଟି କେନ୍ଦ୍ରୀୟ ଆଇନରେ ଏହା ମୋଟ ୭୮୪ଟି ବ୍ୟବସ୍ଥାକୁ ସଂଶୋଧନ କରିଛି । ଏହା ୭୧୭ଟି ବ୍ୟବସ୍ଥାକୁ ଅପରାଧମୁକ୍ତ କରିଛି ଏବଂ ଜୀବନଧାରଣର ସହଜତାକୁ ଉନ୍ନତ କରିବା ପାଇଁ ଅନ୍ୟ ୬୭ ଗୋଟି ବ୍ୟବସ୍ଥାକୁ ଯୁକ୍ତିସଂଗତ କରିଛି । ଏହା ସ୍ୱାଧୀନ ଭାରତର ସଂସଦୀୟ ଇତିହାସରେ ସବୁଠାରୁ ବଡ଼ ଅପରାଧମୁକ୍ତୀକରଣ କାର୍ଯ୍ୟକ୍ରମ ଅଟେ । ଏହା ୧,୦୦୦ରୁ ଅଧିକ ଅପରାଧକୁ ଯୁକ୍ତିସିଦ୍ଧ କରିଛି, ପୁରୁଣା ଏବଂ ଅନାବଶ୍ୟକ ବ୍ୟବସ୍ଥାକୁ ହଟାଇ ଦେଇଛି, ପୁରୁଣା ଉପନିବେଶ ଯୁଗର ଅପରାଧକୁ ରଦ୍ଦ କରିଛି ଏବଂ ଫୌଜଦାରୀ ଅଦାଲତ ବାହାରେ ବିଚାର ଏବଂ ଆପିଲ୍ ବ୍ୟବସ୍ଥାକୁ ଅଧିକ ମଜଭୁତ କରିଛି । ସ୍ୱାଗତଯୋଗ୍ୟ ପରିବର୍ତ୍ତନ - ପୂର୍ବରୁ, ଯେକୌଣସି ବ୍ୟକ୍ତିଙ୍କୁ 'ସନ୍ତୋଷଜନକ ବ୍ୟାଖ୍ୟା' ବିନା ସୂର୍ଯ୍ୟାସ୍ତ ଏବଂ ସୂର୍ଯ୍ୟୋଦୟ ମଧ୍ୟରେ କେବଳ ଘର, କୋଠାଘର କିମ୍ବା ଯାନରେ ଉପସ୍ଥିତ ରହିବା ଯୋଗୁଁ ତିନି ମାସ ପାଇଁ ଜେଲ୍ ଦଣ୍ଡିତ କରାଯିବାର ପ୍ରାବଧାନ ରହିଥିଲା । ଏହା ଉପନିବେଶ ଯୁଗୀୟ ବ୍ୟବସ୍ଥା ଥିଲା । ସନ୍ଦେହ-ଆଧାରିତ ପଦ୍ଧତିକୁ ଏହା ପ୍ରତିଫଳିତ କରେ ଯାହା ସାଧାରଣ ଗତିବିଧିକୁ ସମ୍ଭାବ୍ୟ ଅପରାଧୀ ଭାବରେ ମଧ୍ୟ ବିବେଚନା କରେ । ଏହି ସଂସ୍କାର ଏଭଳି ଅପରାଧକୁ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରିଛି ଏବଂ ଆଇନକୁ ଆଧୁନିକ ନୀତି ସହିତ ସମନ୍ୱିତ କରିଛି । ପୂର୍ବରୁ ପ୍ରଚଳିତ ଢାଂଚା ଅନୁଯାୟୀ, ଯଦି ଜଣେ ବ୍ୟକ୍ତିଙ୍କ ଡ୍ରାଇଭିଂ ଲାଇସେନ୍ସର ମିଆଦ ଶେଷ ହୋଇଯାଏ, ତେବେ ପରଦିନ ବିନା ଲାଇସେନ୍ସରେ ଜଣେ ଡ୍ରାଇଭର ରାସ୍ତାରେ ଗାଡ଼ି ଚଳାଇଲେ ଫୌଜଦାରୀ ଅଭିଯୋଗର ସମ୍ମୁଖୀନ ହେଉଥିଲେ । ନୂତନ ଆଇନରେ ଏଥିପାଇଁ ଡ୍ରାଇଭରକୁ ୩୦ ଦିନର ମହଲତ ପ୍ରଦାନ କରାଯାଇଛି । ଶିକ୍ଷାର୍ଥୀ ଆଇନ ଅନୁଯାୟୀ ପଞ୍ଜୀକରଣ ବିବରଣୀ ଅପଡେଟ୍ କରିବାରେ ବିଫଳ ହେଉଥିବା ଏକ କ୍ଷୁଦ୍ର ନିର୍ମାତାଙ୍କ କଥା ମଧ୍ୟ ବିଚାର କରନ୍ତୁ । ପୂର୍ବରୁ, ଏହା ଏକ ଅପରାଧିକ ତ୍ରୁଟି ଥିଲା କିନ୍ତୁ ବର୍ତ୍ତମାନ କେବଳ ବାରମ୍ବାର ଅନୁପାଳନ ନ କରିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ଦିଆଯାଇଛି । ସେହିପରି, ଏକ ଖଣି କମ୍ପାନୀ ଦ୍ୱାରା ଡକ୍ୟୁମେଂଟେସନରେ ପ୍ରକ୍ରିୟାଗତ ତ୍ରୁଟିପାଇଁ ପୂର୍ବରୁ ଜେଲଦଣ୍ଡ ହୋଇପାରେ ବୋଲି ଧରାଯାଉଥିଲା । କିନ୍ତୁ ଆଜି, ଏପରି ମାମଲା ଗୋଷ୍ଠୀ ଦଣ୍ଡକୁ ଆକର୍ଷିତ କରେ । ବେଆଇନ ଖଣି, ଠକେଇ, ଇଚ୍ଛାକୃତ କ୍ଷତି ଏବଂ ଜନସ୍ୱାର୍ଥର ଗମ୍ଭୀର ଉଲ୍ଲଂଘନ ପାଇଁ ଅପରାଧିକ ଦାୟିତ୍ୱ ରହିଛି; କାଗଜପତ୍ର ପାଇଁ ନୁହେଁ । ସମସ୍ତଙ୍କ ପାଇଁ ୧୨ ବର୍ଷର ସୁଫଳ- ଜନ ବିଶ୍ୱାସ ଆଇନ ଆମ ସମସ୍ତ ନାଗରିକଙ୍କ ପାଇଁ ଜୀବନକୁ ସହଜସାଧ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସର ପ୍ରତୀକ ଅଟେ । ପ୍ରଧାନମନ୍ତ୍ରୀ ଭାବରେ ଏବଂ ପୂର୍ବରୁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ଦେଶ ପ୍ରତି ତାଙ୍କର ୧୨ ବର୍ଷର ସେବାରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ମୁଖ୍ୟ ମିଶନରେ ପରିଣତ ହୋଇଛି । ଜନ ବିଶ୍ୱାସ ୨୦୨୬ ଏକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଉପରେ ପ୍ରତିଷ୍ଠା ହୋଇଛି । ୨୦୨୩ ମସିହାରେ, ଭାରତ ପ୍ରଥମ ଜନ ବିଶ୍ୱାସ ଆଇନ ମାଧ୍ୟମରେ ୪୨ ଗୋଟି ଆଇନରେ ୧୮୩ଟି ବ୍ୟବସ୍ଥାକୁ ଅପରାଧମୁକ୍ତ କରାଯାଇଥିଲା । ସେହି ପ୍ରୟାସ ଦର୍ଶାଇଥିଲା ଯେ ଅପରାଧମୁକ୍ତୀକରଣ ପ୍ରବର୍ତ୍ତନକୁ ଦୁର୍ବଳ ନକରି ଶାସନକୁ ଉନ୍ନତ କରିପାରିବ । ୨୦୨୬ ଆଇନ ଏହି କାର୍ଯ୍ୟକୁ ପ୍ରାୟ ଚାରିଗୁଣ ବୃଦ୍ଧି କରିଛି, ଯାହା ସୂଚିତ କରୁଛି ଯେ ଏହା ଏକା ଥରେ ଗ୍ରହଣ କରିବା ଭଳି ପଦକ୍ଷେପ ନୁହେଁ ବରଂ ଏକ ନିରନ୍ତର ସଂସ୍କାରର ଦିଗ । ବୃହତ ମିଶନ - ନୂତନ ଆଇନଟି ପ୍ରକୃତରେ ଭାରତୀୟଙ୍କ ଜୀବନକୁ ଉନ୍ନତ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ବୃହତ ମିଶନର ଏକ ଅଂଶ । ଏହି ମିଶନରେ, ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ନାଗରିକଙ୍କୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇବା ପାଇଁ ପ୍ରୟାସ କରିଛନ୍ତି ଏବଂ ଏହା ମଧ୍ୟ ସୁନିଶ୍ଚିତ କରିଛନ୍ତି ଯେ ସାମାଜିକ କଲ୍ୟାଣ ଖର୍ଚ୍ଚ ସିଧାସଳଖ ଯେପରି ହିତାଧିକାରୀଙ୍କ ନିକଟକୁ ହସ୍ତାନ୍ତରିତ ହୁଏ । କଂଗ୍ରେସ ଶାସନର ସେହି ଦିନ ପରି ନୁହେଁ ଯେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ କହିଥିଲେ ଯେ କଲ୍ୟାଣ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥର କେବଳ ୧୫% ପ୍ରକୃତରେ ଗରିବଙ୍କ ନିକଟରେ ପହଂଚେ । କମ୍ ମୂଲ୍ୟର ଅପରାଧିକ ବ୍ୟବସ୍ଥାକୁ ପ୍ରଶାସନିକ ଏବଂ ଆର୍ଥିକ ଢାଂଚା ସହିତ ବଦଳାଇବା କେବଳ ସାଧାରଣ ନାଗରିକଙ୍କ ପାଇଁ ନୁହେଁ, ଏହା ଛୋଟ ଛୋଟ ବ୍ୟବସାୟଗୁଡ଼ିକୁ ମଧ୍ୟ ସାହାଯ୍ୟ କରେ । ଏହା ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକୁ ନିୟମିତ ବୈଷୟିକ ଉଲ୍ଲଂଘନ ପରିବର୍ତ୍ତେ ଗମ୍ଭୀର ଉଲ୍ଲଂଘନ ଉପରେ ଧ୍ୟାନ ଦେବାକୁ ଅନୁମତି ଦିଏ । ନ୍ୟାୟାଳୟଗୁଡ଼ିକ ପ୍ରକୃତରେ ନ୍ୟାୟିକ ହସ୍ତକ୍ଷେପ ଆବଶ୍ୟକ କରୁଥିବା ମାମଲାଗୁଡ଼ିକ ପ୍ରତି ସେମାନଙ୍କର ଧ୍ୟାନ ଦେଇଥାଆନ୍ତି । ଅର୍ଥନୀତି ଏବଂ ପୁଞ୍ଜିନିବେଶ - ଏହାର ସୁଫଳ କେବଳ ପ୍ରଶାସନ ମଧ୍ୟରେ ସୀମିତ ହୋଇ ରହିନାହିଁ । ଏକ କ୍ରମବର୍ଦ୍ଧିଷ୍ଣୁ ପ୍ରତିଯୋଗିତାମୂଳକ ବିଶ୍ୱ ଅର୍ଥନୀତିରେ, ନିୟାମକ ବ୍ୟବସ୍ଥାର ବିଶ୍ୱସନୀୟତା ବିଶେଷ ଗୁରୁତ୍ୱ ବହନ କରେ । ବହୁ ବର୍ଷ ଧରି, ବୈଷୟିକ ତ୍ରୁଟି ପାଇଁ ଅପରାଧିକ ମାମଲାର ଭୟ ପୁଞ୍ଜିନିବେଶ କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଥିଲା । ତେବେ ୨୦୧୪ ରୁ ୨୦୨୫ ମଧ୍ୟରେ ଭାରତରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶରେ ୧୪୩ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି ଏବଂ ଏହି ବୃଦ୍ଧିର ଧାରା ଏବେ ମଧ୍ୟ ଜାରି ରହିଛି । ନିୟାମକ ସଂସ୍କାର ଏହି ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସାଜିଛି । ଭାରତକୁ ପୁଞ୍ଜିନିବେଶ ଏବଂ ଉଦ୍ୟୋଗ ପାଇଁ ଏକ ଅଧିକ ପୂର୍ବାନୁମାନଯୋଗ୍ୟ ତଥା ବିଶ୍ୱସନୀୟ ସ୍ଥଳ ଭାବେ ଗଢ଼ିତୋଳି ଏହି ଗତିକୁ ଆହୁରି ମଜବୁତ କରିବା ପାଇଁ 'ଜନ ବିଶ୍ୱାସ ୨୦୨୬' କୁ ପ୍ରଣୟନ କରାଯାଇଛି । ଏହି ସଂସ୍କାର ଆମର ନ୍ୟାୟିକ ବ୍ୟବସ୍ଥାକୁ ମଧ୍ୟ ବଡ଼ ଆଶ୍ୱସ୍ତି ପ୍ରଦାନ କରୁଛି । ଦେଶର ଜିଲ୍ଲା ଓ ଅଧସ୍ତନ ଅଦାଲତଗୁଡ଼ିକରେ ଥିବା ପ୍ରାୟ ୪.୯ କୋଟି ମାମଲା ସମେତ ସମୁଦାୟ ୫.୫ କୋଟିରୁ ଅଧିକ ବିଚାରାଧୀନ ମାମଲା ମଧ୍ୟରୁ ଅନେକ ମାମଲା ସାମାନ୍ୟ ନିୟାମକ ଉଲ୍ଲଂଘନ ସହିତ ଜଡ଼ିତ, ଯାହାକୁ କି ଏବେ ଅପରାଧମୁକ୍ତ କରାଯାଇଛି । ଏଭଳି ମାମଲାଗୁଡ଼ିକୁ ପ୍ରଶାସନିକ ବିଚାର ପ୍ରକ୍ରିୟାକୁ ସ୍ଥାନାନ୍ତର କରିବା କେବଳ ଏକ ବ୍ୟବସାୟିକ ସଂସ୍କାର ନୁହେଁ, ବରଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ ନ୍ୟାୟିକ ସଂସ୍କାର ମଧ୍ୟ । ଏହାଦ୍ୱାରା ଅଦାଲତଗୁଡ଼ିକ ସେମାନଙ୍କର ସୀମିତ ସମୟ ଏବଂ ସମ୍ବଳକୁ ଗମ୍ଭୀର ବିବାଦ ତଥା ନ୍ୟାୟ ପ୍ରଦାନ ଭଳି ମୁଖ୍ୟ କାର୍ଯ୍ୟରେ ସେବା ନିୟୋଜିତ କରିପାରିବେ । ଗୁରୁତର ନିୟମ ଉଲ୍ଲଂଘନ କ୍ଷେତ୍ରରେ କଠୋର ପରିଣାମ ଭୋଗିବାକୁ ପଡ଼ିବ । ଯେଉଁଠାରେ ଦୃଢ଼ତା ଆବଶ୍ୟକ, ସେଠାରେ ଆଇନ ସେଭଳି ଦୃଢ଼ ରହିବ । କେବଳ ଏହାର ଆଭିମୁଖ୍ୟରେ ପରିବର୍ତ୍ତନ ଅଣାଯାଇଛି । ପ୍ରଶାସନ ଏବେ ସନ୍ଦେହରୁ ବିଶ୍ୱାସ, ଦଣ୍ଡବିଧାନରୁ ସଂଶୋଧନ ଏବଂ ଭୟରୁ ସ୍ୱାଧୀନତା ଆଡ଼କୁ ଅଗ୍ରସର ହୋଇଛି ।



ଶ୍ରୀ ପୀୟୂଷ ଗୋୟଲ

***(ଲେଖକ କେନ୍ଦ୍ର ସରକାରରେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ଭାବରେ କାର୍ଯ୍ୟରତ)***

# ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



ବାରିପଦା(ନିପ୍ର): ଚଳିତ ବର୍ଷ ବାରିପଦା ରଥଯାତ୍ରା-୨୦୨୬କୁ ଶାନ୍ତି, ଶୃଙ୍ଖଳା ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ସୁପରିଚାଳନା କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ବାରିପଦା ଦେବତର ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରଥ ନିର୍ମାଣ, ନୀତିକାନ୍ତି ପାଳନ, ସୁରକ୍ଷା ବ୍ୟବସ୍ଥା, ବିଦ୍ୟୁତ ଆଲୋକୀକରଣ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ସ୍ୱଚ୍ଛତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସମ୍ପୃକ୍ତ ସମସ୍ତ ବିଭାଗ, ଦେବତର ବିଭାଗ ଏବଂ ସେବାୟତମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସୁଚାରୁ ରୂପେ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା । ଜିଲ୍ଲାପାଳ ଶ୍ରୀ ସୟ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଚଳିତ ବର୍ଷ ରଥଯାତ୍ରାକୁ ପୂର୍ବବର୍ଷ ପରି ମହାପ୍ରଭୁଙ୍କ ନୀତିକାନ୍ତି ଅନୁଯାୟୀ ଶାନ୍ତି ଓ ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ବାରିପଦା ପୌରପାଳିକା ଅଧ୍ୟକ୍ଷ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପ-ଜିଲ୍ଲାପାଳ ଶ୍ରୀମତୀ କସ୍ତୁରୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ରଥଯାତ୍ରାର କାର୍ଯ୍ୟନିର୍ଘଂଟ ଓ ପ୍ରସ୍ତୁତି ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା । ରଥଯାତ୍ରା ସମୟରେ ବଡଦାଣ୍ଡ ଏବଂ ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଆଲୋକୀକରଣ, ଯଥେଷ୍ଟ ପୋଲିସ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ, ସିସିଟିଭି ନଜରଦାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ସେବା ମୂଳକ କାର୍ଯ୍ୟରେ ନିୟୋଜିତ କରାଯିବା ନେଇ ନିଷ୍ପତି ଗ୍ରହଣ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ଓ ଆମ୍ବୁଲାନ୍ସ ବ୍ୟବସ୍ଥା ସହିତ ଅଗ୍ନିକାଣ୍ଡ ଓ ଆକସ୍ମିକ ଦୁର୍ଘଟଣାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ଆବଶ୍ୟକୀୟ ପ୍ରସ୍ତୁତି ରଖିବାକୁ ଦାୟିତ୍ୱ ଦିଆଯାଇଛି । ସହର ଓ ବଡଦାଣ୍ଡ ଅଂଚଳରେ ସ୍ୱଚ୍ଛତା ଏବଂ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା, ବଡଦାଣ୍ଡରେ ଆମିଷ ଭୋଜନ ପ୍ରସ୍ତୁତି ଓ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରିବା ସହ ମଦ ଦୋକାନଗୁଡ଼ିକୁ ବନ୍ଦ ରଖାଯିବା ଏବଂ ନିୟମିତ ଚଢ଼ାଉ କରାଯିବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସେବାୟତ, ରଥ ମହାରଣା, ରଥ ମହାପାତ୍ର, ପରିଛା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନେ ଯୋଗ ଦେଇ ରଥଯାତ୍ରା ସମ୍ପର୍କିତ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।

## ପାଠ୍ୟ ପୁସ୍ତକରେ ଅକ୍ଷମଣୀୟ ତ୍ରୁଟି ଓ ବିପର୍ଯ୍ୟସ୍ତ ସାଶନ ବ୍ୟବସ୍ଥା ବିରୋଧରେ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର(ନିପ୍ର) : ପାଠ୍ୟ ପୁସ୍ତକ ରେ ମାଳ ମାଳ ତ୍ରୁଟି ଏବଂ ବିପର୍ଯ୍ୟସ୍ତ ସାଶନ ବ୍ୟବସ୍ଥାକୁ ନେଇ ଜଳେଶ୍ୱର କଂଗ୍ରେସ ପକ୍ଷରୁ ରାଜ୍ୟ ସରକାର ଙ୍କୁ ତିବ୍ର ଭର୍ତ୍ସନା କରାଯାଇଛି । ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି ଙ୍କ ନେତୃତ୍ୱରେ ଖୁସି ପ୍ଲାଜା ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ପ୍ରଶ୍ନ ପତ୍ର ପ୍ରଘଟ, ପାଠ୍ୟ ପୁସ୍ତକରେ ଅକ୍ଷମଣୀୟ ତ୍ରୁଟି, ଶିକ୍ଷାନୁଷ୍ଠାନ ଓ ହସ୍ପିଟାଲ ରେ ପଦ ଖାଲି, ମାଗଣା ଔଷଧ ଅଭାବ, ମହିଳା ନିର୍ଯାତନା ବୃଦ୍ଧି, ବ୍ୟାପକ ଖଣିଜ ଦ୍ରବ୍ୟ ଚୋରୀ, ବ୍ଲକ ଉନ୍ନୟନ ପାଣ୍ଠିରୁ ସଦୁପଯୋଗ ନହେବା, ସୁବର୍ଣ୍ଣରେଖା ନଦୀ ବନ୍ଧରେ ଘାଇ ସୃଷ୍ଟି, ବେଆଇନ୍ ବାଲି ଉତୋଳନ ଯୋଗୁଁ ସୁବର୍ଣ୍ଣରେଖା ନଦୀରେ ୨ୟ ନଦୀ ସୃଷ୍ଟି, ଭତା ପ୍ରଦାନ ରେ ଅନିୟମିତତା, ନୂତନ ଭତା, ବର୍ଦ୍ଧିତ ଭତା ସହାୟତା ଆବାସ ପ୍ରଦାନ ରେ ବିଳମ୍ବ, ଅଂଚଳରେ ଚର୍ଚ୍ଚିତ ଲାଂଚ ଅଡିଓ ଭାଇରାଲ ର ନିରପେକ୍ଷ ତଦନ୍ତ, ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଡବଲ ଇଞ୍ଜିନ ବିଜେପି ସରକାର ଙ୍କୁ ତିବ୍ର ସମାଲୋଚନା କରିଥିଲେ । ଅନ୍ୟ ନେତୃତ୍ୱ ମଧ୍ୟରେ ପୂର୍ବତନ ସରପଂଚ ସୁଦାମ ପାତ୍ର, ପଦ୍ମଲୋଚନ ବେହେରା, ରାଧାରାଣୀ ପାତ୍ର, ସୌଭିକ ଜେନା, ତ୍ରିଲୋଚନ ଦାସ ଅଧିକାରୀ, ଗତି କୃଷ୍ଣ ଦଳାଇ, ନରହରି ରାଉତ, ସୁମତି ମୁର୍ମୁ, ପ୍ରଦୀପ ଭୂୟାଁ ଶ୍ରୀକାନ୍ତ ସିଂ, ଦୁର୍ଗା ଶଙ୍କର ଆସ, କମଳାକାନ୍ତ ମୁର୍ମୁ, ଅଧିପ୍ ଭୂୟାଁ ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ରେ ଉପସ୍ଥିତ ଥିଲେ ।

## ଚନ୍ଦନ, ଆୟୁଷର ପଢିବା ଦାୟିତ୍ୱ ନେଲେ ସମାଜସେବୀ ପ୍ରଭାସିନୀ

ନୟାଗଡ଼(ନିପ୍ର): ନୟାଗଡ଼ ମୁନିସିପାଲିଟି ର ପୁରୁଣା ସହର ସ୍ଥିତ ଭୋଇ ସାହିର ଜଣେ ଆରତୀ ଦେଇ ନାମକ ମହିଳା ଜରି, ବୋତଲ ଗୋଟେଇବା ସହିତ ନିଜ ଦୁଇ ପୁଅଙ୍କୁ ଚନ୍ଦନ, ଆୟୁଷ ଏହି କାମରେ ଲଗେଇ ଜୀବିକା ନିର୍ବାହ କରୁଥିଲା. ଏହି ଖବର ପାଇଁ ତ୍ରିନାଥ ଛକ ଯଦୁମଣି ନଗରର ସୂର୍ଯ୍ୟମଣୀ ପ୍ରଧାନ ନାମକ ବ୍ୟକ୍ତି ସମାଜ ସ୍ୱେୀ ପ୍ରଭାସିନୀ ନନ୍ଦ ଙ୍କ ପାଖକୁ ଖବର ଦେଇଥିଲେ. ଏ ଖବର ପାଇଁ ସମାଜ ସେବୀ ସୁଶ୍ରୀ ନନ୍ଦ ସେମାନଙ୍କୁ ଡାକି ବୁଝାଇ ସଝାଇ, ପାଠ ପଢିବା ପାଇଁ କହିଥିଲେ ଏବଂ ତାଙ୍କର ସବୁ ବ୍ୟବସ୍ଥା କରିବେ ବୋଲି କହିଥିଲେ. ମାଗଣାରେ ଖାଇବା, ପଢିବା ଓ ଡ୍ରେସ ପୋଷାକ ଦେବେ କହିଥିଲେ । ଯାହାଫଳରେ ସେମାନେ ଆସି ହଷ୍ଟେଲ ରେ ରହି ସ୍କୁଲରେ ପଢିବା ପାଇଁ ଆନନ୍ଦରେ ରହିଲେ । ଏହି ଭଳି ଆଗରୁ ବହୁ ଗରିବ ପିଲାଙ୍କୁ ଆଣି ସେମାନଙ୍କୁ ସ୍କୁଲରେ ରଖି ପଢ଼ାଇଛନ୍ତି । ଏହି ଖବର ପାଇଁ ଜିଲ୍ଲା ରେ ସମାଜ ସ୍ୱେୀ ପ୍ରଭାସିନୀ ନନ୍ଦ ଙ୍କୁ ଭୁରି ଭୁରି ପ୍ରଶଂସା କକରିଛନ୍ତି ।

## ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଲକ୍ଷ୍ମୀପୁର ବିଧାୟକଙ୍କ ଡ୍ରାଇଭର ଗିରଫ

ରାୟଗଡ଼ା(ନିପ୍ର): ନାବାଳିକାକୁ ଅସଦାଚରଣ ଘଟଣାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ଙ୍କ ଡ୍ରାଇଭର ବିକାଶ ବାଗ ଗିରଫ୍ । ଏନେଇ ସୂଚନା ଦେଇଛନ୍ତି ରାୟଗଡା ଜିଆରପି ଥାନା ଅଧିକାରୀ ବିନୟ କୁମାର ମିଞ୍ଜ୍ । ରାତିରେ ଆରପିଏଫ୍ ର ଗୁଇନ୍ଦା ବିଭାଗର ଜଣେ କର୍ମଚାରୀଙ୍କ ପରିବାର ଲୋକେ ହିରାଖଣ୍ଡ ଟ୍ରେନ୍ ରେ ଯାତ୍ରା କରୁଥିବା ବେଳେ ବିଧାୟକଙ୍କ ଡ୍ରାଇଭର ନାବାଳିକାକୁ ଅସଦାଚରଣ କରିଥିଲେ । ନାବାଳିକଙ୍କ ମାଁ ତାଙ୍କୁ ବିରୋଧ କରିବାରୁ ତାଙ୍କ ସହ ବିକାଶ ପାଟିତୁଣ୍ଡ କରିଥିଲେ । ଉକ୍ତ ସମୟରେ ତାଙ୍କ ସହ ବିଧାୟକଙ୍କ ପିଏସ୍ଓ ମଧ ରହିଥିବା ବେଳେ ଟ୍ରେନ୍ ର ଅନ୍ୟ ଏକ ବଗିରେ ଖୋଦ୍ ବିଧାୟକ ଯାତ୍ରା କରୁଥିବା ଜଣାପଡିଥିଲା । ତେବେ ଏନେଇ ଆଜି ନାବାଳିକାଙ୍କ ବାପା ଜିଆରପି ଥାନାରେ ଏକ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଉକ୍ତ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରିଥିଲା । ତେବେ ଏ ନେଇ ଥାନାରେ ପକ୍ସୋ ଆଇନ୍ ୨୯୬, ୭୫ ଓ ଭାରତୀୟ ନ୍ୟାୟ ସଂହିତାର ଧାରା ୭୯ରେ ଏକ ମାମଲା ରୁଜୁ ହେବା ପରେ ଅଭିଯୁକ୍ତକୁ ଡାକ୍ତରୀମାଇନା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଜିଆରପି ଥାନା ଅଧିକାରୀ ବିନୟ ମିଞ୍ଜ କହିଛନ୍ତି ।

# ଛାତ୍ର ଛାତ୍ରୀଙ୍କ ନିମନ୍ତେ ହେଲ୍ପ ଡେସ୍କ ଉଦ୍‌ଘାଟିତ

ବେତନଟୀ(ନିପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବିଜୁ ଛାତ୍ର ଜନତା ଦଳ ଏବଂ ବିଜୁ ଯୁବ ଜନତା ଦଳ ତରଫରୁ +୩ ନାମଲେଖା ପ୍ରକ୍ରିୟାରେ ଯୋଗ ଦେଉଥିବା ଛାତ୍ରଛାତ୍ରୀ ମାନଙ୍କୁ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ଦିନ ବେତନଟୀ ମହାବିଦ୍ୟାଳୟ ପରିସରରେ ଏକ +୩ ଆଡମିଶନ ହେଲ୍ପ ଡେସ୍କ ଆୟୋଜିତ କରାଯାଇଥିଲା । ଏହି ସହାୟତା କେନ୍ଦ୍ର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଏସ ଏ ଏମ ଏସ ପୋର୍ଟାଲରେ ନାମଲେଖା, ବିଭିନ୍ନ ବିଷୟ ଚୟନ, ଆବଶ୍ୟକ ଦସ୍ତାବିଜ ପ୍ରସ୍ତୁତି, ଛାତ୍ରବୃତି ସମ୍ବନ୍ଧୀୟ ସୂଚନା ଓ ଅନ୍ୟାନ୍ୟ ଶିକ୍ଷାଗତ ପରାମର୍ଶ ପ୍ରଦାନ କରାଯାଇଥିଲା । ଏହାଦ୍ୱାରା ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପକୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ



ଯୋଗଦେଇଥିଲେ ୩୫ନଂ. ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ବଳା, ମୟୂରଭଞ୍ଜ ଯୁବଛାତ୍ର ନେତା ସୁନୀଲ ନାୟକ, ଅରୁଣ ବରାଡ, ଛାତ୍ରନେତା ଆଭାସ ଦେ, ରାଜ୍ୟ ସାଧାରଣ ସମ୍ପାଦକ ଚିତେଶ୍ୱର ବେହେରା, ଯୁବ ରାଜ୍ୟ ସାଧାରଣ ସମ୍ପାଦକ ରାଜୀବ ଜେନା, ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ଦୀପକ ମହୁଆଳ, ଯୁବନେତା ସୋରଜ୍ ଶତପଥୀ, ଅମନ୍ ପପୁ, ସମିତି ସଭ୍ୟ କିଶୋର ନାୟକ, ଯୁବ ନେତା ଅନିଲ କୁମାର ସିଂ, ଛାତ୍ର ନେତା ବିଶ୍ୱବିଦ୍ୟାଳୟ ଆବାହକ ଦୀପକ ସାହୁ, ବିଶ୍ୱରଞ୍ଜନ ,ମୋନଜ , ବାରିପଦା ବ୍ଲକ ସଭାପତି ଭିଷ୍ଣୁ ମହାନ୍ତ , ଛାତ୍ର ସଞ୍ଜୟ, ଲଖନ, ଶୁଭମ୍, ଆଶୀଷ, ହିମାଂଶୁ, ଅନୁପ, ଛାତ୍ରୀ ସୁରେଖା, କାଜଲ, ପୂଜା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଜୁ ଛାତ୍ର ଜନତା ଦଳ ଏବଂ ବିଜୁ ଯୁବ ଜନତା ଦଳ ସଦାସର୍ବଦା ଛାତ୍ର ସମାଜର ସ୍ୱାର୍ଥ, ଶିକ୍ଷାର ବିକାଶ ଏବଂ ଯୁବପିଢ଼ିର ସଶକ୍ତିକରଣ ପାଇଁ କାର୍ଯ୍ୟ କରିଆସୁଛି । ରାଜ୍ୟର ସମସ୍ତ ଜିଲ୍ଲା ଓ ମହାବିଦ୍ୟାଳୟରେ ଏହି +୩ ଆଡମିଶନ ହେଲ୍ପ ଡେସ୍କ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି ।



# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ବ୍ରହ୍ମପୁର ମହାନଗର ନିଗମରେ ନୂତନ ଖାଉଟି କାର୍ଡ ବଂଟନର ଶୁଭାରମ୍ଭ

ବ୍ରହ୍ମପୁର(ନି.ପ୍ର.) : ଆଜିଠାରୁ ବ୍ରହ୍ମପୁର ମହାନଗର ନିଗମରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ନୂତନ ଖାଉଟି କାର୍ଡ ବିତରଣର ଶୁଭାରମ୍ଭ କରାଯାଇଛି । ଖାଦ୍ୟ ନିରାପତାକୁ ସୁଦୃଢ଼ କରିବା ତଥା ଯୋଗ୍ୟ ହିତାଧିକାରୀମାନଙ୍କୁ ଅତିରିକ୍ତ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ଆରମ୍ଭ କରାଯାଇଥିବା ଉକ୍ତ ଯୋଜନା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଜୁନ୍ ମାସ ୧୨ ତାରିଖରୁ ସାରା ଓଡିଶାରେ ଆରମ୍ଭ କରାଯାଇଥିଲା କ୍ଷ ବ୍ରହ୍ମପୁର ୱାର୍ଡ ନଂ.୧୯ ଅନ୍ତର୍ଗତ ବୈଦ୍ୟନାଥପୁର ବଜାର ସ୍ଥିତ ଶ୍ରୀ ଅଭିମନ୍ୟୁ ନାୟକଙ୍କ ଦ୍ୱାରା ପରିଚାଳିତ ସୁଲଭ ଖାଉଟି କେନ୍ଦ୍ରରେ ବ୍ରହ୍ମପୁରର ମାନ୍ୟବର ବିଧାୟକ ଶ୍ରୀ କେ. ଅନିଲ୍ କୁମାର ନୂତନ ଖାଉଟି କାର୍ଡ ବିତରଣର ଶୁଭାରମ୍ଭ କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମରେ ମହାନଗର ନିଗମ ମେୟର ଶ୍ରୀମତୀ ସଙ୍ଘମିତ୍ରା ଦଳାଇ, କମିଶନର ସୁଶ୍ରୀ ଏ.ସସ୍ୟା ରେଡ୍ଡି (ଆଇଏଏସ୍), ଡେପୁଟି କମିଶନର ଶ୍ରୀ ଆଶୀର୍ବାଦ ପରିଡ଼ା ଏବଂ ୱାର୍ଡ ନଂ. ୧୯ ର କର୍ପୋରେଟର ଶ୍ରୀମତୀ କାଦମ୍ବରୀ ଦାସ ପ୍ରମୁଖ ଯୋଗଦେଇଥିଲେ କ୍ଷ ଏହି



ଯୋଜନା ଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀ ପରିବାରର ସଦସ୍ୟ ସେମାନଙ୍କର ପ୍ରାପ୍ୟ ସହିତ ଅତିରିକ୍ତ ୫ କି.ଗ୍ରା ଚାଉଳ ପାଇବେ ଏବଂ ଏହାଦ୍ୱାରା ସାରା ରାଜ୍ୟର ଯୋଗ୍ୟ ହିତାଧିକାରୀ ପରିବାର ନିମନ୍ତେ ଖାଦ୍ୟ ସୁରକ୍ଷା ଆହୁରି ବଳିଷ୍ଠ ହୋଇପାରିବ ବୋଲି ଉପସ୍ଥିତ ପଦାଧିକାରୀ ବକ୍ତବ୍ୟ ରଖିଥିଲେ କ୍ଷ ସଂପ୍ରତି ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ୭୭ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୪୬,୯୮୦ ଖାଉଟି କାର୍ଡଧାରୀ ଉପକୃତ ହେଉଛନ୍ତି କ୍ଷ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀ ଶୁଭରାଜ ସାମନ୍ତରା ସମନ୍ୱୟ ରକ୍ଷା କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯୋଗାଣ ଅଧିକାରୀ ଶ୍ରୀ ସଞ୍ଜୟ ମଲ୍ଲିକ, ମାର୍କେଟିଂ ଇନ୍ସପେକ୍ଟର ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର, ମହାନଗର ନିଗମର ଅଧିକାରୀଗଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ କର୍ମଚାରୀ ଏବଂ ସ୍ଥାନୀୟ ସାଧାରଣ ବଂଟନ ଯୋଜନାର ଡିଲରମାନେ ଉପସ୍ଥିତ ଥିଲେ କ୍ଷ ଏହି ଅବସରରେ ମାନ୍ୟବର ବିଧାୟକ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ତଥା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ସଫଳ ରୂପାୟନ ଜରିଆରେ ଲୋକ କଲ୍ୟାଣ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଥିଲେ କ୍ଷ ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଉଟି କାର୍ଡ ସହ ଖାଦ୍ୟଶସ୍ୟର ସୁଚାରୁରୂପେ ବଂଟନକୁ ସୁନିଶ୍ଚିତ କରିବାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରଶାସନ ଏବଂ ସୁଲଭ ମୂଲ୍ୟ ଦୋକାନର ଡିଲରମାନଙ୍କ ମିଳିତ ପ୍ରଚେଷ୍ଟାକୁ ମେୟର ଏବଂ କମିଶନର ଉଚ୍ଚପ୍ରଶଂସା କରିଥିଲେ କ୍ଷ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନୁମୋଦିତ କାର୍ଯ୍ୟସୂଚୀ ଅନୁଯାୟୀ ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ୱାର୍ଡରେ ଏହି ଖାଉଟି କାର୍ଡ ବିତରଣ କାର୍ଯ୍ୟକ୍ରମ ଜୁନ୍ ୨୩ ରୁ ଜୁନ୍ ୨୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବ ।

# ଭିଲାସା ସଙ୍ଗୀତ ଓ ନୃତ୍ୟ ଉତ୍ସବ ଦର୍ଶକଙ୍କ ମନ ମୋହିଲା

ବ୍ରହ୍ମପୁର(ନି.ପ୍ର.) : ପ୍ରକାଶମ ହଲ ଠାରେ ଲଳିତା କଲ୍ଚରାଲ ଏକାଡେମୀ ତରଫରୁ ଭିଲାସା ନାମରେ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ୨୦୨୬ ଆୟୋଜିତ ହୋଇଯାଇଛି । ହାଉସିଂଙ୍ଗ ବୋର୍ଡ କଲୋନୀ ଜଗନ୍ନାଥ ବିହାର ସ୍ଥିତ ଲଳିତା କଲ୍ଚରାଲ ଏକାଡେମୀ ତରଫରୁ ଏପରି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏକାଡେମୀ ର ପ୍ରତିଷ୍ଠାତ୍ରି ଭି. ଚନ୍ଦ୍ରକଳା ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଉତ୍ସବର ସଭାପତି ପି .ସତ୍ୟ ନାରାୟଣ ,ଦୀନବନ୍ଧୁ ଦୋରା, କଳାପ୍ରେମୀ ଅଜିତ୍ ପାତ୍ର,ରାଜା ସେନାପତି, ଏ.ଜଗଦୀଶ, , ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦିପ କୁମାର୍ ସାହୁ , ସମାଜସେବୀ ସୁଶାନ୍ତ ସାବତ




,ମନୋଜ ମହାପାତ୍ର ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ ।ସଭାପତି ଦ୍ୱାରିକା ନାଥ, କାମେଶ୍ୱର୍ ଅବିନାଶ, ଲଳିତା ହାସିନି, ସ୍ୱପ୍ନା, ସ୍ୱାତୀ, ଅଜୟ କୁମାର, କିଶୋର ଙ୍କ ସମେତ ଏକାଡେମୀ ର ଅନ୍ୟ କର୍ମକର୍ତା ଅନୁରୂପ ଉପସ୍ଥିତ ଥିଲେ । କାର୍ତିକ ପାଣିଗ୍ରାହି ସଂଯୋଜନା କରିଥିଲେ । ଏଠାରେ ଓଡ଼ିଶୀ, ସମ୍ବଲପୁରୀ, ସେମି କ୍ଲାସିକାଲ,ଆଧୁନିକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ।ସେହିପରି ଲଟେରୀ ଉଠାଣ ସହ ପୁରସ୍କାର ଓ ଅତିଥି ମାନଙ୍କୁ ସମ୍ମାନୀତ କରାଯାଇଥିଲା ।ତେଲଗୁ ଜଗତର ଖ୍ୟାତନାମା ଗାୟିକା ବିଜୟ ଲକ୍ଷ୍ମୀ ନିଜର ସଙ୍ଗୀତ ମାଧ୍ୟମରେ ସଭିଙ୍କୁ ଉତ୍ସାହିତ କରିଥିଲେ ।

# ଜିଲ୍ଲାପାଳଙ୍କ ସମାସିଂହା କେ.ଜି ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

ଝାରସୁଗୁଡ଼ା,(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଆଜି ସମାସିଂହା ସ୍ଥିତ କେ.ଜି ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷାଦାନ ଓ ସାମଗ୍ରିକ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଏହି ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାଧାକାନ୍ତ ଗଡ଼ତିଆ ଏବଂ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ବିଦ୍ୟାଳୟ ପରିସର ବୁଲି ଦେଖିବା ସହ ଶିକ୍ଷାର ମାନ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ । ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଦଶମ ଶ୍ରେଣୀ ଗୃହକୁ ଯାଇ ସେଠାରେ ଉପସ୍ଥିତ ଛାତ୍ରୀମାନଙ୍କ ସହ ସେମାନଙ୍କ ପାଠପଢ଼ା ବିଷୟରେ ଆଲୋଚନା କରିଥିଲେ । ଏପରିକି ସେ ନିଜେ ଦଶମ ଶ୍ରେଣୀର ଛାତ୍ରୀମାନଙ୍କୁ ଗଣିତ ପଢ଼ାଇଥିଲେ । ଜିଲ୍ଲାପାଳଙ୍କ ସହଜ ଓ ସରଳ



ଶୈଳୀର ଶିକ୍ଷାଦାନ ଛାତ୍ରୀମାନଙ୍କୁ ବେଶ୍ ଉତ୍ସାହିତ କରିଥିଲା । ଏହା ସହିତ ସେ ବିଦ୍ୟାଳୟର ଅନ୍ୟାନ୍ୟ ପ୍ରକୋଷ୍ଠକୁ ଯାଇ ଛାତ୍ରୀମାନଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ବିଷୟରେ ସିଧାସଳଖ ଭାବ ବିନିମୟ କରିଥିଲେ । ଚଳିତ ବର୍ଷ ଏହି ବିଦ୍ୟାଳୟର ୨୧ ଜଣ ଛାତ୍ରୀ ମାଟ୍ରିକ ପରୀକ୍ଷାରେ ସଫଳତାର ସହ 'ଇ୧' ଗ୍ରେଡ୍ ହାସଲ କରି ବିଦ୍ୟାଳୟ ତଥା ଅଂଚଳ ପାଇଁ ଗୌରବ ଆଣିଦେଇଛନ୍ତି । ଜିଲ୍ଲାପାଳ ଏହି କୃତୀ ଛାତ୍ରୀମାନଙ୍କର ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଜୀବନରେ ଆହୁରି ବଡ଼ ସଫଳତା ହାସଲ କରିବା ପାଇଁ ସେମାନଙ୍କୁ ପ୍ରେରଣା ଓ ଶୁଭେଚ୍ଛା ପ୍ରଦାନ କରିଥିଲେ । ବିଦ୍ୟାଳୟର ଏହି ସଫଳତା ଅନ୍ୟ ଛାତ୍ରୀମାନଙ୍କୁ ମଧ୍ୟ କଠିନ ପରିଶ୍ରମ କରିବାକୁ ଉତ୍ସାହିତ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି । ବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଜିଲ୍ଲାପାଳ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ତୁରନ୍ତ ଏକ ଆଧୁନିକ ବିଜ୍ଞାନାଗାର ପ୍ରତିଷ୍ଠା କରିବା ସହ ବିଦ୍ୟାଳୟ ପରିସରର ଭିତିଭୂମି ବିକାଶ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ସମ୍ପାଦନ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟର ଏହି ପରିଦର୍ଶନ ସମୟରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

# ଓକିଲ ସଂଘର ପୂର୍ବତନ ସଭାପତି ମୃତ ଦେହ ଉଦ୍ଧାର

ଝାରସୁଗୁଡା(ନି.ପ୍ର.)-ଝାରସୁଗୁଡ଼ା ଓକିଲ ସଂଘର ତିନିଥର ନିର୍ବାଚିତ ହୋଇଥିବା ପୁର୍ବତନ ସଭାପତି ତଥା ବିଜେଡ଼ି ଦଳର ପୁର୍ବତନ ଜିଲ୍ଲା ସଭାପତି ତ୍ରୀନାଥ ଗୁଆଲଙ୍କର ଶରୀର କ୍ଷତବିକ୍ଷତ ଅବସ୍ଥାରେ ବାଲିଝରୀ ରେଲ ଲାଇନ ନିକଟରେ ଆଜି ସକାଳ ୫ଟା ୩୦ ମିନିଟରେ ପଡିଥିବା ଦେଖି ଜୈନିକ ବ୍ୟକ୍ତି ସ୍ଥାନୀୟ ଲୋକ ମାନଙ୍କୁ ଖବର ଦେବା ସହିତ ରେଲବାଇ ପୋଲିସକୁ ଖବର ଦିଆ ଯାଇଥିଲା । ସ୍ଥାନୀୟ ବ୍ୟକ୍ତି ମାନେ ଶ୍ରୀ ଗୁଆଲାଙ୍କର ସଂପୁର୍ଣ ପରିଚୟ ପାଇବା ପରେ ବିଜୁଳି ବେଗରେ ଖବର ଝାରସୁଗୁଡ଼ା ଜିଲ୍ଲା ରେ ପ୍ରଚାରିତ ହୋଇଥିଲା । ଶ୍ରୀ ଗୁଆଲଙ୍କର



ଏକ ସୁସାଇଡ଼ ନୋଟ ସହିତ ମୋବାଇଲ ଫୋନ ଓ ସାର୍ଟ ପ୍ରଭୃତି ନିକଟରେ ପଡି ରହିଥିଲା । ଶ୍ରୀ ଗୁଆଲ ଆଇନ ସଂଘର ସଭ୍ୟ ସହିତ ଏବଂ ବହୁ ସାମାଜିକ ଅନୁଷ୍ଠାନ ସହିତ ଜଡିତ ଥିଲେ । ପୁର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଅତି ଘନିଷ୍ଠ ଅନୁଗତ ଥଲେ । ଶ୍ରୀ ଗୁଆଲଙ୍କ ପରି ଜଣେ ସକ୍ରିୟ ବ୍ୟକ୍ତିତ୍ୱଙ୍କର ଏଭଳି ଅକାଳ ବିୟୋଗକୁ ସହଜରେ କେହି ଗ୍ରହଣ କରି ପାରୁନାହାନ୍ତି । ଯାହାକୁ ନେଇ ବର୍ତମାନ ହତ୍ୟା ଏବଂ ଅତ୍ମହତ୍ୟାର ରହସ୍ୟ ଘନୀଭୁତ ହେବାରେ ଲାଗିଛି । ଏହି ଖବର ପାଇଁ ଝାରସୁଗୁଡ଼ା ଏସ.ପି ,ବ୍ରଜରାଜନଗରର ପୁର୍ବତନ ବିଧାୟିକ ଅଲକା ମହାନ୍ତି,ଝାରସୁଗୁଡା ବିଧାୟକ ଟଙ୍ଗଧର ତ୍ରିପାଠୀ ଓକିଲ ସଂଘର ବର୍ତମାନ ର ସଭାପତି ରଘୁମଣି ପଟେଲ, ବ୍ରଜରାଜନଗର ଓ ଝାରସୁଗୁଡ଼ାର ବହୁ ଓକିଲ ଓ ଜନସାଧାରଣ ଘଟଣା ସ୍ଥଳରେ ପହଂଚିଥିଲେ ।

# ପଣ୍ଡିତ ଗୌରୀ ଶଙ୍କର ସ୍ମୃତି ସଂସଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ସମାରୋହ

କଟକ : (ନି.ପ୍ର.)ପଣ୍ଡିତ ଗୌରୀଶଙ୍କର ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ 'ପ୍ରାଚୀ ଜଣାଣ ଓ ସଂଗୀତ ମାଳା , ଅବସର ପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ଉଦୟ ନାଥ ରଥଙ୍କ ଦ୍ୱାରା ଲିଖିତ 'ସରଳ ସଂକ୍ଷିପ୍ତ ରାମାୟଣ ଓ ମହାଭାରତ ' ପୁସ୍ତକର ଉନ୍ମୋଚନ ଉତ୍ସବ ଆଜି ପୂର୍ବାହ୍ନ ରେ ମରକତ ନଗର ସେକ୍ଟର - ୮ସ୍ଥିତ ଜନ ଶିକ୍ଷଣ ସଂସ୍ଥାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି. ।ପଣ୍ଡିତ ଗୌରୀ ଶଙ୍କର ଆଚାର୍ଯ୍ୟ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଓଡିଶା ହାଇକୋର୍ଟ ର ଅବସରପ୍ରାପ୍ତ ବିଚାରପତି ଅରୁଣ କୁମାର ପରିଛା ମୁଖ୍ୟ ଅତିଥି ରୂପେ ଯୋଗଦେଇ ୩ ଟି ଯାକ ପୁସ୍ତକକୁ ଉନ୍ମୋଚନ କରିଥିଲେ. ।ପ୍ରାଚୀନ ଓ ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବା ଉପାଦେୟ ଗ୍ରନ୍ଥ ଗୁଡିକ ର ପୁନଃ ପ୍ରକାଶନ ଦିଗରେ ରାଜ୍ୟ ସରକାର ସାହିତ୍ୟ ଏକାଡେମୀ ଯତ୍ନ ବାନ ହେବାକୁ ଜଷ୍ଟିସ ପରିଛା ପରାମର୍ଶ ଦେଇ ଥିଲେ. । ପ୍ରାଧ୍ୟାପକ ଡ଼ଃ ପ୍ରଫୁଲ୍ଲ କୁମାର ଦାଶ ଏଥିରେ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀ ରାମଚନ୍ଦ୍ର ଭବନ ରେ ପଣ୍ଡିତ ଆଚାର୍ଯ୍ୟ ଙ୍କର ଏକ ତୈଳଚିତ୍ର ସ୍ଥାନ ଦେବାକୁ ପ୍ରସ୍ତାବ ଦେଇଥିଲେ. । ଡ଼ଃ ଦାଶ ୩ ଟି ଯାକ ପୁସ୍ତକର ସମୀକ୍ଷା କରିଥିଲେ ।ବରିଷ୍ଠ ସାମ୍ବାଦିକ ଡ଼ଃ ସତ୍ୟ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସଂସଦ କର୍ମକର୍ତା ଇଂ ଜୟଦୁର୍ଗା ପ୍ରସନ୍ନ ଆଚାର୍ଯ୍ୟ, ଡ଼ଃ ସ୍ନେହ ମିଶ୍ର, ଶୁଭେନ୍ଦୁ ମହାନ୍ତି, ସଂଜିତ ପଟ୍ଟନାୟକ ପ୍ରମୁଖ ଭାଷଣ ଦେଇଥିଲେ. ।ଏଥିରେ କବି ରାଜକିଶୋର ଦାଶ, ଗୌର ପଟ୍ଟନାୟକ, କୈଳାଶ ଚନ୍ଦ୍ର ମିଶ୍ର, ଡାକ୍ତର ଜି. ବି. ସାହୁ, ଶ୍ରୀପ୍ରସାଦ ଆଚାର୍ଯ୍ୟ, ପି. କେ. ହୋତା, ଇଂ କେ କେ ଦାସ ବର୍ମା ପ୍ରମୁଖ ଯୋଗ ଦେଇଥିଲେ. ।

# ଖୁଂଟା ମଣ୍ଡଳ ରେ ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ

ଖୁଂଟା -(ନି ପ୍ର) ୨୩ ଜୁନ: ଖୁଂଟା ମଣ୍ଡଳ ଭାରତୀୟ ଜନତା ପାର୍ଟି ପକ୍ଷରୁ ବାସିପିଠା ଶକ୍ତିକେନ୍ଦ୍ରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭାରତର ପ୍ରଖ୍ୟାତ ଶିକ୍ଷାବିଦ୍, ରାଷ୍ଟ୍ରନାୟକ ଏବଂ ଜନସଂଘର ପ୍ରତିଷ୍ଠାତା ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଙ୍କ ୭୩ତମ ବଳିଦାନ ଦିବସ ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ପରିବେଶରେ ପାଳନ କରାଯାଇଛି ।ମଣ୍ଡଳ ସଭାପତି ଛକୁରାମ ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ମୃତି ସଭାରେ ମଣ୍ଡଳ ପ୍ରଭାରୀ ବିଜୟ କୁମାର ଦାସ, ପୂର୍ବ ମୟୁରଭଞ୍ଜ ଜିଲ୍ଲା ବିଜେପି ଉପସଭାପତି ରଞ୍ଜନ କୁମାର ମଜୁଆଳ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ମଣ୍ଡଳ ସଭାପତି ଜଟାଧାରୀ କର, ପୂର୍ବତନ ଝଉ ମୋର୍ଚ୍ଚା ସଭାପତି ଶ୍ରୀଧର ବେହେରା, ସୁଦର୍ଶନ ପୁଆଳ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ଆରମ୍ଭରେ ଉପସ୍ଥିତ ନେତୃବୃନ୍ଦ ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ଭାରତ ମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ ସମସ୍ତ କାର୍ଯ୍ୟକର୍ତା ଏକତ୍ରିତ ହୋଇ ସାମୁହିକ ଭାବେ "ବନ୍ଦେ ମାତରମ୍" ଗାନ କରି ଦେଶପ୍ରେମର ଭାବନାକୁ ଉଦ୍ ?ବୁଦ୍ଧ କରିଥିଲେ ।ଏହି ଅବସରରେ ମଣ୍ଡଳ ପ୍ରଭାରୀ ବିଜୟ କୁମାର ଦାସ ଡ଼ଃ ମୁଖାର୍ଜୀଙ୍କ ସଂକ୍ଷିପ୍ତ ଜୀବନୀ ଉପସ୍ଥାପନ କରି ତାଙ୍କର ରାଷ୍ଟ୍ରଗଠନରେ ଅବଦାନ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ସେହିପରି ଜିଲ୍ଲା ଉପସଭାପତି ରଞ୍ଜନ କୁମାର ମଜୁଆଳ ଡ଼ଃ ମୁଖାର୍ଜୀଙ୍କ ଦେଶପ୍ରେମ, ଆଦର୍ଶ ଏବଂ ରାଷ୍ଟ୍ର ପାଇଁ ତାଙ୍କ ବଳିଦାନର ମହତ୍ୱ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଡ଼ଃ ମୁଖାର୍ଜୀଙ୍କ ଜୀବନ ଆଜିର ଯୁବପିଢ଼ୀ ପାଇଁ ପ୍ରେରଣାର ଉତ୍ସ ।ପରିଶେଷରେ ମଣ୍ଡଳ ସାଧାରଣ ସମ୍ପାଦକ ସଂଜୀବ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଜାତୀୟ ସଙ୍ଗୀତ ଗାନ ପରେ ମଣ୍ଡଳ ସଭାପତି ଆଜିର ବୈଠକର ସମାପ୍ତି ଘୋଷଣା କରିଥିଲେ ।ଏହି ଶ୍ରଦ୍ଧାଞ୍ଜଳି ସଭା ମାଧ୍ୟମରେ ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶ ଓ ରାଷ୍ଟ୍ରଭକ୍ତିର ସନ୍ଦେଶ ସମସ୍ତଙ୍କ ମନରେ ନୂତନ ଉତ୍ସାହ ସୃଷ୍ଟି କରିଥିଲା ।

# ଏମ୍ସିଏଲ୍ ଆନନ୍ଦ ବିହାର ଶିବ ମନ୍ଦିରରେ ଭକ୍ତି ଓ ଉତ୍ସାହର ସହ ପାଳିତ ହେଲା ଶୀତଳଷଷ୍ଠୀ-୨୦୨୬

ବୁର୍ଲା, : ଦେବାଧିଦେବ ମହାଦେବ ଶ୍ରୀ ଶ୍ରୀ ଈଶାନେଶ୍ୱର ଓ ଜଗତଜନନୀ ମାତା ପାର୍ବତୀ (ଈଶାନେଶ୍ୱରୀ)ଙ୍କ ଅପାର କୃପା ଓ ଆଶୀର୍ବାଦରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଶିବ ପୂଜା କମିଟି, ଆନନ୍ଦ ବିହାର, ବୁର୍ଲା ପକ୍ଷରୁ ପବିତ୍ର ଦିବ୍ୟ ଦେବ ବିବାହ ମହୋତ୍ସବ (ଶୀତଳ ଷଷ୍ଠୀ ଯାତ୍ରା) ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାସମାରୋହରେ ଅନୁଷ୍ଠିତ ହେଇଛି ।ଉତ୍ସବ ଅବସରରେ ବୈଦିକ ରୀତିନୀତି ଅନୁଯାୟୀ ପତର ପେଣ୍ଡି, ମଙ୍ଗଳ ଆରତି, ରୁଦ୍ରାଭିଷେକ, ହୋମଯଜ୍ଞ, ପ୍ରଭୁ ଈଶାନେଶ୍ୱରଙ୍କ ବରାତୁଗମନ ଓ ଶିବ-ପାର୍ବତୀଙ୍କ ବିବାହ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ସୁସଜ୍ଜିତ ମନ୍ଦିର ପରିସର ଓ ଭକ୍ତିମୟ ଭଜନ-କୀର୍ତନ ପରିବେଶକୁ ଅଧିକ ଆଧ୍ୟାତ୍ମିକ କରିଥିଲା ।କନ୍ୟା ମାତା ପିତା: ଶ୍ରୀମତୀ ସରସ୍ୱତୀ ପାତ୍ର ଓ ଶ୍ରୀ ରାମଚନ୍ଦ୍ର ପାତ୍ର ଏବଂ ବର ମାତା ପିତା: ଶ୍ରୀମତୀ ନମିତା ଶତପଥୀ ଓ ଶ୍ରୀ ପ୍ରଶାନ୍ତ କୁମାର ଶତପଥୀ ବୈବାହିକ ସମସ୍ତ ଦାଇତ୍ୱ ବହନ କରିଥିଲେ ।ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରମାନେ ଭଜନ, ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି





ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ପରେ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ମନ୍ଦିର ପରିସରରେ ସମସ୍ତଙ୍କ ସୁଖ, ଶାନ୍ତି ଓ କଲ୍ୟାଣ କାମନାରେ ଏକ ଭବ୍ୟ ଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଯାଇଛି । ଏହି ଧାର୍ମିକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ, କଲୋନୀବାସୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ । ଆନନ୍ଦ ବିହାର ଶିବ ମନ୍ଦିର ପରିଚାଳନା କମିଟି ଉତ୍ସବର ସଫଳ ଆୟୋଜନ ପାଇଁ ସମସ୍ତ ଭକ୍ତ, ସ୍ୱେଚ୍ଛାସେବୀ ଓ ସହଯୋଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ପୁରୀ ପ୍ରସିଦ୍ଧ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ (ନି.ପ୍ର.) ମହାପ୍ରଭୁ ଙ୍କ ରଥଯାତ୍ରା ଅନନ୍ୟ ଓ ବିଶ୍ୱ ପ୍ରସିଦ୍ଧ ।ମହାପ୍ରଭୁ ନିଜେ ହିଁ ସବୁ କରିଥାନ୍ତି ।ଆମେ ନିମିତ ମାତ୍ର ।ତାଙ୍କ ଆଶୀର୍ବାଦ, ଆମ ସମସ୍ତଙ୍କ ସହଯୋଗ ଓ ସମନ୍ୱୟ ରେ ଚଳିତ ରଥଯାତ୍ରା ଖୁବ ଭଲରେ ହେବ ବୋଲି ପ୍ରାର୍ଥନା କରିଛନ୍ତି ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଚଳିତ ରଥଯାତ୍ରା ର ଦ୍ୱିତୀୟ ସମନ୍ୱୟ ବୈଠକ ଆଜି ପୂର୍ବାହ୍ନରେ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବା ସହ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା କୁ ଶାନ୍ତି ଶୃଙ୍ଖଳା ର ସହ ସମ୍ପର୍ଣ୍ଣ କରିବାକୁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ ।ରଥଯାତ୍ରା ଏକ ସାମୁହିକ କାର୍ଯ୍ୟ ।ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ ।ଚଳିତ ରଥଯାତ୍ରା ର ସମସ୍ତ କାର୍ଯ୍ୟ କୁ ସୁରୁଖୁରୁରେ ସମ୍ପର୍ଣ୍ଣ ପାଇଁ ମୁଖ୍ୟ ଶାସନ ସଚିବ ଙ୍କ ଅଧ୍ୟକ୍ଷତାରେ ଜାନୁଆରୀ ମାସ ଠାରୁ ବୈଠକ କରାଯାଇଛି ।କାର୍ଯ୍ୟ ର ଅଗ୍ରଗତି ସନ୍ତୋଷ ଜନକ ।ଜୁଲାଇ ୫ ତାରିଖ ପର ଠାରୁ ପୁରୀ ସହରରେ କୌଣସି ରାସ୍ତା ଘାଟ ଖୋଳିବାର ଅନୁମତି ଦିଆଯିବ ନାହିଁ ।ପୁରୀ ସହର ବାସୀ ଙ୍କ ଶ୍ରୀମନ୍ଦିର ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ।ଓକାକ ଏକ ପୁରୀ ର ଦୁଇଟି ପୋଷ୍ଟାଲ ପିନ ନମ୍ବର କୁ ସ୍କାନ କରି ପୁରୀ ଲୋକ ଙ୍କୁ ଚିହ୍ନଟ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ ।ସେହିପରି ପୁରୀ ରେ ସ୍ଥାୟୀ ଫୁଡ ସେଫ୍ଟି ଟେଷ୍ଟିଂ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ ।ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ସେବା ପାଇଁ ଅତିରିକ୍ତ ୨୦୦ ବେଡ ର ବ୍ୟବସ୍ଥା କରିବା, ଆସନ୍ତା ବର୍ଷ ରଥଯାତ୍ରା ପୂର୍ବରୁ ସ୍ଥାୟୀ ବର୍ଣ୍ଣ ୟୁନିଟ ପ୍ରତିଷ୍ଠା କରାଯିବ ବଡଦାଣ୍ଡର ଉଭୟ ପାଶ୍ୱରେ ଅସ୍ଥାୟୀ ଚିକିତ୍ସା ବ୍ୟବସ୍ଥା କରାଯିବ ଯାହା ଫଳରେ ବାରମ୍ବାର ଆମ୍ବୁଲାନ୍ସ ଯିବା ଆସିବା ର ଆବଶ୍ୟକତା ରହିବ ନାହିଁ, ରଥଯାତ୍ରା ପୂର୍ବରୁ ଡାକ୍ତର ଓ ଫୁଡ ସେଫ୍ଟି ଅଫିସର ପୁରୀ ରେ କାର୍ଯ୍ୟ ଆରମ୍ଭ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ସୂଚନା ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ, ପଂଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ,କ୍ରିଡା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ,ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ,ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ନୀତି କାନ୍ତି ସମ୍ପର୍କରେ ସୂଚନା ଦେଇଥିଲେ ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ,ସେବାୟତ,ଅତିରିକ୍ତ ଡିଜି ଆଧୁନିକକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ସଚିବ ଡ ପବିତ୍ର ମୋହନ ସାମଲ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଏନଏଚଏମ ର ଏମଡି ଡି ବୃନ୍ଦା, କେନ୍ଦ୍ରାଂଚଳ ଆରଡିସି କେନ୍ଦ୍ରାଂଚଳ ଆରକ୍ଷୀ ମହା ନିର୍ଦ୍ଦେଶକ ସତ୍ୟଜିତ ନାୟକ, ଅଗ୍ନିଶମ ଆଇ ଜି ଉମା ଶଙ୍କର ଦାଶ,ଏସ ପି ପ୍ରତୀକ ସିଂ,ଡିଏଫଓ ମଗର ଧନିଜ ରାଓସୋ, ଆରସିସିଏଫ ପି ଅର୍ଦ୍ଧନାରୀ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା,ରେଲୱେ କମିଶନର କୌସ୍ତଭଦୀପ୍ତ ପାଣି, ଜଡିଆରଏମ ପି କେ ବେହେରା, ଦେବୋତର କମିଶନର ସତ୍ୟ ସୁନ୍ଦର ଷଡ଼ଙ୍ଗୀ,ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ରଥକାଠ ଯୋଗାଣ, ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ,ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରା ର ସିଧାସଳଖ ପ୍ରସାରଣ ବ୍ୟବସ୍ଥା,ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା,ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଏଲଇଡି ଟିଭି ବ୍ୟବସ୍ଥା ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି : ମୃତ ଓଡ଼ିଆ ଶ୍ରମିକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାକୁ ସହାୟତା ରାଶି ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ତାମିଲନାଡୁର ତିରୁଭଲ୍ଲୁରଠାରେ ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ବଡ଼ ଅପଡେଟ୍ । ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି । ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ସଦର ଥାନା କୋଡ଼ିପଶା ଗ୍ରାମର ସଜନୀ ଜୁଆଙ୍ଗ । ମୃତଦେହକୁ ଓଡ଼ିଶା ପାଇଁ ଆଉ ଜଣେ ଅଧିକାରୀ ତାମିଲନାଡୁ ଯାଇଛନ୍ତି । ଆଜି ସନ୍ଧ୍ୟାରେ ମୃତଦେହ ଭୁବନେଶ୍ୱରରେ ପହଂଚିବ । ଏନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି । ସେପଟେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାକୁ ସହାୟତା ରାଶି ବୃଦ୍ଧି କରିଛନ୍ତି । ପୂର୍ବରୁ ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଥିଲେ ସରକାର । ସୂଚନାନୁଯାୟୀ, ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲାରେ ସିଫୁଡ୍ ର ଏକ ରପ୍ତାନି ୟୁନିଟରେ ରବିବାର ଆମୋନିଆ ଗ୍ୟାସ ଲିକ୍ ହୋଇଥିଲା । ଏହି ଲିକ୍ ପେରିଆପାଲାୟମ ନିକଟସ୍ଥ କନିଗାଇପେରରେ ଥିବା ସେଂଟ ପିଟର୍ସ ପଲ୍ ସିଫୁଡ୍ ଏକ୍ସପର୍ଟଙ୍କ ଫ୍ୟାକ୍ଟ୍ରିରେ ହୋଇଥିଲା । ଏହି କାରଖାନାରେ ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୯ ଜଣ ଶ୍ରମିକ ଚିକିତ୍ସାଧୀନ ଅଛନ୍ତି ।



# ସମଗ୍ର ଓଡ଼ିଶାକୁ ଛୁଇଁଲା ମୌସୁମୀ



ଭୁବନେଶ୍ୱର : ସମଗ୍ର ଓଡିଶାକୁ ଛୁଇଁଲା ମୌସୁମୀ । ରାଜ୍ୟର ସମସ୍ତ ଜିଲ୍ଲାକୁ ମୌସୁମୀ ବାୟୁ ପ୍ରବେଶ କରିଥିବା ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏହା ପ୍ରଭାବରେ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ହେବା । ଏଥିପାଇଁ ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏପଟେ ଆସନ୍ତା ୨୫ ବେଳକୁ ଦକ୍ଷିଣ ଓଡିଶା ଓ ଉତର ଆନ୍ଧ୍ର ଉପକୂଳରେ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଦକ୍ଷିଣ ଓଡିଶା ରେ ୨୫ ରୁ ୨୭ ପର୍ଯ୍ୟନ୍ତ ବର୍ଷା ବେବ । ଏହା ପରେ ୨୯ ତାରିଖ ଉତର ପର୍ଶ୍ଚିମ ବଙ୍ଗୋପସାଗର ରେ ଆଉ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଯାହାକି ଲଘୁଚାପର ରୂପ ନେବ ବୋଲି କହିଛନ୍ତି ସୋଆ ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ । ଜୁଲାଇ ପ୍ରଥମ ସପ୍ତାହ ୨ ରୁ ୪ ତାରିଖ ମଧ୍ୟରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ରହିବ । ଜୁଲାଇ ପ୍ରଥମ ସପ୍ତାହରେ ଭଲ ବର୍ଷା ହେବ ବୋଲି ସେ ସୂଚନା ଦେଇଛନ୍ତି । ଆଭ୍ୟନ୍ତରୀଣ ଓଡ଼ିଶାରେ ଗରମ ରହୁଥିବାରୁ କାଳବୈଶାଖୀର ମଧ୍ୟ ପ୍ରଭାବ ରହିଛି । ୨୫ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ରହିବ ବୋଲି ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



# ବ୍ରିକ୍ସ ଦେଶଗୁଡ଼ିକର ଜାତୀୟ ସୁରକ୍ଷା ପରାମର୍ଶଦାତା ଏବଂ ବରିଷ୍ଠ ସୁରକ୍ଷା ଅଧିକାରୀମାନଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ଜାତୀୟ ସୁରକ୍ଷା ପରାମର୍ଶଦାତା ଏବଂ ବରିଷ୍ଠ ସୁରକ୍ଷା ଅଧିକାରୀମାନଙ୍କ ସହ ସାକ୍ଷାତ କରିଛନ୍ତି । ଶ୍ରୀ ମୋଦୀ ସମସାମୟିକ ବିଶ୍ୱ ସୁରକ୍ଷା ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବାରେ ଗୋଷ୍ଠୀର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ବିଶ୍ୱ ପରିପ୍ରେକ୍ଷୀରେ ପ୍ରମୁଖ ସୁରକ୍ଷା ପ୍ରସଙ୍ଗଗୁଡ଼ିକରେ ସହଯୋଗକୁ ଆହୁରି ସୁଦୃଢ଼ କରିବାରେ ବ୍ରିକ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ଆତଙ୍କବାଦ, ସାଇବର ସୁରକ୍ଷା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସମେତ ସାମ୍ପ୍ରତିକ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ସଦସ୍ୟ ଦେଶମାନଙ୍କ ମଧ୍ୟରେ ଅଧିକ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ, ବ୍ରିକ୍ସରେ ଭାରତର ଅଧ୍ୟକ୍ଷତା ସଦସ୍ୟ ଦେଶମାନଙ୍କ ମଧ୍ୟରେ ବ୍ୟବହାରିକ ସହଯୋଗକୁ ଆଗେଇ ନେବା ଉପରେ କେନ୍ଦ୍ରିତ ରହିବ । ସେ ବିଶ୍ୱ ଦକ୍ଷିଣର ପ୍ରାଥମିକତାଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛନ୍ତି ଏବଂ ଏକ ଅଧିକ ସୁରକ୍ଷିତ, ନିରାପଦ ଓ ସମାବେଶୀ ବିଶ୍ୱ ଗଠନରେ ଅବଦାନ ରଖିବାକୁ ଦୃଢ଼ ସଂକଳ୍ପ ବ୍ୟକ୍ତ କରିଛନ୍ତି । "ବ୍ରିକ୍ସ ଦେଶଗୁଡ଼ିକର ଜାତୀୟ ସୁରକ୍ଷା ପରାମର୍ଶଦାତା ଏବଂ ବରିଷ୍ଠ ସୁରକ୍ଷା ଅଧିକାରୀମାନଙ୍କ ସହ ସାକ୍ଷାତ କରି ଆନନ୍ଦିତ । ପରିବର୍ତ୍ତନଶୀଳ ବିଶ୍ୱ ପରିପ୍ରେକ୍ଷୀରେ ସୁରକ୍ଷା ସହଯୋଗକୁ ସୁଦୃଢ଼ କରିବା ଏବଂ ଆତଙ୍କବାଦ, ସାଇବର ସୁରକ୍ଷା ଠାରୁ ଆରମ୍ଭ କରି ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ସାମ୍ପ୍ରତିକ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ କରିବାରେ ବ୍ରିକ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭାରତର ଅଧ୍ୟକ୍ଷତା ବ୍ୟବହାରିକ ସହଯୋଗକୁ ଆଗକୁ ବଢ଼ାଇବା, ଗ୍ଲୋବାଲ୍ ସାଉଥ୍ ପ୍ରାଥମିକତାକୁ ସମର୍ଥନ କରିବା ଏବଂ ଏକ ଅଧିକ ସୁରକ୍ଷିତ, ନିରାପଦ ଏବଂ ସମାବେଶୀ ବିଶ୍ୱ ଗଠନରେ ଯୋଗଦାନ ଦେବାକୁ ଚେଷ୍ଟା କରିବ ।"

# ରାଜ୍ୟଗୁଡ଼ିକ ସହ ଖରିଫ୍ ପ୍ରସ୍ତୁତି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ : ଏଲ ନିନୋ ଏବଂ ଚଳିତ ବର୍ଷ ଏକ ଦୁର୍ବଳ କିମ୍ବା ଅନିଶ୍ଚିତ ମୌସୁମୀ ସମ୍ଭାବନାକୁ ଦୃଷ୍ଟିରେ ରଖି, କେନ୍ଦ୍ର ସରକାର ଖରିଫ ଋତୁ ପାଇଁ ପ୍ରସ୍ତୁତିକୁ ତୀବ୍ର କରିଛନ୍ତି । କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ସାରା ଦେଶରେ ପରିସ୍ଥିତି ସମୀକ୍ଷା କରିବା ପାଇଁ ରାଜ୍ୟ କୃଷି ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ଜିଲ୍ଲା କଲେକ୍ଟର, ଆଇସିଏଆର, ଆଇସିଏଆର-ସିଆରଆଇଡିଏ ଏବଂ ଭାରତ ପାଣିପାଗ ବିଭାଗର ବିଶେଷଜ୍ଞଙ୍କ ସହିତ ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ବୈଠକର ଅଧ୍ୟକ୍ଷତା କରିଛନ୍ତି । ସେ ଚାଷୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତ ଭାବରେ ଯେକୌଣସି ଆହ୍ୱାନର ମୁକାବିଲା କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି । ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରି ଶ୍ରୀ ଚୌହାନ କହିଛନ୍ତି ଯେ ଚଳିତ ବର୍ଷ ଦକ୍ଷିଣ-ପର୍ଶ୍ଚିମ ମୌସୁମୀ ବାୟୁ ବହୁ ବିଳମ୍ବ ହୋଇଛି ଏବଂ ଏପର୍ଯ୍ୟନ୍ତ ବର୍ଷା ସ୍ୱାଭାବିକଠାରୁ ପ୍ରାୟ ୪୩ ପ୍ରତିଶତ କମ୍ ହୋଇଛି । ଆଇଏମଡି ପୂର୍ବାନୁମାନ ଅନୁଯାୟୀ, ଜୁଲାଇ ୨ ରେ ଶେଷ ହେଉଥିବା ସପ୍ତାହରେ ମଧ୍ୟ ବର୍ଷା ଦୁର୍ବଳ ରହିବାର ସମ୍ଭାବନା ଅଛି । ଏହା ସିଧାସଳଖ ଖରିଫ ଫସଲକୁ ପ୍ରଭାବିତ କରିପାରେ, ବିଶେଷକରି ବର୍ଷା ଉପରେ ନିର୍ଭରଶୀଳ ଅଂଚଳଗୁଡ଼ିକରେ ଯେଉଁଠାରେ କୃଷି



ମୌସୁମୀ ବର୍ଷା ଉପରେ ବହୁଳ ଭାବରେ ନିର୍ଭରଶୀଳ । ଏହି ବିପଦକୁ ଦୃଷ୍ଟିରେ ରଖି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନରେ କେନ୍ଦ୍ର ସରକାର କିଛି ଦିନ ଧରି ଆଗୁଆ ପ୍ରସ୍ତୁତି ଚଳାଇଛନ୍ତି । ଶ୍ରୀ ଚୌହାନ କହିଛନ୍ତି ଯେ ସରକାର ପରିସ୍ଥିତି ଖରାପ ହେବାକୁ ଅପେକ୍ଷା କରୁନାହାଁନ୍ତି ବରଂ ପ୍ରଭାବକୁ କମ କରିବା ଏବଂ କୃଷକଙ୍କ ଜୀବିକାକୁ ସୁରକ୍ଷିତ ରଖିବା ପାଇଁ ବୈଜ୍ଞାନିକ ଯୋଜନା ଏବଂ କ୍ଷେତ୍ରସ୍ତରୀୟ ପଦକ୍ଷେପକୁ ସକ୍ରିୟ ଭାବରେ କାର୍ଯ୍ୟକାରୀ କରୁଛନ୍ତି । ଶ୍ରୀ ଚୌହାନ କହିଛନ୍ତି ଯେ କୃଷି ମନ୍ତ୍ରଣାଳୟ ଏବଂ ଆଇସିଏଆର ମିଳିତ ଭାବରେ ବୈଜ୍ଞାନିକ ତଥ୍ୟ ଆଧାରରେ କମ୍ ବର୍ଷା ଏବଂ ଜଳସେଚନ ଅଭାବ ଥିବା ସମ୍ଭାବ୍ୟ ଜିଲ୍ଲାଗୁଡ଼ିକର ମୂଲ୍ୟାଙ୍କନ କରିଛନ୍ତି । ପ୍ରାୟ ୩୧୫ ଜିଲ୍ଲା ଦୁର୍ବଳ ମୌସୁମୀ ପରିସ୍ଥିତି ଦ୍ୱାରା ସମ୍ଭାବ୍ୟ ପ୍ରଭାବିତ ଭାବରେ ଚିହ୍ନଟ କରାଯାଇଛି । ଏଥିମଧ୍ୟରୁ ୧୧୧ ଜିଲ୍ଲାକୁ ଉଚ୍ଚ ପ୍ରାଥମିକତା ବର୍ଗରେ ବର୍ଗୀକୃତ କରାଯାଇଛି, ଯେଉଁଠାରେ ଜଳସେଚନ କଭରେଜ୍ ୨୫ ପ୍ରତିଶତରୁ କମ୍ । ଅନ୍ୟ ୭୬ ଜିଲ୍ଲା ମଧ୍ୟମ-ପ୍ରାଥମିକତା ବର୍ଗରେ ରହିଛି ଯେଉଁଠାରେ ଜଳସେଚନ କଭରେଜ୍ ୨୫ ରୁ ୫୦ପ୍ରତିଶତ ମଧ୍ୟରେ ଅଛି । ଏହା ସହିତ ଡ୍ୟାମ୍ ଏବଂ ଅନ୍ୟାନ୍ୟ ଉତ୍ସ ମାଧ୍ୟମରେ ତୁଳନାତ୍ମକ ଭାବରେ ଉନ୍ନତ ଜଳସେଚନ ସୁବିଧା ଥିବା ୧୨୮ ଜିଲ୍ଲାକୁ ନିମ୍ନ ପ୍ରାଥମିକତା ବର୍ଗୀକୃତ କରାଯାଇଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ୧୨ ଟି ରାଜ୍ୟରେ ଅବସ୍ଥିତ - ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଉତର ପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ, ବିହାର, ଝାଡ଼ଖଣ୍ଡ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶା । ଏହି ରାଜ୍ୟଗୁଡ଼ିକର କୃଷି ମନ୍ତ୍ରୀ ଏବଂ ଜିଲ୍ଲା କଲେକ୍ଟରମାନଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ସେମାନଙ୍କୁ ସ୍ଥାନୀୟ ସ୍ତରରେ ପ୍ରସ୍ତୁତି ତ୍ୱରାନ୍ୱିତ କରିବାକୁ ଅନୁରୋଧ କରାଯାଇଥିଲା । ଶ୍ରୀ ଚୌହାନ ସୂଚନା ଦେଇଥିଲେ ଯେ ଆଇସିଏଆର ଏବଂ ଆଇସିଏଆର-ସିଆରଆଇଡିଏ ସମସ୍ତ ଜିଲ୍ଲା ପାଇଁ ଜିଲ୍ଲା କୃଷି ଆକସ୍ମିକ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ଯୋଜନାଗୁଡ଼ିକରେ ଜିଲ୍ଲା-ନିର୍ଦ୍ଦିଷ୍ଟ ଜଳବାୟୁ ପରିସ୍ଥିତି, ଫସଲ ପଦ୍ଧତି, ଜଳ ସମ୍ପଦ ଏବଂ ବିପଦ କାରକଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ କମ୍ ବର୍ଷା ପରିସ୍ଥିତିରେ ଉପଯୁକ୍ତ ବିକଳ୍ପ ଫସଲ, ଫସଲ ବିବିଧତା ରଣନୀତି, ଉପଲବ୍ଧ ଜଳ ସମ୍ପଦର ସର୍ବୋତମ ବ୍ୟବହାର ଏବଂ ବିପଦ ହ୍ରାସ କରିବା ପାଇଁ ଅତିରିକ୍ତ ଆୟ ସୁଯୋଗ ଭଳି ପଦକ୍ଷେପ ଉପରେ ଧ୍ୟାନ ପ୍ରଦାନ କରାଯାଉଛି । ସେ ରାଜ୍ୟ ଏବଂ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଡିଏସିପି ଗୁଡ଼ିକ କେବଳ ଫାଇଲରେ ସୀମିତ ନ ରହି କାର୍ଯ୍ୟକ୍ଷମ କ୍ଷେତ୍ର ଯୋଜନାରେ ରୂପାନ୍ତରିତ ହେବା ଆବଶ୍ୟକ ।

# ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ଦୂର ତଥା ଗଭୀର ସମୁଦ୍ର ଅଂଚଳରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ଲେଟର ଅଫ୍ ଅଥରାଇଜେସନ୍ (ପ୍ରାଧିକୃତ ଅନୁମତି ପତ୍ର) ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜନ ନେଇ ମଙ୍ଗଳବାର ଦିନ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୯ ଜୁଲାଇରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି), ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଏହି ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକ୍ରିଷ୍ଣନ୍ ମୁଖ୍ୟ ଅତିଥ୍ୟ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥସହ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସଂପୃକ୍ତ କେନ୍ଦ୍ର ମନ୍ତ୍ରୀମଣ୍ଡଳ ସଦସ୍ୟ, ବିଭିନ୍ନ ରାଜ୍ୟର ପ୍ରତିନିଧି, ଜାତୀୟ ମତ୍ସ୍ୟ ସଂସ୍ଥାଗୁଡ଼ିକର ଅଧିକାରୀ ଏବଂ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ମତ୍ସ୍ୟଜୀବୀ, ମତ୍ସ୍ୟଚାଷ କ୍ଷେତ୍ରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଆଦି ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମରେ ପ୍ରାୟ ୧୦୦୦ ଜଣ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି 'ଲେଟର ଅଫ୍ ଅଥରାଇଜେସନ୍ (ଏଲ୍ଓଏ)' ଯୋଗ୍ୟ ଭାରତୀୟ ପତାକାଧାରୀ ମାଛ ଧରା ଜାହାଜଗୁଡ଼ିକୁ ଜାତୀୟ ଓ ଆନ୍ତର୍ଜାତିକ ନିୟମାବଳୀ ଅନୁସାରେ ଦୂର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ କରିବା ପାଇଁ ଅନୁମତି ପ୍ରଦାନ କରିବା ସହ ମତ୍ସ୍ୟଜୀବୀମାନଙ୍କର ଆର୍ଥିକ ବିକାଶରେ ସହାୟକ ହେବ ।



ବୈଠକରେ ଉପରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରି ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବିଶେଷକରି ପ୍ରୋଟୋକଲ୍ ଅନୁଯାୟୀ ବ୍ୟବସ୍ଥା, ସୁରକ୍ଷା, ଯାତାୟାତ, ସାମୟିକ ରହଣି, ଭିଡ଼ ନିୟନ୍ତ୍ରଣ, ପରିଚ୍ଛନ୍ନତା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଚିକିତ୍ସା ସହାୟତା ଏବଂ ଗଣମାଧ୍ୟମ ପ୍ରଚାର ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ । ଗୃହ ବିଭାଗ ତଥା ପୋଲିସ କମିଶନରେଟକୁ ଭିଭିଆଇପି ସୁରକ୍ଷା, ଟ୍ରାଫିକ୍ ପରିଚାଳନା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଉପ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏନଏଲସି ଇଣ୍ଡିଆ ରିନ୍ୟୁଏବଲ୍ସ ଏବଂ ଓରେଡ଼ା ମଧ୍ୟରେ ଐତିହାସିକ ଚୁକ୍ତିନାମା ସ୍ୱାକ୍ଷରିତ

ଭୁବନେଶ୍ୱର : ରାଜ୍ୟରେ ସ୍ଥାୟୀ ଶକ୍ତିର ପ୍ରସାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଘଖଉ ଇଣ୍ଡିଆ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ 'ଘଖଉ ଇଣ୍ଡିଆ ରିନ୍ୟୁଏବଲ୍ସ ଲିମିଟେଡ୍' ଏବଂ 'ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା' ମଧ୍ୟରେ ଆଜି ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଏକ ଯୌଥ ଉଦ୍ୟୋଗ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଛି । ଏହି ଯୌଥ ଉଦ୍ୟୋଗ କମ୍ପାନୀ ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ କରିବା ଲକ୍ଷ୍ୟ ରଖିଛି । ଏହି ସହାଭାଗିତା ମାଧ୍ୟମରେ ୨୫୦ ମେଗାୱାଟ




ପବନ ଶକ୍ତି ଏବଂ ୨୨୫ ମେଗାୱାଟ ଭାସମାନ ସୌର ଶକ୍ତି ପ୍ରକଳ୍ପ ସମେତ ଅନ୍ୟାନ୍ୟ ଅକ୍ଷୟ ଶକ୍ତି ପ୍ରକଳ୍ପ ରହିଛି । ଏହି ରଣନୈତିକ ସହାଭାଗିତା ସମ୍ପର୍କରେ ମତବ୍ୟକ୍ତ କରି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କହିଛନ୍ତି ଯେ, ଘଓଜଖ ଏବଂ ଢଜରଉଇ ମଧ୍ୟରେ ଏହି ସହଭାଗିତା ଓଡ଼ିଶାର ଶକ୍ତି କ୍ଷେତ୍ର ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ । ରାଜ୍ୟର ଅପାର ଅକ୍ଷୟ ଶକ୍ତି ସମ୍ଭାବନା ସହିତ ବୈଷୟିକ ଏବଂ ଆର୍ଥିକ ଜ୍ଞାନକୌଶଳର ସମନ୍ୱୟ ଦ୍ୱାରା ଆମେ କେବଳ ସ୍ୱଚ୍ଛ ଶକ୍ତି ପାଇଁ ଆମର ପ୍ରତିଶ୍ରୁତି ପୂରଣ କରୁନାହୁଁ, ବରଂ ରାଜ୍ୟର 'ଅକ୍ଷୟ ଶକ୍ତି କ୍ରୟ ଲକ୍ଷ୍ୟ' ହାସଲ ଦିଗରେ ମଧ ସକ୍ରିୟ ଭାବେ କାର୍ଯ୍ୟ କରୁଛୁ । ଏହି ଉଦ୍ୟୋଗ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶାକୁ ଭାରତର ଏକ ସବୁଜ ଶକ୍ତି କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ । ଏହି ଯୌଥ ଉଦ୍ୟୋଗରେ NIRL ୫୧% ଏବଂ ଢଜରଉଇ ୪୯% ଅଂଶଧନ ନିବେଶ କରିବେ । କମ୍ପାନୀର ପରିଚାଳନା ବୋର୍ଡରେ ମୋଟ ପାଂଚ ଜଣ ସଦସ୍ୟ ରହିବେ, ଯେଉଁଥିରେ ଘଓଜଖ ପକ୍ଷରୁ ତିନି ଜଣ ଏବଂ ଢଜରଉଇ ପକ୍ଷରୁ ଦୁଇ ଜଣ ସଦସ୍ୟ ରହିବେ ।

# ଆଇପିଏଲ୍ : ରାଜସ୍ଥାନ ରୟାଲ୍ସ ଯିବେ ହାର୍ଦ୍ଦିକ ପାଣ୍ଡ୍ୟା

ନୂଆଦିଲ୍ଲୀ : ଆଇପିଏଲରେ ପୁଣି ଦୁର୍ବଳ ପ୍ରଦର୍ଶନ ପରେ ହାର୍ଦ୍ଦିକ



ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସରୁ ଅଲଗା ହେବାର ସମ୍ଭାବନା ସୃଷ୍ଟି ହୋଇଛି । ହାର୍ଦ୍ଦିକଙ୍କୁ ମୁମ୍ବାଇ ୨୦୨୪ରେ ଗୁଜରାଟ ଟାଇଟନ୍ସରୁ ଟ୍ରେଡ ଡିଲ ବଳରେ ଆଣିଥିଲା । ଏହାପରେ ସେ ଦଳର କମାଣ ସମ୍ଭାଳି ଥିଲେ । କିନ୍ତୁ ଏବେ ଆଉ ମୁମ୍ବାଇ ସହ ରହିବାକୁ ଚାହୁଁ ନାହାନ୍ତି । ଡ୍ରେସିଂ ରୁମ ବିବାଦ ଯୋଗୁ ହାର୍ଦ୍ଦିକ ଓ ମୁମ୍ବାଇ ଅଲଗା ଅଲଗା ହେବାକୁ ଯାଉନ୍ତି । ରିପୋର୍ଟ ଅନୁସାରେ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ଟ୍ରେଡ ଡିଲ ବଳରେ ନେବାକୁ ରାଜସ୍ଥାନ ରୟାଲ୍ସ ଆଗ୍ରହ ଦେଖାଇଛି । ମୁମ୍ବାଇ ମଧ ହାର୍ଦ୍ଦିକଙ୍କୁ ଛାଡ଼ିବାକୁ ପ୍ରସ୍ତୁତ ରହିଛି । କିନ୍ତୁ ତାଙ୍କ ବଦଳରେ ରାଜସ୍ଥାନର ଜଣେ ବିସ୍ଫୋରକ ବ୍ୟାଟରଙ୍କୁ ଆଣିବାକୁ ଚାହୁଁଛନ୍ତି ଦଳ । ରାଜସ୍ଥାନ ରୟାଲ୍ସ ଯଶସ୍ୱୀ ଜୈସୱାଲଙ୍କୁ ଦେଲେ ମୁମ୍ବାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦେବ ବୋଲି ସର୍ତ୍ତ ରଖିଛି । ଦୁଇ ଫ୍ରାଂଚାଇଜ ଏ ସମ୍ପର୍କରେ ଆଲୋଚନା ପ୍ରାୟ ଶେଷ କରିଛନ୍ତି । ଖୁବଶୀଘ୍ର ଏପରି ଅଦଳବଦଳ ଉପରେ ମୋହର ବାଜିମାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି । ଜୈସୱାଲ ମଧ ଗୋଟିଏରୁ ଦୁଇ ବର୍ଷ ହେଲା ବେଶ ଚର୍ଚ୍ଚାରେ ରହିଛନ୍ତି । ସଞ୍ଜୁ ସାମସନ ରାଜସ୍ଥାନରୁ ଚାଲି ଯିବା ପରେ ଜୈସୱାଲ ରାଜସ୍ଥାନ ଟିମରେ ବଡ଼ ସୁରଷ୍ଟାର ହେବାକୁ ବାଟ ଫିଟିଥିଲା । ସେ ଅଧିନାୟକ ଦୌଡ଼ରେ ବି ରହିଥିଲେ । କିନ୍ତୁ ଟିମ ମ୍ୟାନେଜମେଂଟ ରିୟାନ ପରାଗଙ୍କୁ କ୍ୟାପଟ୍ନେ କରିଛନ୍ତି । ଏହାକୁ ନେଇ ଜୈସୱାଲ ସାମନ୍ୟ ମନ ଉଣା କରିଥିବା କୁହାଯାଉଛି । ଏହାବାଦ ରାଜସ୍ଥାନବ ବ୍ୟାଟିଂ ୟୁନିଟକୁ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆସିବା ପରେ ଜୈସୱାଲଙ୍କ ଗୁରୁତ୍ୱ ମଧ କମି ଯାଇଛି । ସେ ବର୍ତ୍ତମାନ ରାଜସ୍ଥାନ ଟିମର ସବୁଠାରୁ ଚର୍ଚ୍ଚିତ ଚେହେରା ବନି ଯାଇଛନ୍ତି ।

# ଟି-୨୦ ର୍ୟାଙ୍କିଙ୍ଗ: ଶ୍ରୀଚରଣୀ ହେଲେ ୧ ନମ୍ବର ବୋଲର

ନୂଆଦିଲ୍ଲୀ: ଚଳିତ ମହିଳା ଟି-୨୦ ବିଶ୍ୱକପ କ୍ରିକେଟ ଅବସରରେ



ଭାରତର ଉଦୀୟମାନ ସ୍ପିନର ଶ୍ରୀଚରଣୀ ୧ ନମ୍ବର ବୋଲର ହୋଇଛନ୍ତି । ସେ ଇଂଲଣ୍ଡର ଲିସି ସ୍ମିଥଙ୍କୁ ପଛରେ ପକାଇ ଦେଇଛନ୍ତି । ବିଶ୍ୱକପରେ ୨୧ ବର୍ଷୀୟା ଶ୍ରୀଚରଣୀ ୩ଟି ମ୍ୟାଚରେ ୧୦ଟି ୱିକେଟ ଅକ୍ତିଆର କରିଛନ୍ତି । ଭାରତର ସର୍ବକନିଷ୍ଠ ଖେଳାଳି ଭାବେ ସେ ଏହି ସଫଳତା ଅର୍ଜନ କରିଛନ୍ତି । ୧ ବର୍ଷ ମଧ୍ୟରେ ଶ୍ରୀଚରଣୀ ତାଙ୍କ ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି । ପୂର୍ବରୁ ଦୀପ୍ତି ଶର୍ମା ୨୭ ବର୍ଷରେ ଏକ ନମ୍ବର ବୋଲର ହୋଇଥିଲେ । ବ୍ୟାଟର୍ସ ର୍ୟାଙ୍କିଙ୍ଗରେ ଭାରତର ୩ଜଣ ପ୍ରଥମ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ସ୍ମୃତି ମାନ୍ଧନା ୭୪୯ ରେଟିଂ ପଂଏଟ ସହ ୫ମ ସ୍ଥାନରେ ରହିଛନ୍ତି । ସେହିପରି ଓପନର ଶେଫାଳୀ ବର୍ମା ଷଷ୍ଠ ଓ ହରମନପ୍ରୀତ କୌର ୧୦ମରେ ରହିଛନ୍ତି । ଅଲରାଉଣ୍ଡର ର୍ୟାଙ୍କିଙ୍ଗରେ ଦୀପ୍ତି ଶର୍ମା ୩୪୬ ରେଟିଂ ପଂଏଟ ସହ ୪ର୍ଥ ସ୍ଥାନରେ ରହିଛନ୍ତି । ୱେଷ୍ଟଇଣ୍ଡିଜର ହେଲୀ ମାଥ୍ୟୁଜ ଓ ନ୍ୟୁଜିଲାଣ୍ଡର ଅମିଲିୟା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

# ଫିଫା ବିଶ୍ୱକପ ୨୦୨୬ରେ ରେକର୍ଡ଼ ବର୍ଷା ହାସଲ କଲେ ମେସି

ନୂଆଦିଲ୍ଲୀ : ବିଶ୍ୱ ଫୁଟବଲର ଅନ୍ୟତମ ମହାନ ଖେଳାଳି ଲିଓନେଲ ମେସିଙ୍କ ରେକର୍ଡ ବର୍ଷା । ଫିଫା ବିଶ୍ୱକପ ୨୦୨୬ରେ ସେ ଗୋଟିଏ ପରେ ଗୋଟିଏ କୀର୍ତ୍ତିମାନ ହାସଲ କରି ଚାଲିଛନ୍ତି । ନିଜର ୬ଷ୍ଠ ବିଶ୍ୱକପ ଖେଳୁଥିବା ଆର୍ଜେଂଟିନାର ଅଧିନାୟକ ମେସି ସୋମବାର ଅଷ୍ଟ୍ରିଆ



ବିପକ୍ଷରେ ଦେଇଛନ୍ତି ୨ଟି ଗୋଲ । ଆର୍ଜେଂଟିନା ମଧ ୨-୦ରେ ମ୍ୟାଚ୍ ଜିତି ଚଳିତ ବିଶ୍ୱକପର ନକଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛି । ପ୍ରଥମ ମ୍ୟାଚ୍‌ରେ ମେସିଙ୍କ ଆର୍ଜେଂଟିନା ୩-୦ରେ ଆଲଜେରିଆକୁ ହରାଇଥିଲେ । ଏହି ମ୍ୟାଚ୍‌ରେ ମେସି ତାଙ୍କ ବିଶ୍ୱକପ କ୍ୟାରିୟରରେ ପ୍ରଥମ ହ୍ୟାଟ୍ରିକ ଗୋଲ ହାସଲ କରିଥିଲେ । ଏବେ ଅଷ୍ଟ୍ରିଆ ବିପକ୍ଷରେ ମେସି ଆଉ ୨ଟି ଗୋଲ କରି ନୂଆ ରେକର୍ଡ କରିଛନ୍ତି । ବିଶ୍ୱକପ ଇତିହାସରେ ସର୍ବାଧିକ ଗୋଲ ସ୍କୋର କରିଥିବା ତାଲିକାରେ ମେସି ଏବେ ୧ ନମ୍ବରରେ ପହଂଚି ଯାଇଛନ୍ତି । ବିଶ୍ୱକପରେ ମେସି ଏଯାଏ ୧୮ଟି ଗୋଲ ସ୍କୋର କରିଛନ୍ତି । ପୂର୍ବରୁ ଏହି ରେକର୍ଡ ଜର୍ମାନୀର କିମ୍ବଦନ୍ତୀ ଖେଳାଳି ମିରୋସ୍ଲାଭ କ୍ଲୋଜେଙ୍କ ନାଁରେ ରହିଥିଲା । ସେ ୧୬ଟି ଗୋଲ ସ୍କୋର କରିଥିଲେ । ଆଲଜେରିଆ ବିପକ୍ଷରେ ମେସି ହ୍ୟାଟ୍ରିକ ମାରି ଏହି ରେକର୍ଡର ସମକକ୍ଷ ହୋଇଥିଲେ । ଏବେ ଅଷ୍ଟ୍ରିଆ ବିପକ୍ଷ ମ୍ୟାଚ୍‌ରେ ସେ କ୍ଲୋଜେଙ୍କୁ ପଛରେ ପକାଇ ଦେଇଛନ୍ତି । ଟେକ୍ସାସରେ ଅଷ୍ଟ୍ରିଆ ବିପକ୍ଷ ମ୍ୟାଚ୍‌ର ୩୮ତମ ମିନିଟରେ ମେସି ନିଜର ପ୍ରଥମ ଗୋଲ କରିଥିଲେ । ଏହା ବିଶ୍ୱକପରେ ତାଙ୍କର ୧୭ତମ ଗୋଲ ଥିଲା । ଏହାପରେ ସେ ମ୍ୟାଚ୍‌ର ଶେଷ ସମୟରେ ଅର୍ଥାତ ଇଞ୍ଜୁରୀ ଟାଇମରେ ଆଉ ଗୋଟିଏ ଗୋଲ ଦେଇ ବିଶ୍ୱକପ୍‌ରେ ମୋଟ ୧୮ଟି ଗୋଲ୍ ଦେବାର କୀର୍ତ୍ତିମାନର ଅଧିକାରୀ ହୋଇଥିଲଏ । ଅଷ୍ଟ୍ରିଆ ବିପକ୍ଷରେ ମେସିଙ୍କ ଡବଲ ଗୋଲ୍ ବଳରେ ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଂଟିନା ଗ୍ରୁପ ପର୍ଯ୍ୟାୟର ବାକି ଥିବା ଗୋଟିଏ ମ୍ୟାଚ୍ ପୂର୍ବରୁ ରାଉଣ୍ଡ ଅଫ୍ ୩୨କୁ ପ୍ରବେଶ କରିଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**